R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୩୯
ତିଥି : ଚତୁର୍ଥୀ
୦୪ ଜୁନ୍ ୨୦୨୬, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 239
04 June 2026, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଅଗ୍ନିକାଣ୍ଡରେ ୨୧ ମୃତ, ୪୦ ଆହତ



ନୂଆଦିଲ୍ଲୀ, ୦୩।୬ : ଦକ୍ଷିଣ ଦିଲ୍ଲୀର ମାଲବ୍ୟ ନଗରରେ ଥିବା ଏକ ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ ଘଟି ୨୧ ଜଣଙ୍କର ମୃତ୍ୟୁ ଘଟିଛି। ୪୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇଛି। ଏକାଧିକ ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ରେଷ୍ଟୁରାଣ୍ଟ କୋଠାରେ ନିଆଁ ଲାଗିଯାଇଥିବାରୁ ଏଭଳି ଘଟଣା ଘଟିଥିଲା। ରେଷ୍ଟୁରାଣ୍ଟଟି ବିଲ୍ଡିଂର ବେସ୍‌ମେଣ୍ଟରେ ଥିଲା। ନିଆଁର ତୀବ୍ରତା ଦେଖି ଜଣେ (୯ ପୃଷ୍ଠାରେ)

## ରାମେଶ୍ୱରରୁ ପାରାଦୀପ ଉପକୂଳ ରାଜପଥକୁ ମଞ୍ଜୁରୀ

# ଖର୍ଚ୍ଚ ହେବ ୮,୩୦୦ କୋଟି

ଭୁବନେଶ୍ୱର, ୦୩।୬ (ସବ୍ୟୁ) : ଓଡ଼ିଶାରେ ଏକ ଗୁରୁତ୍ୱପୂର୍ଣ୍ଣ ଉପକୂଳ ରାଜପଥ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି କେନ୍ଦ୍ର ସରକାର। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ଓଡ଼ିଶାରେ ହାଇବ୍ରିଡ୍ ଆନୁଇଟି ମଡେଲ୍ ମାଧ୍ୟମରେ ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ନୂତନ ଉପକୂଳ ରାଜପଥ ତିଆରି ହେବ। ମୋଟ ୧୬୦.୧୮ କିଲୋମିଟର ଲମ୍ବ ଏହି ପ୍ରକଳ୍ପ ଲାଗି (୯ ପୃଷ୍ଠାରେ)

## ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ



ଓଡ଼ିଶା ନୂଆ ଉପକୂଳ ରାଜପଥକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁର କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୋସିଆଲ ମିଡ଼ିଆ ଏକ୍ସରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଓଡ଼ିଶାର ବିକାଶ ଲାଗି ସମର୍ଥନ କରିଥିବାରୁ ଧନ୍ୟବାଦ ଜଣାଉଛି। ନୂଆ ଉପକୂଳ ରାଜପଥ ଓଡ଼ିଶାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବ।

## ପୋଲିସ, ଖଣି ଅଧିକାରୀଙ୍କୁ ବାଲି ମାଫିଆଙ୍କ ମାଡ଼

ସୁନ୍ଦରଗଡ଼, ୩।୬ (ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା ଇବ ନଦୀ ଅମଲିପାଲି ବାଲିଘାଟରେ ଚଢ଼ଉ ବେଳେ ଖଣି ଅଧିକାରୀ ଓ ପୁଲିସକୁ ଆକ୍ରମଣ କରିଛନ୍ତି ମାଫିଆ। ଚୋରା ବାଲି ବୋଝେଇ ୬ ଟି ଗାଡ଼ି ଜବତ କରି ଥାନାକୁ ଆଣୁଥିବାବେଳେ ଗାଡ଼ିକୁ ଅଟକାଇ ନିସ୍ତୁକ ପିଟିଲେ ମାଫିଆ। ଜବତ ଗାଡ଼ି ମଧ୍ୟରୁ ୫ଟି ଗାଡ଼ିକୁ ଜୋର୍ କରି ଛଡ଼ାଇ ନେଲେ। ମାଡ଼ ପରେ ବି ମାଫିଆଙ୍କ ହାତରେ ଗୋଟିଏ ଗାଡ଼ି ଥାନାକୁ ନେଇ ଆସିଥିବା ସୂଚନା ମିଳିଛି।

ଏନେଇ କନିଷ୍ଠ ଖଣି ଅଧିକାରୀ ପହଞ୍ଚି ଟାଉନ ଥାନାରେ ଏତଲା ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ମାଫିଆଙ୍କୁ ଧରିବାକୁ ତନାଘନା ଆରମ୍ଭ କରି ଦେଇଛି। ବୁଧବାର ସକାଳୁ ଇବନଦୀ ଅମଲିପାଲି ଘାଟରୁ ବାଲି ଚୋରାଚାଲାଣ ହେଉଥିବା ସୂଚନା ପାଇ କନିଷ୍ଠ ଖଣି ଅଧିକାରୀ ଓ ଟାଉନ ଥାନା ପୁଲିସ ଘାଟରେ ଚଢ଼ଉ କରିଥିଲେ। ୬ଟି ଗାଡ଼ିରେ ବୋଲି ବୋଝେଇ ହୋଇସାରିଥିଲା। ଚଢ଼ଉକାରୀ ଦଳ ତୁରନ୍ତ ଗାଡ଼ିଗୁଡ଼ିକୁ ଜବତ କରିଥିଲେ। ଏହି ସମୟରେ ବାଲି ମାଫିଆମାନେ ଅଚାନକ ଖଣି ଅଧିକାରୀ ଓ ପୁଲିସ ଉପରେ ଆକ୍ରମଣ କରିଥିଲେ।

## ପ୍ରମାଣପତ୍ର ଲାଗି ନାମଲେଖା ନ ହେଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୩।୬ (ସବ୍ୟୁ) : ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବାସିନ୍ଦା, ଆୟ ଏବଂ ଜାତି ପ୍ରମାଣପତ୍ର ସମେତ ବିଭିନ୍ନ ପ୍ରମାଣପତ୍ର ଲାଗି ବହୁ ସଂଖ୍ୟକ ଆବେଦନ କରାଯାଇଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି। ଛାତ୍ରଛାତ୍ରୀମାନଙ୍କର ଯେଭଳି ଅସୁବିଧା ସୃଷ୍ଟି ନ ହୁଏ ଓଡ଼ିଶା ଜନସେବା ଅଧିକାର ଆଇନ୍ ଅଧିନରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏହା ପ୍ରଦାନ କରାଯିବା ଆବଶ୍ୟକ ବୋଲି ସବୁ ଜିଲ୍ଲାପାଳଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି।

ଚିଠିରେ ଉଲ୍ଲେଖ କରାଯାଇଛି ଯେ ଆବେଦନକାରୀଙ୍କ ଇ-ଡିଷ୍ଟ୍ରିକ୍ଟ ପୋର୍ଟାଲରେ ସମ୍ବନ୍ଧୀୟ ତଥ୍ୟ ସହ ଦରଖାସ୍ତ ଉପରେ ତୁରନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ। ବାସିନ୍ଦା ଏବଂ ଆୟ ପ୍ରମାଣପତ୍ର ପାଇଁ ଆବେଦନକାରୀ ଏକ ଘୋଷଣାପତ୍ର ଦାଖଲ କରିଥିବାରୁ କୌଣସି ଅନାବଶ୍ୟକ ବିଳମ୍ବ ନ କରି ତାହାକୁ ତୁରନ୍ତ ପ୍ରଦାନ କରାଯିବ। ଜାତି ପ୍ରମାଣପତ୍ର ସମ୍ବନ୍ଧୀୟ କ୍ଷେତ୍ରୀୟ ଯାଞ୍ଚ ତୁରନ୍ତ ଗ୍ରାମସ୍ତରରେ କରାଯିବା ସହ ଏହି ଯାଞ୍ଚ ପ୍ରକ୍ରିୟା ଆର୍‌ଆଇଙ୍କ ପାଖରେ ୩ ଦିନରୁ ଅଧିକ ସମୟ ରହିବ ନାହିଁ। ପ୍ରଚଳିତ ନିୟମ, ନିର୍ଦ୍ଦେଶାବଳୀ ଏବଂ ଆଇନ୍‌ଗତ ବ୍ୟବସ୍ଥାରେ (୯ ପୃଷ୍ଠାରେ)

## ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ୍ ଦେଖିଲେ ବିଦେଶ ପ୍ରତିନିଧି

ପୁରୀ/ଭୁବନେଶ୍ୱର, ୦୩।୬ (ସବ୍ୟୁ): ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନଡିଏମ୍‌ଏ) ପକ୍ଷରୁ ବୁଧବାର ପୁରୀ ଠାରେ ବ୍ରିକ୍ସ୍ ୨୦୨୬ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀ (ଡିଆର୍‌ଆରଜି)ର ସମ୍ମିଳନୀ ଆରମ୍ଭ ହୋଇଛି। ଏହା ୫ ତାରିଖ ପର୍ଯ୍ୟନ୍ତ ଅର୍ଥାତ ତିନିଦିନ ଧରି ଚାଲିବ। ପ୍ରତିରୋଧ କ୍ଷମତା, ନୂତନ ଜ୍ଞାନକୌଶଳ, ପାରସ୍ପରିକ ସହଯୋଗ ତଥା ସମନ୍ୱୟ ଏବଂ ନିରନ୍ତର ଧାରଣୀୟ ବିକାଶର ନିର୍ମାଣ ଶୀର୍ଷକରେ ଆୟୋଜିତ ଏହି ବୈଠକରେ ବ୍ରିକ୍ସ୍ ସଦସ୍ୟ ରାଷ୍ଟ୍ର ବ୍ରାଜିଲ୍, ଚୀନ୍, ଇଜିପଟ, ଇଥିଓପିଆ,

### ବ୍ରିକ୍ସ୍ ସମ୍ମିଳନୀ-୨୦୨୬ ଆରମ୍ଭ

ଭାରତ, ଇଣ୍ଡୋନେସିଆ, ଇରାନ୍, ରୁଷ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା ଏବଂ ସଂଯୁକ୍ତ ଆରବ ଏମିରେଟସର ବରିଷ୍ଠ ଅଧିକାରୀ ଓ ବୈଷୟିକ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ ବିପଦ ହ୍ରାସ କ୍ଷେତ୍ରରେ ପାରସ୍ପରିକ ସହଯୋଗକୁ ସୁଦୃଢ଼ କରିବେ।

ସମ୍ମିଳନୀରେ ଗୋଷ୍ଠୀଭିତ୍ତିକ ବିପର୍ଯ୍ୟୟ ବିପଦ ହ୍ରାସ, ବିପର୍ଯ୍ୟୟ ପରିଚାଳନା ପାଇଁ ଅର୍ଥ ବ୍ୟବସ୍ଥା, ବହୁମୁଖୀ ବିପଦ ପାଇଁ ପୂର୍ବ ସତର୍କୀକରଣ ବ୍ୟବସ୍ଥା, ବିପର୍ଯ୍ୟୟ-ପ୍ରତିରୋଧକ ଭିତ୍ତିଭୂମି, ପ୍ରକୃତିଭିତ୍ତିକ (୯ ପୃଷ୍ଠାରେ)




## ଇତିହାସ

୧୬୭୪- ଆମେରିକାର ମାସାଚୁ୍ୟସେଟ୍ସ ସହରରେ ଘୋଡା ଦୌଡ ଉପରେ ପ୍ରତିବନ୍ଧକ ।

୧୮୦୫- ତ୍ରିପୋଲୀ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ପ୍ରଥମ ବାରବାଲୀ ଯୁଦ୍ଧ ସମାପ୍ତ ହୋଇଥିଲା ।

୧୮୪୫- ମେକ୍ସିକୋ ଏବଂ ଆମେରିକା ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା ।

୧୯୨୦- ହଙ୍ଗରୀ ସାମ୍ରାଜ୍ୟକୁ ପାଞ୍ଚଟି ଦେଶରେ ବିଭାଜିତ କରାଗଲା ।

୧୯୨୮- ଚୀନ୍‌ର ରାଷ୍ଟ୍ରପତି ହଙ୍ଗ୍ ଜୋଲିନଙ୍କୁ ଜଣେ ଜାପାନୀ ଏଜେଣ୍ଟ୍ ହତ୍ୟା କରିଥିଲେ ।

୧୯୨୯- ଜର୍ଜ ଇଷ୍ଟ୍‌ମ୍ୟାନ୍ ପ୍ରଥମ ରଙ୍ଗୀନ ଫିଲ୍ମର ନମୁନା ଜାରି କରିଥିଲେ ।

୧୯୪୦- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀର ସେନା ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ପ୍ରବେଶ କରିଥିଲେ ।

୧୯୭୦- ବ୍ରିଟେନ୍‌ରୁ ଅଲଗା ହୋଇ ଟୋଙ୍ଗା ଏକ ସ୍ୱତନ୍ତ୍ର ଦେଶ ହୋଇଥିଲା ।

୨୦୧୨- ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକର ସଂସଦର ଉଚ୍ଚସଦନ ରାଜ୍ୟସଭା ସଦସ୍ୟ ରୂପେ ଶପଥ ଗ୍ରହଣ କଲେ ।

୨୦୧୩- ଆଇବିଏମ୍ ୨ ବିଲିୟନ୍ ଡଲାର ପାଇଁ କ୍ଲାଉଡ୍ କମ୍ପ୍ୟୁଟିଙ୍ଗ୍ ଫାର୍ମ ସଫ୍ଟଲେୟାର୍ ଟେକ୍ନୋଲୋଜିଜ୍‌କୁ କିଣିବା ପାଇଁ ସହମତି ପ୍ରକାଶ କଲା ।

୨୦୧୫- ଘାନାରେ ଏକ ପେଟ୍ରୋଲ୍ ପମ୍ପରେ ଅଗ୍ନିକାଣ୍ଡ ଘଟି ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିଲା ।



## ୧୯ ଦିନରେ ୫୭ ମହଲା

ଅନେକ ସମୟରେ ଚୀନ ଏଭଳି କିଛି କାର୍ଯ୍ୟ କରିଥାଏ, ଯେଉଁଥିପାଇଁ ସେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଥାଏ । ସେହିକ୍ରମରେ ବର୍ତ୍ତମାନ ଚୀନ୍ ମାତ୍ର ୧୯ ଦିନ ଭିତରେ ଏକ ୫୭ ମହଲା ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ କରି ସାରା ବିଶ୍ୱକୁ ଚକିତ କରିଛି । ଯାହାକୁ 'ମଡ୍ୟୁଲାର କନ୍‌ଷ୍ଟ୍ରକସନ' ଜ୍ଞାନକୌଶଳ ସାହାଯ୍ୟରେ ପ୍ରସ୍ତୁତ କରାଯାଇଛି । ଏହି ଅତ୍ୟାଧୁନିକ ପ୍ରଣାଳୀରେ ବିଲ୍ଡିଂର ବଡ଼ ବଡ଼ ଅଂଶଗୁଡ଼ିକୁ ପ୍ରଥମେ ଫ୍ୟାକ୍ଟ୍ରିରେ ତିଆରି କରାଯାଇଥାଏ ଏବଂ ପରେ ସେଗୁଡ଼ିକୁ ନିର୍ମାଣ ସ୍ଥଳକୁ ଆଣି ଅତି ଦ୍ରୁତ ଗତିରେ ପରସ୍ପର ସହ ଯୋଡ଼ା ଯାଇଥାଏ । ଯାହାଦ୍ୱାରା କେବଳ ନିର୍ମାଣ ସମୟ କମି ନଥାଏ, ବରଂ ପ୍ରକଳ୍ପର ଖର୍ଚ୍ଚ ଓ ବର୍ଜ୍ୟବସ୍ତୁ ମଧ୍ୟ ହ୍ରାସ ପାଇଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏତେ ଶୀଘ୍ର ପ୍ରସ୍ତୁତ ହୋଇଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ଭୂକମ୍ପ ନିରୋଧୀ ବୈଷୟିକ ଜ୍ଞାନକୌଶଳରେ ଡିଜାଇନ୍ କରାଯାଇଛି । ଯେଉଁଥିରେ ଅତି ଶକ୍ତିଶାଳୀ ଢାଞ୍ଚା ସହିତ 'ସକ୍ ଅବ୍‌ଜର୍ବି ସିଷ୍ଟମ୍' ଲଗାଯାଇଛି । ଯାହା ବର୍ତ୍ତମାନ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି ।



## ମାଟିରେ ମିଶିବ ପ୍ଲାଷ୍ଟିକ

ଆଜିକାଲି ପ୍ଲାଷ୍ଟିକ ସାରା ବିଶ୍ୱର ମୁଣ୍ଡବିନ୍ଧାର କାରଣ ପାଲଟିଛି । ପ୍ଲାଷ୍ଟିକ ଆବର୍ଜନାକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତେ ବିଭିନ୍ନ ପ୍ରକାର ପନ୍ଥା ଆପଣାଉଛନ୍ତି । ସେହିକ୍ରମରେ ଚୀନ୍‌ର ବୈଜ୍ଞାନିକମାନେ ବାଉଁଶରୁ ଏଭଳି ଏକ ବାୟୋପ୍ଲାଷ୍ଟିକ୍ ପ୍ରସ୍ତୁତ କରିଛନ୍ତି, ଯାହା ଦେଖିବାକୁ ଏବଂ ବ୍ୟବହାରରେ ପେଟ୍ରୋଲିୟମରୁ ନିର୍ମିତ ସାଧାରଣ ପ୍ଲାଷ୍ଟିକ୍ ଭଳି । ହେଲେ ମାତ୍ର ୫୦ ଦିନ ମଧ୍ୟରେ ଏହା ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶିଯିବବୋଲି ବୈଜ୍ଞାନିକମାନେ ପ୍ରସ୍ତୁତ କରିଛନ୍ତି । ଏହାକୁ ଚୀନ୍‌ର 'ନର୍ଥଇଷ୍ଟ ଫରେଷ୍ଟ୍ରି ୟୁନିଭର୍ସିଟି'ର ଗବେଷକମାନେ ବାଉଁଶର ସେଲ୍ୟୁଲୋଜ୍ ବ୍ୟବହାର କରି ପ୍ରସ୍ତୁତ କରିଛନ୍ତି । ଯାହା ଅତ୍ୟନ୍ତ ମଜବୁତ ହେବା ସହିତ ଉଚ୍ଚ ତାପମାତ୍ରା ବା ଗରମ ମଧ୍ୟ ସହ୍ୟ କରିପାରେ । ଲାବୋରେଟୋରୀ ପରୀକ୍ଷଣରୁ ଜଣାପଡ଼ିଛି ଯେ, ଏହି ପ୍ଲାଷ୍ଟିକ୍ ମାଟିରେ ମିଶିବା ସମୟରେ ନିଜେ ନିଜେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥାଏ । ଏହାଦ୍ୱାରା ପରିବେଶରେ କୌଣସି ପ୍ରକାରର ବିଷାକ୍ତ କେମିକାଲ୍ ବା ଟକ୍ସିନ୍ ସୃଷ୍ଟି ହୁଏନାହିଁ । ଯାହାଫଳରେ ସାରା ବିଶ୍ୱରେ ବଢୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସମସ୍ୟାର ସମାଧାନ ପାଇଁ ଏହାକୁ ଏକ ବଡ଼ ସଫଳତା ବୋଲି କୁହାଯାଉଛି । ଭବିଷ୍ୟତରେ ଯଦି ଏହାର ବ୍ୟାପକ ସ୍ତରରେ ଉତ୍ପାଦନ ଆରମ୍ଭ ହୁଏ, ତେବେ ପ୍ୟାକେଜିଂ ସାମଗ୍ରୀ, ଆସବାବପତ୍ର , ଇଲେକ୍ଟ୍ରୋନିକ୍ସ ଏବଂ ଅନ୍ୟାନ୍ୟ ଅନେକ ଶିଳ୍ପ କ୍ଷେତ୍ରରେ ଏହାର ବହୁଳ ବ୍ୟବହାର କରାଯାଇପାରିବ ।



## ରୋଲ୍ସ-ରୟସ ପଗଡ଼ି ଚ୍ୟାଲେଞ୍ଜ

ବ୍ରିଟେନର ଜଣେ ପ୍ରସିଦ୍ଧ ବ୍ୟବସାୟୀ ରୁବେନ ସିଂହ ନିଜର ବିଳାସପୂର୍ଣ୍ଣ କାର୍ ଏବଂ ପଗଡ଼ି ପାଇଁ ସାରା ବିଶ୍ୱରେ ଚର୍ଚ୍ଚାରେ ରହିଛନ୍ତି । ଯାହାଙ୍କୁ ଅନେକ ଲୋକ 'ବ୍ରିଟିଶ ବିଲ୍ ଗେଟ୍ସ' ବୋଲି ମଧ୍ୟ କହିଥାନ୍ତି । ବାସ୍ତବରେ, ବର୍ଷ ୨୦୧୭ ରେ କେହି ଜଣେ ତାଙ୍କ ପଗଡ଼ିକୁ ନେଇ କଟାକ୍ଷ କରିବା ପରେ, ରୁବେନ ଏହାର ଜବାବରେ 'ରୋଲ୍ସ-ରୟସ ଟର୍ବାନ ଚ୍ୟାଲେଞ୍ଜ' ଆରମ୍ଭ କରିଥିଲେ । ସେ ପୂରା ସପ୍ତାହ ନିଜ ପଗଡ଼ିର ରଙ୍ଗ ସହିତ ମେଳ ଖାଉଥିବା ରୋଲ୍ସ-ରୟସ କାର୍ ଚଲାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ । ଏହି ନିଆରା ଚ୍ୟାଲେଞ୍ଜର ମୂଳ ଉଦ୍ଦେଶ୍ୟ ଥିଲା ନିଜ ସଂସ୍କୃତି ପ୍ରତି ଗର୍ବ ପ୍ରଦର୍ଶନ କରିବା ଏବଂ ଲୋକଙ୍କୁ ନିଜର ସ୍ୱତନ୍ତ୍ରତାର ଗୁରୁତ୍ୱ ବୁଝାଇବା । ଯାହା ଦେଖୁଦେଖୁ ସୋସିଆଲ ମିଡିଆରେ ଭାଇରାଲ ହେବା ସହ ଇଣ୍ଟରନେଟର ସବୁଠାରୁ ଚର୍ଚ୍ଚିତ ଅଟୋମୋବାଇଲ ଟ୍ରେଣ୍ଡରେ ସାମିଲ ହୋଇଥିଲା । ରୁବେନ ସିଂହଙ୍କ ପାଖରେ ପ୍ରାୟ ୧୫ ରୁ ୨୦ଟି କଷ୍ଟମାଇଜ୍ଡ ରୋଲ୍ସ-ରୟସ କାର୍ ରହିଛି, ଯେଉଁଥିରେ ଅନେକ ରୋଲ୍ସ-ରୟସ କଲିନନ୍ ଏବଂ ରୋଲ୍ସ-ରୟସ ଫାଣ୍ଟମ ମଡେଲ ସାମିଲ ରହିଛି । ସେ ଆଜି ବି ସୋସିଆଲ ମିଡିଆରେ ନିଜର ମ୍ୟାଚିଂ ପଗଡ଼ି ଓ କାର୍‌ର ସୁନ୍ଦର ଫଟୋଗୁଡ଼ିକ ଶେୟାର କରି ଏହି ପରମ୍ପରାକୁ ଜାରି ରଖିଛନ୍ତି ।



## ରାଗିଥିଲେ ବାପା ମା

ବଲିଉଡର ଅଭିନେତ୍ରୀ କଙ୍ଗନା ରାନାୱତ ନିଜର ଆଗାମୀ ଚଳଚ୍ଚିତ୍ର 'ଭାରତ ଭାଗ୍ୟ ବିଧାତା'ର ପ୍ରମୋସନ ସମୟରେ ନିଜ କ୍ୟାରିୟରର ପ୍ରାରମ୍ଭିକ ଦିନର କିଛି ଅକୁହା କଥା ଦର୍ଶକଙ୍କ ସହିତ ସେୟାର କରିଛନ୍ତି । ତାଙ୍କର ପ୍ରଥମ ଫିଲ୍ମ 'ଗ୍ୟାଙ୍ଗଷ୍ଟର'ରେ 'ସିମରନ୍' ଚରିତ୍ରର କିଛି ବୋଲ୍ଡ ଦୃଶ୍ୟକୁ ଦେଖି ତାଙ୍କ ମାତାପିତା ବହୁତ ଚିନ୍ତିତ ଥିଲେ ଏବଂ ଅନ୍ୟ ଲୋକଙ୍କର ପ୍ରତିକ୍ରିୟାକୁ ନେଇ ଭୟଭୀତ ଥିଲେ ବୋଲି କଙ୍ଗନା ପ୍ରକାଶ କରିଛନ୍ତି । କଙ୍ଗନାଙ୍କ ମା' ତାଙ୍କର କମ୍ ବୟସରେ ଏଭଳି ସିନ୍ କରିବାକୁ ନେଇ ଆପତ୍ତି କରିଥିଲେ । ଏହି ଘଟଣା ପରେ ସେ ପରିବାରରୁ ଖୁବ କମ ଆଶା ରଖିଥିବା ପ୍ରକାଶ କରିଛନ୍ତି । ତେବେ ସମୟ ସହିତ ତାଙ୍କ ପରିବାରର ଚିନ୍ତାଧାରାରେ ବଡ଼ ପରିବର୍ତ୍ତନ ଆସିଥିଲା, ଯେତେବେଳେ କଙ୍ଗନାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ପରେ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମଶ୍ରୀ'ରେ ସମ୍ମାନିତ କରାଗଲା । ଯାହା ପରିବାର ପାଇଁ ଏକ ବଡ଼ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହେବା ସହ ଅଭିନୟ ଦୁନିଆରେ ମଧ୍ୟ ସମ୍ମାନ ଓ ପ୍ରତିଷ୍ଠା ମିଳିପାରେ ବୋଲି ସେମାନଙ୍କର ବିଶ୍ୱାସ ଜନ୍ମାଇଥିଲା । ତାଙ୍କର ପରିଶ୍ରମ ତାଙ୍କ ପରିବାରର ଭାବନାକୁ ପରିବର୍ତ୍ତନ କରିପାରି ଥିବା କଙ୍ଗନା ପ୍ରକାଶ କରିଛନ୍ତି । ବାସ୍ତବ ଘଟଣା ଉପରେ ଆଧାରିତ କଙ୍ଗନାଙ୍କ ଏହି ନୂଆ ଫିଲ୍ମ 'ଭାରତ ଭାଗ୍ୟ ବିଧାତା'ରେ ଗିରିଜା ଓକ, ସ୍ମିତା ତାମ୍ବେ ଏବଂ ଇଶା ଦେ'ଙ୍କ ଭଳି କଳାକାର ପ୍ରମୁଖ ଭୂମିକାରେ ଅଛନ୍ତି । ଫିଲ୍ମର ନିର୍ଦ୍ଦେଶନା ଭାର ମନୋଜ ତାପଡ଼ିଆ ସମ୍ଭାଳିଥିବାବେଳେ ଆସନ୍ତା ୧୨ ଜୁନ୍ ୨୦୨୬ରେ ଏହା ରିଲିଜ ହେବବୋଲି ସୂଚନା ରହିଛି ।

## ଔଷଧ ଦ୍ୱାରା ଉଠିବ ନୂଆ ଦାନ୍ତ

ଜାପାନର 'ଟୋରେଜେମ୍ ବାୟୋଫାର୍ମା' ନାମକ ଏକ କମ୍ପାନୀ ମଣିଷର ଦାନ୍ତ ପୁଣିଥରେ ଉଠିବା ପାଇଁ ଟିଆରଜି ୦୩୫ ନାମକ ଏକ ବିଶେଷ ଔଷଧ ପ୍ରସ୍ତୁତ କରୁଥିବା ନେଇ ଚର୍ଚ୍ଚା ହେଉଛି । ଏଥିପାଇଁ କମ୍ପାନୀ ପ୍ରାୟ ୫୩ ଲକ୍ଷ ଡଲାରର ପାଣ୍ଠି ମଧ୍ୟ ସଂଗ୍ରହ କରିଥିବା ଜଣା ପଡିଛି । ଏହି ଔଷଧଟି ଶରୀରରେ ଥିବା ୟୁଏସଏଜି ୧ ନାମକ ପ୍ରୋଟିନ୍‌କୁ ରୋକିବା ପାଇଁ କାମ କରିଥାଏ, ଯାହା ସାଧାରଣତଃ ନୂଆ ଦାନ୍ତ ଉଠିବାର ପ୍ରକ୍ରିୟାକୁ ବନ୍ଦ କରିଥାଏ । ଏହି ଗବେଷଣାର ଫେଜ୍-୧ ଟ୍ରାୟଲ୍ ଅକ୍ଟୋବର ୨୦୨୪ରେ କ୍ୟୋଟୋ ୟୁନିଭର୍ସିଟି ହସ୍ପିଟାଲ୍‌ରେ ଆରମ୍ଭ ହୋଇଥିଲା । ଯେଉଁଥିରେ ଗୋଟିଏ କିମ୍ବା ତାଠାରୁ ଅଧିକ ଦାନ୍ତ ନଥିବା ୩୦ ଜଣ ବ୍ୟକ୍ତିଙ୍କୁ ସାମିଲ କରାଯାଇଥିଲା । ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ ଏହି ଔଷଧଟି ସମ୍ପୂର୍ଣ୍ଣ ସୁରକ୍ଷିତ ଜଣାପଡ଼ିଛି । ପ୍ରାଥମିକ ପର୍ଯ୍ୟାୟରେ ଏହି ଔଷଧର ବ୍ୟବହାର ସେହିପରି ପିଲାମାନଙ୍କ ପାଇଁ କରାଯିବ, ଯେଉଁମାନେ ଜନ୍ମରୁ କିଛି କିମ୍ବା ସମସ୍ତ ସ୍ଥାୟୀ ଦାନ୍ତ ବିନା ଜନ୍ମଗ୍ରହଣ କରିଥାନ୍ତି । ତେବେ ଏହା ପାରମ୍ପରିକ 'ଦାନ୍ତ ଇମ୍ପ୍ଲାଣ୍ଟ'ର ବିକଳ୍ପ ହୋଇପାରିବ କି ନାହିଁ, ସେ ନେଇ ବର୍ତ୍ତମାନ ବୈଜ୍ଞାନିକମାନେ ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି । କାରଣ ପଶୁମାନଙ୍କ ଉପରେ ଏହାର ପରୀକ୍ଷଣ ସଫଳ ହୋଇଥିଲେ ମଧ୍ୟ ମଣିଷ ଶରୀରରେ ଦାନ୍ତ ଉଠିବା ନେଇ ସମ୍ପୂର୍ଣ୍ଣ ସ୍ପଷ୍ଟତା ମିଳିବା ଏବେ ବି ବାକି ଅଛି ।

## ସୋସିଆଲ କୋଟ୍ସ



ମୋତେ ଭାରତୀୟ ସଙ୍ଗୀତ ଖୁବ ପସନ୍ଦ ଆସିଥାଏ । ବିଶେଷଭାବେ ବଲିଉଡ ସଙ୍ଗୀତ ଦର୍ଶକଙ୍କ ଜୀବନର ଏକ ଅଂଶ ପାଲଟିଯାଇଥାଏ । ସବୁ କଥାରେ ବଲିଉଡ ସଙ୍ଗୀତର ଖୋଜା ପଡିଥାଏ ।

**ଶରବରୀ ବାଗ, ଅଭିନେତ୍ରୀ**



ରଣବୀର ଏଭଳି ଏକ ଅଭିନେତା ଯାହାଙ୍କୁ ନେଇ ବିଭିନ୍ନ ପ୍ରକାର ଏକ୍ସପେରିମେଣ୍ଟ କରାଯାଇ ପାରିବ । ସେ ସବୁ ପ୍ରକାର ଚରିତ୍ରକୁ ଖୁବ ସୁନ୍ଦର ଓ ନିଖୁଣ ଭାବେ ପରଦାରେ ଅଭିନୟ କରିପାରିବେ ।

**ଇମତିଆଜ ଅଲ୍ଲୀ, ଫିଲ୍ମମେକର**



ମୁଁ ସେତେବେଳେ ଅନେକ ଭୁଲ କରିଛି । ମୋତେ ପରିବାର ସହିତ ଅନେକ ଲୋକ ମୋ ଭୁଲ ଦର୍ଶାଇଛନ୍ତି । ହେଲେ କାହା କଥା ଶୁଣିନଥିଲି, ଯାହାର ଫଳ ମୁଁ ବର୍ତ୍ତମାନ ପାଉଛି ।

**ହନି ସିଂ, ସିଙ୍ଗର**




## ଘୁଷୁରୀର ମୂଲ୍ୟ ୫ କୋଟି

ଆମେରିକାର ହ୍ୟୁଷ୍ଟନ ଲାଇଭ୍‌ଷ୍ଟକ୍ ଶୋ'ରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ୧୩ ବର୍ଷର ବାଳକ ନିଜର ଗୋଟିଏ ପୋଷା ଘୁଷୁରିକୁ ପ୍ରାୟ ୪.୭୫ କୋଟି ଟଙ୍କାରେ ବିକ୍ରି କରିଛି । ସାଧାରଣତଃ ଆମେରିକାରେ ଗୋଟିଏ ଘୁଷୁରିର ହାରାହାରି ମୂଲ୍ୟ ୫୦ ହଜାର ଟଙ୍କା ହୋଇଥିବା ବେଳେ ଏହି ବାଳକ ଜଣକ ନିଜ ପୋଷା ଜୀବକୁ ୫ ଲକ୍ଷ ଡଲାର ଅର୍ଥାତ୍ ପ୍ରାୟ ୫ କୋଟି ଟଙ୍କାରେ ବିକ୍ରି କରିବାରେ ସଫଳ ହୋଇଛି । ଯାହାକି ସେହି ଶୋ'ରେ 'ଗ୍ରାଣ୍ଡ ଚାମ୍ପିୟନ ଜୁନିୟର ମାର୍କେଟ ବାରୋ' ବିବେଚିତ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଏହି ପ୍ରଦର୍ଶନୀରେ ପିଲାମାନେ ମାସ ମାସ ଧରି ପଶୁପାଳନ କରନ୍ତି ଏବଂ ପରେ ସେମାନଙ୍କର ନିଲାମୀ କରାଯାଇଥାଏ । ତେବେ ଏହି ନିଲାମୀରେ ମିଳୁଥିବା ବିପୁଳ ପରିମାଣର ଅର୍ଥ କେବଳ ପଶୁ ପାଇଁ ନୁହେଁ, ବରଂ ପିଲାମାନଙ୍କର କଠିନ ପରିଶ୍ରମ, ସେମାନଙ୍କର ପାଠପଢ଼ା, କୃଷି କାର୍ଯ୍ୟକ୍ରମ ଏବଂ ସ୍ଥାନୀୟ କମ୍ୟୁନିଟିର ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ବଡ଼ ବଡ଼ ବ୍ୟବସାୟୀ, କମ୍ପାନୀ ଏବଂ ଧନୀ ଦାତାମାନଙ୍କ ଦ୍ୱାରା ବୋଲି ଲଗାଇ ପ୍ରଦାନ କରାଯାଇଥାଏ । ଦେଖିବାକୁ ଏହା ଘୁଷୁରି ପାଇଁ ଏକ ମାମୁଲି କ୍ରୟ-ବିକ୍ରୟ ଭଳି ମନେ ହେଉଥିଲେ ମଧ୍ୟ ପ୍ରକୃତରେ ଏହା ପିଲାମାନଙ୍କ ଭବିଷ୍ୟତ ପାଇଁ ଏକ ପ୍ରକାରର ସ୍କଲାରସିପ୍ ଏବଂ ଆର୍ଥିକ ସହାୟତା ଭାବେ କାର୍ଯ୍ୟ କରିଥାଏ, ଯାହା ସେମାନଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରେ ।



**ମେଷ:** ବ୍ୟବସାୟିକ ଲାଭ, ଦୂରଯାତ୍ରା, ତୀର୍ଥାଟନ, ଆଶା ସଫଳ, ମାନସିକ ଶାନ୍ତି, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ନୂତନ ଆୟ, ବନ୍ଧୁ ଲାଭ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**ବୃଷ:** ଶତ୍ରୁରେ ବିଜୟ, ନୂତନ କାର୍ଯ୍ୟ ଆରମ୍ଭ, ଗୃହେ ସହଯୋଗ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ସୁସମାଚାର, ସୁମିଷ୍ଟ ଭୋଜନ, ଦୂରଯାତ୍ରାରେ ସମସ୍ୟା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ଭଗବାନ ଶଙ୍କର ।

**ମିଥୁନ:** ସନ୍ତାନକଷ୍ଟ, ଆଶା ବିଫଳ,ବ୍ୟବସାୟିକ କଷ୍ଟ, ଲୋକସମ୍ପର୍କ ବୃଦ୍ଧି, ଅର୍ଥସମସ୍ୟା, ଶରୀର ସୁସ୍ଥ, ଦ୍ରବ୍ୟଲାଭ, ମାନସିକ ଅବସାଦ, ଦାମ୍ପତ୍ୟଖୁସି, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୫, ଆରାଧନା-ଗ୍ରାମଦେବତୀ ।

**କର୍କଟ:** ଅପମାନଯୋଗ, ଅର୍ଥଚିନ୍ତା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦେବଦର୍ଶନ, ପୁରାତନ ବନ୍ଧୁଲାଭ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଶରୀର ସୁସ୍ଥ, ନୂତନ କାର୍ଯ୍ୟେ ସନ୍ତୁଷ୍ଟ, ଦୂରସ୍ଥାନେ ସତର୍କ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୪, ଆରାଧନା-ଲକ୍ଷ୍ମୀନୃସିଂହ ।

**ସିଂହ:** ବିଶିଷ୍ଟ କାର୍ଯ୍ୟରେ ଲାଭ, ଅତିଥିସତ୍କାର, ସମ୍ପତ୍ତିଲାଭ, ବିବାଦ ସମାଧାନ, ଅର୍ଥଲାଭ, ବନ୍ଧୁଲାଭ, ଶତ୍ରୁ ପରାଜିତ, ମାନସିକ ଶାନ୍ତି, ହଠାତ୍ ଦୂରଯାତ୍ରା, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର, ସଂଖ୍ୟା-୮, ଆରାଧନା-ପ୍ରଭୁ ହନୁମାନ ।

**କନ୍ୟା:** ଯାତ୍ରାକଷ୍ଟ, ଶରୀର ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ,ନୂତନ ସମସ୍ୟା, ବନ୍ଧୁଲାଭ, ଅଳ୍ପ ଶତ୍ରୁସମସ୍ୟା, ମାନସିକ ଅବସାଦ, ଦାମ୍ପତ୍ୟସୁଖ, ସନ୍ତାନଖୁସି, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାସି, ସଂଖ୍ୟା-୬, ଆରାଧନା-ମା' ବାଟମଙ୍ଗଳା ।

**ତୁଳା:** ସମ୍ମାନଲାଭ, ଦୂରଯାତ୍ରାରେ ଲାଭ, ନୂତନ କର୍ମନିଯୁକ୍ତି, ଶୁଭଖବର, ମାନସିକ ଶାନ୍ତି, ସନ୍ତାନଲାଭ, ସମସ୍ୟା ସମାଧାନ, କଚେରୀମାମଲା ସମାଧାନ, ଶରୀର ସୁସ୍ଥ, ଦ୍ରବ୍ୟଲାଭ, ଆଶା ସଫଳ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**ବିଛା:** ସ୍ୱାସ୍ଥ୍ୟସମସ୍ୟା, ଆର୍ଥିକ ସାହାଯ୍ୟ, ନୂତନ କାର୍ଯ୍ୟରେ କଷ୍ଟ, ପାରିବାରିକ ଶାନ୍ତି, ଗୃହେ ଉତ୍ସବ, ଶତ୍ରୁ ପରାଜିତ, ବ୍ୟବସାୟରେ ଲାଭ, ଉଚ୍ଚଆଶାରେ ବିଳମ୍ବ, ବ୍ୟକ୍ତି ସହଯୋଗ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ସୁସମ୍ପର୍କ, ମାନସିକ ଶାନ୍ତି, ଅର୍ଥଲାଭ, ନୂତନ କର୍ମ ଆରମ୍ଭ, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ବ୍ୟବସାୟରେ ଲାଭ, ବାକିଦ୍ରବ୍ୟ ପ୍ରାପ୍ତି, ନୂତନ ଆୟ, ପ୍ରୀତି ବୃଦ୍ଧି, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ମା' ଭୁବନେଶ୍ୱରୀ ।

**ମକର:** ଗୁରୁଜନଙ୍କ ଆଶୀର୍ବାଦ, କିଛି କାର୍ଯ୍ୟରେ ବିଳମ୍ବ, ସମ୍ପର୍କରେ ଉନ୍ନତି, ବନ୍ଧୁସାହାଯ୍ୟ, ନୂତନ ଲାଭ, ମାନସିକ ଶାନ୍ତି, ଶତ୍ରୁ ପରାଜିତ, ସନ୍ତାନଖୁସି, ବିଦ୍ୟାରେ ସଫଳ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୬, ଆରାଧନା-ମା' ଗୌରୀ ।

**କୁମ୍ଭ:** ବନ୍ଧୁସାହାଯ୍ୟ, ଅନୁଷ୍ଠାନରୁ ଲାଭ, ଆଶା ସଫଳ, ସୁସମ୍ବାଦ ପ୍ରାପ୍ତି, ଅର୍ଥଲାଭ, ମାନସିକ ଶାନ୍ତି, ଦ୍ରବ୍ୟଲାଭ, ବ୍ୟବସାୟିକ କଷ୍ଟ, ଯାତ୍ରାରେ ସତର୍କ, ଶତ୍ରୁ ସମସ୍ୟା, ନୂତନ କର୍ମ ଆରମ୍ଭ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

**ମୀନ:** ଶରୀର କଷ୍ଟ, ଯାତ୍ରାରେ ସତର୍କ, କାର୍ଯ୍ୟରେ ବିଳମ୍ବ, ବନ୍ଧୁସାହାଯ୍ୟ, ଋଣକରିପାରନ୍ତି, ବ୍ୟବସାୟିକ ଲାଭ, ଦୂରଯାତ୍ରା, ନୂତନ କାର୍ଯ୍ୟ ଆରମ୍ଭ, ଅଳ୍ପଲାଭ, ଗୃହ ସମସ୍ୟା ସମାଧାନ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ମା' ବଗଳାମୁଖୀ ।

**ଜ୍ୟେଷ୍ଠ କୃଷ୍ଣପକ୍ଷ ଚତୁର୍ଥୀ**
**୪.୬.୨୦୨୬, ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ନିଜ ଗାଁରେ ବଡ଼ଭାଇଙ୍କ ଶେଷକୃତ୍ୟରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ

## ଅଶ୍ରୁଳ ଆଖିରେ ଭାଇଙ୍କୁ ଦେଲେ ବିଦାୟ

କେନ୍ଦୁଝର,(ଜିପ୍ର): ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ବଡ଼ବାପାଙ୍କ ପୁଅ ଭାଇ ଦୀନବନ୍ଧୁ ମାଝୀଙ୍କ ଆକସ୍ମିକ ମୃତ୍ୟୁ ଘଟିବା ପରେ ବୁଧବାର ଦିନ ତାଙ୍କ ନିଜ ଗାଁ କେନ୍ଦୁଝର ଜିଲାର ରାଇକଳାକୁ ଅଣାଯାଇଥିଲା । ତାଙ୍କର ଦେହାନ୍ତ ଖବର ଶୁଣି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦୁଃଖରେ ମ୍ରିୟମାଣ ହୋଇପଡ଼ିବା ସହ ଭାଇଙ୍କ ଶେଷକୃତ୍ୟରେ ସାମିଲ ହେବା ଅପରାହ୍ନରେ ନିଜ ଗାଁ ରାଇକଳାରେ ପହଞ୍ଚିଥିଲେ । ଗ୍ରାମରେ ପହଞ୍ଚି ତାଙ୍କର ଅନ୍ତେଷ୍ଟି କ୍ରିୟାରେ ସାମିଲ ହୋଇଥିଲେ । ଏହାକୁ ନେଇ ରାଇକଳା ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ଅନ୍ତେଷ୍ଟି କ୍ରିୟାରେ ସାମିଲ ହେବା ଦଳୀୟ ତଥା ସ୍ଥାନୀୟ ବ୍ୟକ୍ତି ତଥା କର୍ମୀଙ୍କ ପ୍ରବଳ ଭିଡ଼ ଜମିଥିଲା । ଦୀନବନ୍ଧୁ ଭୁବନେଶ୍ୱର ଲୋୟର ପିଏମଜିରେ ଥିବା ସରକାରୀ ବାସଭବନରେ ରହୁଥିଲେ । ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କ ଛାତିରେ ହଠାତ ଯନ୍ତ୍ରଣା ଅନୁଭବ ହୋଇଥିଲା । ପରେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ହିତାଧିକାରୀଙ୍କୁ ଭତ୍ତାବଣ୍ଟନ

ଧର୍ମଶାଳା,(ସବ୍ୟୁ): ଧର୍ମଶାଳା ବ୍ଲକ କଂଟିଗଡିଆ ପଞ୍ଚାୟତରେ ବୁଧବାରଦିନି ୩୪ ଜଣ ହିତାଧିକାରୀଙ୍କୁ ଭତା ବଂଟନ କରାଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖରର ସାହୁଙ୍କ ନିର୍ଦ୍ଦେଶକ୍ରମେ ଆରୁହା ମଣ୍ଡଳ ବିଜେପି ସଭାପତି ଜିତେନ୍ଦ୍ର ରାଉତ, ସମିତିସଭ୍ୟ ଅରୁପାନନ୍ଦ ଜେନା,କ୍ଷେତ୍ରପାଳ ସରପଂଚ ଫକିର ଚରଣ ମିଶ୍ର, ପ୍ରଭାରୀ ରବିନ୍ଦ୍ର ବରାଳ ପ୍ରମୁଖ କଂଟିଗଡିଆ ଗ୍ରାମକୁ ଯାଇ ସେଠାରେ ନୂତନ ଭାବେ ସାମିଲ ହୋଇଥିବା ୩୪ ଜଣ ହିତାଧିକାରୀଙ୍କୁ ବିଭିନ୍ନ ପ୍ରକାର ଭତା ବଂଟନ କରିଥିଲେ। ବିଜେପି ସରକାରରେ କେହି ଯୋଗ୍ୟ ହିତାଧିକାରୀ ଭତାରୁ ବଂଚିତ ହେବେ ନାହିଁ ବୋଲି କୁହାଯାଇଛି।

## ଉପକୂଳ ରାଜମାର୍ଗ ନିର୍ମାଣ ପ୍ରକଳ୍ପକୁ ମଞ୍ଜୁରୀ ପ୍ରସଙ୍ଗ

# ରାଜ୍ୟର ଆର୍ଥିକ, ପର୍ଯ୍ୟଟନ, ଶିଳ୍ପାୟନକୁ ନୂତନ ଦିଗ ଆଣିଦେବ

ଭୁବନେଶ୍ୱର, (ସବ୍ୟୁ) : ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ରାଜ୍ୟରେ ଜାତୀୟ ରାଜପଥ (ଏନ୍ଏଚ୍-୯୦) ଅନ୍ତର୍ଗତ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରଠାରୁ କୋଣାର୍କ ଦେଇ ପାରାଦ୍ୱୀପ ପର୍ଯ୍ୟନ୍ତ କୋଷ୍ଟାଲ ହାଇୱେ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି। ହାଇବ୍ରିଡ ଆନୁଇଟି ମାଧ୍ୟମରେ ଦୁଇଟି ପ୍ୟାକଜରେ ୮୩୦୦.୭୯ କୋଟି ଟଙ୍କା ବିନିମୟରେ ଓଡିଶାର ୧୬୩.୮୦ କିମି ଉପକୁଳ ରାଜମାର୍ଗ ନିର୍ମାଣ ହେବ। ଏହା ଫଳରେ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା, ଜଗତସିଂହପୁର ଜିଲ୍ଲାରେ ଯାତାୟତ ବବସ୍ଥା ଅଧିକ ସୁଗମ ହେବା ସହିତ ଅଂଚଳର ସାମାଜିକ ଓ ଆର୍ଥିକ ବିକାଶକୁ ପ୍ରୋତ୍ସାହନ ମିଳିବ। ଏହି ଉପକୁଳ ରାଜମାର୍ଗ ନିର୍ମାଣ ରାଜ୍ୟର ଆର୍ଥିକ, ପର୍ଯ୍ୟଟନ, ବାଣିଜ୍ୟ କ୍ଷେତ୍ର ଓ ଶିଳ୍ପାୟନକୁ ନୂତନ ଦିଗ ଆଣିଦେବା ସହିତ ନୂତନ ନିଯୁକ୍ତି ସୃଷ୍ଟି କରିବ। ଓଡିଶାର ବିକାଶ ପ୍ରତି



କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଦୃଷ୍ଟି ପାଇଁ ଓଡିଶାବାସୀଙ୍କ ତରଫରୁ ରାଜ୍ୟ ସଭାପତି ଓ ସାଂସଦ ମନମୋହନ ସାମଲ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସରକାରଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଶ୍ରୀଜଗନ୍ନାଥ ଜମି ବନ୍ଦୋବସ୍ତ ବ୍ୟବସ୍ଥା କାର୍ଯ୍ୟକାରୀ ନେଇ ସମୀକ୍ଷା

## ଉପକୃତ ହେବେ ସେବାୟତ, ନିଯୋଗ, ମଠ

ଭୁବନେଶ୍ୱର(ସବ୍ୟୁ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିରେ ବର୍ଷ ବର୍ଷ ଧରି ବସତି ସ୍ଥାପନ କରି ଆସୁଥିବା ସେବକ, ନିଯୋଗ ଏପରିକି ମଠଗୁଡ଼ିକୁ ଭୁସମ୍ପତିଗତ ଅଧିକାର ଦେବା ପାଇଁ ତୃତୀୟ ପର୍ଯ୍ୟାୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଲୋକସେବା ଭବନ ସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତା କରି କହିଥିଲେ, ଦୀର୍ଘଦିନ ଧରି ସେବକ, ନିଯୋଗମାନେ ବସବାସ କରୁଥିବା ଜମିରେ ନିଜର ଅଧିକାର ସାବ୍ୟସ୍ତ କରିପାରିବେ । ଏହି ବ୍ୟବସ୍ଥା କାର୍ଯ୍ୟକାରି ହେଲେ ଶ୍ରୀଜଗନ୍ନାଥ ଜମି ବନ୍ଦୋବସ୍ତ ବ୍ୟବସ୍ଥାରେ ସଂସ୍କାର ଆସିବା ସହିତ ଅନେକ ସେବାୟତ, ନିଯୋଗ ଏବଂ ମଠ ଆଦି ଉପକୃତ ହୋଇପାରିବେ




। ଏଥି ସହିତ ଏହି ସଂସ୍କାର ଦ୍ୱାରା ଆଦାୟ ରାଜସ୍ୱ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ପାଣ୍ଠିକୁ ଆସିପାରିବା ନେଇ ଆଲୋଚନା ହୋଇଥିଲା ।

ଏହି ବୈଠକରେ ଲ' କମିଶନର ଜଷ୍ଟିସ୍ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର ଏବଂ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ମଦ ଦୋକାନ ଲଟେରି - ଆବେଦନକାରୀଙ୍କ ଟଙ୍କା ବରବାଦ୍

ଭୁବନେଶ୍ୱର, (ତଥ୍ୟ) : ମଦ ଦୋକାନ ଲାଇସେନ୍ସ ପାଇଁ ଲଟେରୀରେ ବାଜି ଲଗାଇ ହଜାର ହଜାର ଆଶାୟୀ କୋଟି କୋଟି ଟଙ୍କା ହରାଉଛନ୍ତି। ଏହି ଅର୍ଥ ସେମାନେ କେଉଁଠୁ ଓ କିପରି ଭରଣା କରିବେ ଏ ଚିନ୍ତା ଏବେ ମଦ ଲଟେରୀ ହାରିଥିବା ଲୋକଙ୍କର। ପୂର୍ବରୁ ମଦ ଦୋକାନ ସବୁ ନିଲାମ ହେଉଥିଲା। ଆଉ ଗୋଟିଏ ସମୟରେ ନିଲାମ ନକରି ମଦ ଦୋକାନୀଙ୍କଠାରୁ ପ୍ରତିବର୍ଷ କିଛି କିଛି ଅଧିକ ଲାଇସେନ୍ସ ଫି' ଆଦାୟ କରାଗଲା। ଏଥର ନୂଆ ଅବକାରୀ ନୀତି ଅନୁଯାୟୀ ସରକାର ଲଟେରୀ ମାଧ୍ୟମରେ ଉଭୟ ଦେଶୀ ଓ ବିଦେଶୀ ମଦଦୋକାନାଗୁଡ଼ିକର ଲାଇସେନ୍ସ ପ୍ରଦାନ କରିବାକୁ ଯାଉଛନ୍ତି। ଏବେ ସାରା ରାଜ୍ୟରେ ଲଟେରୀ ମାଧ୍ୟମରେ ମଦ ଦୋକାନ ଆବଣ୍ଟନ ପ୍ରକ୍ରିୟା ଜାରି ରହିଛି। ଜିଲ୍ଲାପାଳମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାମ ଚାଲିଛି। ଏ ବାବଦରେ ସରକାର ପୂର୍ବ ବର୍ଷ ତୁଳନାରେ ଢେର ଅଧିକ ଆୟ କରିବେ ବୋଲି ଆଶା କରାଯାଉଛି। ଲଟେରୀ ମାଧ୍ୟମରେ ମଦ ଦୋକାନ ଲାଇସେନ୍ସ ଆବଣ୍ଟନ କରାଯିବ ବୋଲି ଜଣାପଡିବା ପରେ ଉଭୟ ଦେଶୀ ଓ ବିଦେଶୀ ମଦ ଦୋକାନୀମାନଙ୍କ ଚିନ୍ତା ବଢ଼ିଯାଇଥିଲା। ମଦ ବ୍ୟବସାୟରୁ କୋଟି କୋଟି ଟଙ୍କାର ମୁନାଫା ଯେଉଁମାନେ ବର୍ଷବର୍ଷ ଧରି ଉଠାଇଛନ୍ତି ସେମାନେ ଯେ କୌଣସି ପ୍ରକାରେ ଲଟେରୀ ଜିଣି ନିଜନିଜ ମଦ ଦୋକାନ ଲାଇସେନ୍ସକୁ ନିରାପଦ ରଖିବା ଲାଗି ଆପ୍ରାଣ ଉଦ୍ୟମ କରୁଥିବାବେଳେ ମଦ ବ୍ୟବସାୟରୁ ପ୍ରଚୁର ଲାଭ ଉଠାଇବା ଆଶା ରଖି ରାଜ୍ୟ ଭିତର ଓ ବାହାରରେ ବହୁ ବ୍ୟକ୍ତି ଏହି ଲଟେରୀ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଏବେ ଜଣାପଡୁଛି ଗୋଟିଏ ଗୋଟିଏ ମଦ ଦୋକାନ ପାଇଁ ଆବେଦନକାରୀଙ୍କ ସଂଖ୍ୟା ଢେର ଅଧିକ ରହିବାର କାରଣ। ଯେଉଁମାନେ ମଦ ଦୋକାନ ଲାଇସେନ୍ସ ପାଇଛନ୍ତି ସେମାନଙ୍କ ଭିତରୁ ଅନେକ ନିଜ ପରିବାର, ଜ୍ଞାତି ପରିଜନ ଓ ଅନ୍ୟମାନଙ୍କ ନାମରେ ବି ଆବେଦନ କରିଛନ୍ତି। ସେହିଭଳି ନୂଆ ଲାଇସେନ୍ସ ପାଇବାକୁ ଇଚ୍ଛା କରିଥିବା ବ୍ୟକ୍ତିମାନେ ମଧ୍ୟ ଭିନ୍ନଭିନ୍ନ ନାମରେ ଏକାଧିକ ଆବେଦନ କରିଛନ୍ତି। ସରକାରଙ୍କ ଲଟେରୀ ବ୍ୟବସ୍ଥା ଅନୁଯାୟୀ ଦେଶୀ ମଦ ଦୋକାନ ଲାଗି ପ୍ରତ୍ୟେକ ଆବେଦନକାରୀ ଆବେଦନ ପତ୍ର ସହ ୨ଲକ୍ଷ ଟଙ୍କା ଓ ଭାରତ ତିଆରି ବିଦେଶୀ ମଦ ଦୋକାନ ପାଇଁ ୩ଲକ୍ଷ ଟଙ୍କା କରି ଜମା ଦେଉଛନ୍ତି। ଏହି ଅର୍ଥ ଜମା କଲେ ଯାଇ ସେମାନଙ୍କ ଆବେଦନ ଲଟେରୀ ପାଇଁ ଯୋଗ୍ୟ ବିବେଚିତ ହେଉଛି। ତେବେ ଗୋଟିଏ ମଦ ଦୋକାନ ପାଇଁ ହେଉଥିବା ଲଟେରୀ ଉଠାଣ ଜଣେ ଜିଣୁଥିବାବେଳେ ସ୍ଥଳ ବିଶେଷରେ ଏଥିପାଇଁ ହୋଇଥିବା ଆଉ ୧୫ରୁ ୩୦ ପର୍ଯ୍ୟନ୍ତ ଆବେଦନକାରୀଙ୍କ ନାମ ଲଟେରୀରେ ଆସୁନାହିଁ। ସର୍ତ୍ତ ମୁତାବକ ଲଟେରୀରେ ନାମ ଉଠୁ କି ନଉଠୁ ଏହି ୨ଲକ୍ଷ ଓ ୩ଲକ୍ଷ ଟଙ୍କାର ଆବେଦନ ଫିସ୍ ଫେରସ୍ତ ଦିଆଯିବ ନାହିଁ ଓ ତାହା ସରକାରୀ ତହବିଲରେ ହିଁ ରହିଯିବ। ଫଳରେ ଯେଉଁମାନଙ୍କର ଲଟେରୀ ଉଠିଛି ସେମାନଙ୍କର ଆଉ ୫/୧୦ଟି କା'ଆବେଦନ ନାମଞ୍ଜୁର ହେଲେ ବି ଦୁଃଖ ନାହିଁ। କିନ୍ତୁ ଯେଉଁମାନଙ୍କ ନାମ ଲଟେରୀରେ ଉଠୁନାହିଁ ସେମାନଙ୍କ ସଂପୂର୍ଣ୍ଣ ଅର୍ଥ ବୁଡ଼ିଯିବ।

# ସୌମ୍ୟରଞ୍ଜନ ହତ୍ୟାକାଣ୍ଡର ଏନ୍ଏଚ୍ଆର୍ସି ତଦନ୍ତ

- ଆମ୍ବୁଲାନ୍ସକୁ ଫେରାଇ ଦିଆଯାଇଥିଲା
- ଅଭିଯୋଗକାରିଣୀ ଯୁବତୀକୁ ପଚରାଉଚରା

ବାଲିଅନ୍ତା, (ସବ୍ୟୁ) : ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଭିଡ଼ ହିଂସାରେ କନଷ୍ଟେବଳ ସୌମ୍ୟରଂଜନ ସାଇଁ ହତ୍ୟାକାଣ୍ଡ ଘଟଣାର ତନାଘନା ଜାରି ରହିଛି । ଏହି ମାମଲାରେ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) ରେ ହାଜର ହୋଇଛନ୍ତି ଦୁଷ୍କର୍ମ ଉଦ୍ୟମ ଅଭିଯୋଗ କରିଥିବା ଯୁବତୀ। ତାଙ୍କ ସହିତ ସଂପୃକ୍ତ ଆମ୍ବୁଲାନ୍ସ ଡ୍ରାଇଭର ମଧ୍ୟ ଏନଏଚଆରସି ରେ ହାଜର ହୋଇଛନ୍ତି । ପୂର୍ବରୁ ଉଭୟଙ୍କୁ କମିଶନଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଥିଲା । ଏହି ହାଜର ପରେ ଏନଏଚଆରସି ପକ୍ଷରୁ ଦୁଇ ଜଣଙ୍କୁ ପଚରାଉଚରା କରାଯିବା ସହ ପୂରା ଘଟଣା ସଂପର୍କରେ ତଥ୍ୟ ସଂଗ୍ରହ କରିଛି ତଦନ୍ତ ଟିମ । ଏହି ତଦନ୍ତ ସମୟରେ ସୌମ୍ୟ ରଞ୍ଜନ ସ୍ୱାଇଁ ହତ୍ୟା ମାମଲାରେ ସାମ୍ନାକୁ ଆସିଛି ଏକ ସାଂଘାତିକ ତଥ୍ୟ । ମେ' ୭ରେ ଅଡ଼ଶପୁର ମେଡିକାଲର ଆମ୍ବୁଲାନ୍ସକୁ ଜଣେ ବ୍ୟକ୍ତି କଲ କରିଥିଲେ । ପୂର୍ବାହ୍ନ ୧୧.୦୬ରେ କଲ କରିଥିବାବେଳେ ୧୧.୩୬ରେ ଦୁର୍ଘଟଣାସ୍ଥଳରେ ୧୦୮ ଆମ୍ବୁଲାନ୍ସ ପହଞ୍ଚିଥିଲା । ଘଟଣାସ୍ଥଳରେ ୧୦୮ ପହଞ୍ଚି କଲ କରିଥିବା ବ୍ୟକ୍ତିଙ୍କୁ କଲ ବ୍ୟାକ କରିଥିଲେ । ତେବେ ଦୁର୍ଘଟଣାରେ ଶିକାର ଯୁବତୀ ମେଡିକାଲ ପଳାଇଥିବା ବ୍ୟକ୍ତି ଜଣଙ୍କ କହିଥିଲେ । ସେହି ସମୟରେ ସୌମ୍ୟଙ୍କ ହାତଗୋଡ଼ ବାନ୍ଧି ପଡ଼ିଆରେ ମାଡ଼ ମାରୁଥିଲେ । ତେବେ ସେ ବ୍ୟକ୍ତି କିଏ ଓ କାହିଁକି ଆମ୍ବୁଲାନ୍ସ ଫେରାଇଦେଲେ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆମ୍ବୁଲାନସକୁ ଫେରାଇ ଦେବା ପରେ ସୌମ୍ୟଙ୍କ ହାତ ଗୋଡ଼ ବାନ୍ଧି, ବାଉଁଶରେ ଟେକି ଏକ ଟ୍ରକରେ ନିଆଯାଇଥିଲା । ଗାଇଗୋରୁଙ୍କ ଭଳି ଅତି ଅମାନୁଷିକ ଭାବେ ତାଙ୍କୁ ବୋହି ନେବା ଘଟଣାକୁ ନେଇ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଅନ୍ୟପଟେ, ସୌମ୍ୟଙ୍କ ମୃତଦେହର ବ୍ୟବଚ୍ଛେଦ (ପୋଷ୍ଟମର୍ଟମ) କରିଥିବା ଭୁବନେଶର କ୍ୟାପିଟାଲ ହସପିଟାଲର ଡାକ୍ତର ଲକ୍ଷ୍ମୀଧର ବେହେରା ମଧ ଏନଏଚଆରସି ରେ ହାଜର ହୋଇଛନ୍ତି । ଏହାସହ ନୋଟିସ ହୋଇଥିବାରୁ ପୋଲିସ କମିଶନର ଏସ ଦେବଦତ୍ତ ସିଂହ, ଭୁବନେଶର ଡିସିପି ଜଗମୋହନ ମୀନ ଓ ଆଇପିଏସ ଦୟାଲ ଗଙ୍ଗୱାର ମଧ କମିଶନଙ୍କ ସମ୍ମୁଖରେ ହାଜର ହୋଇପାରନ୍ତି । ସୂଚନାଯୋଗ୍ୟ ଯେ, ଆଇପିଏସ ଦୟାଲ ଗଙ୍ଗୱାରଙ୍କ ଘରେ ହିଁ ସୌମ୍ୟରଂଜନ କାମ କରୁଥିଲେ ବୋଲି ପୂର୍ବରୁ ଅଭିଯୋଗ ହୋଇଥିଲା ।

# ଗାଁ ଦାଣ୍ଡରେ ଯୁବକଙ୍କୁ ଗୋଡାଇ ଗୋଡାଇ ମାରିଲେ ଭୁଜାଲି ଚୋଟ

ରାଜନଗର ,(ସବ୍ୟୁ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗାଁ ଦାଣ୍ଡରେ ଯୁବକଙ୍କୁ ଗୋଡାଇ ଗୋଡାଇ ହାଣିଛନ୍ତି । ଯୁବକଙ୍କ ମୁଣ୍ଡ , ବେକ ଓ କାନ ମୂଳିରେ ଭୁଜାଲି ଚୋଟ ବାଜିଛି । ଗୁରୁତର ଅବସ୍ଥାରେ ଯୁବକଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରାଯାଇଛି ରାଜନଗର ଥାନାରେ କେସ ନମ୍ବର ୨୨୯/୨୦୨୬ ରେ ମାମଲା ରୁଜୁ କରାଯାଇଛି ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଡାଉ ଜାରି ରଖିଥିବାଜଣାପଡିଛି । ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ବାଉଁଶମୂଳ ବଜାରରେ ଢୋଲମରା ଗ୍ରାମର ଦିବ୍ୟରଞ୍ଜନ ସାମଲ ୯୯ ଟଙ୍କିଆ ଦୋକାନ କରିଛନ୍ତି । ମଙ୍ଗଳବାର ରାତି ପ୍ରାୟ ସାଢେ ୧୦ ଟା ରେ ଦୋକାନ ବନ୍ଦ କରି ଘରକୁ ଯାଉଥିବା ସମୟରେ ପାଳନ୍ଦା ପୋଲ ନିକଟରେ ଢୋଲମରା ଗ୍ରାମର ପ୍ରଦୀପ ବିଶ୍ୱାଳ ଓ ତାଙ୍କ ଦୁଇପୁଅ ଗୁନା ଓ ସୁନିଆ ମିଳିତ ଭାବେ ଅଟକାଇଥିଲେ ତମ ଦୋକାନ ପାଖରେ ମୁଁ ମାଡ ଖାଇଲି ତମେ ବାହାରିଲ ନାହିଁ କାହିଁକି ବୋଲି ଗୁନା ପଚାରିଥିଲା । ଏହାପରେ ଦୁଇ ପୁଅ ଓ ବାପଙ୍କ ସହିତ ଦିବ୍ୟଙ୍କର ବଚସା ହୋଇଥିଲା । ପାଟିତୁଣ୍ଡ ଭିତରେ ବାପ ପୁଅ ତିନି ଜଣ ଭୁଜାଲି ବାହାରକରି ଆକ୍ରମଣ କରିଥିଲେ ଗୋଟିଏ ଖଣ୍ଡା ଚୋଟ ବାଜିବା ପରେ ଦିବ୍ୟ ଦୌଡିବାକୁ ଲାଗିଥିଲା । ଦିବ୍ୟଙ୍କୁ ଗୋଡାଇ ଗୋଡାଇ ବାପ ପୁଅ ଭୁଜାଲି ଚୋଟ ମାରି ଚାଲିଥିଲେ ଦିବ୍ୟଙ୍କ ମୁଣ୍ଡ , ବେକ ଓ କାନ ମୂଳି ରେ ଭୁଜାଲି ଚୋଟ ବସିଥିବା ଜଣାପଡିଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି ।

# ଆଜି କେରଳ ଛୁଇଁବ ମୌସୁମୀ

- ଆଗାମୀ ୭ ଦିନ ଯାଏଁ ପ୍ରବଳ ବର୍ଷା
- ରଜ ପୂର୍ବରୁ ଓଡ଼ିଶାରେ ପ୍ରବେଶ ସମ୍ଭାବନା

ଭୁବନେଶ୍ୱର(ସବ୍ୟୁ): ଦକ୍ଷିଣ-ପଶ୍ଚିମ ମୋସୁମୀ ବାୟୁ ଅଗ୍ରସର ହେବାରେ ଲାଗିଛି । କେରଳରେ ପ୍ରବଳ ବର୍ଷା ଆରମ୍ଭ ହୋଇଛି । ଆସନ୍ତା ୪ ତାରିଖ ଅର୍ଥାତ(ଗୁରୁବାର) ସୁଦ୍ଧା କେରଳ ଓ ତାମିଲନାଡୁ ଛୁଇଁବାର ସମ୍ଭାବନା ଅଛି । ଏଭଳି ଆକଳନ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକ, ଓଡ଼ିଶା ବର୍ତ୍ତମାନ ପ୍ରାକ୍-ମୌସୁମୀର ଏକ ପରିବର୍ତ୍ତନଶୀଳ ପର୍ଯ୍ୟାୟରେ ରହିଛି । ରାଜ୍ୟ ବର୍ତ୍ତମାନ ଗୁଳୁଗୁଳିପୂର୍ଣ୍ଣ ଉପକୂଳବର୍ତ୍ତୀ ପାଗ ଏବଂ ଅଧିକ ଗରମ ଆଭ୍ୟନ୍ତରୀଣ ପାଗ ମଧ୍ୟରେ ବିଭକ୍ତ ହୋଇଛି । ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଅତ୍ୟଧିକ ଗୁଳୁଗୁଳି, ଗରମ ରାତି, ବଢୁଥିବା ମେଘମାଳା ଏବଂ ବାରମ୍ବାର ଘଡ଼ଘଡ଼ି ସହ ବର୍ଷା ଅନୁଭୂତ ହେଉଛି । ପଶ୍ଚିମ ଓଡ଼ିଶାରେ ସାମୟିକ କାଳବୈଶାଖୀ ସେ%o ମଝିରେ ମଝିରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି ଏବଂ ତାପମାତ୍ରା କେତେକ ସ୍ଥାନରେ ୩୮-୪୨ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚୁଛି ।

ବର୍ତ୍ତମାନର ବାୟୁମଣ୍ଡଳୀୟ ସ୍ଥିତି ଅନୁଯାୟୀ, ଓଡ଼ିଶାରେ ମୌସୁମୀ ଜନିତ ପାଗର ପରିବର୍ତ୍ତନ ସମଗ୍ର ରାଜ୍ୟରେ ଏକାସଙ୍ଗେ ନହୋଇ, ବରଂ ଏକ ରୋଲିଂ ଓ୍ୱେଭ୍ କିମ୍ବା ପର୍ଯ୍ୟାୟକ୍ରମେ ହେବ । ଏଥିରେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକ (ଜୁନ୧୦-୧୫ ସମୟସୀମା) ତୁଳନାରେ ଉପକୂଳ ଏବଂ ଦକ୍ଷିଣ ଜିଲ୍ଲାଗୁଡ଼ିକରେ କିଛି ଦିନ ପୂର୍ବରୁ (ଜୁନ ୮-୧୨ ସମୟସୀମା) ସ୍ଥିର ମୌସୁମୀ ପାଗ ପ୍ରତିଷ୍ଠିତ ହୋଇଯିବ ।

ଉପକୂଳରେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଅତ୍ୟଧିକ ଗୁଳୁଗୁଳି, ଗରମ ରାତି, ଆଂଶିକ ମେଘୁଆ ଆକାଶ, ସ୍ଥାନେ ସ୍ଥାନେ ଘଡ଼ଘଡ଼ି ସହ ବର୍ଷା ଏବଂ ସାମୟିକ ପ୍ରବଳ ବର୍ଷା । ଦିନର ତାପମାତ୍ରା ସାଧାରଣତଃ ୩୫-୩୯ଡିଗ୍ରୀ ରହିବ । ୮-୧୦ ତାରିଖ ପରିବର୍ତ୍ତନ ପର୍ଯ୍ୟାୟ । ମେଘୁଆ ପାଗ ବୃଦ୍ଧି ପାଇବ, ଘଡ଼ଘଡ଼ି ସହ ବର୍ଷାର ପ୍ରକୋପ ବଢ଼ିବ ଏବଂ ତାପମାତ୍ରା ଧୀରେ ଧୀରେ ହ୍ରାସ ପାଇ ପ୍ରାୟ ୩୩-୩୬ ଡିଗ୍ରୀକୁ ଖସିବ । ୧୦-୧୨ ତାରିଖ ପର୍ଯ୍ୟନ୍ତ ଅଧିକାଂଶ ଉପକୂଳ ଓଡ଼ିଶାରେ ମୌସୁମୀ ଛୁଇଁବାର ସବୁଠାରୁ ସମ୍ଭାବ୍ୟ ସମୟ । ବର୍ଷାର ପରିମାଣ ବୃଦ୍ଧି ପାଇବ, ଦକ୍ଷିଣ-ପଶ୍ଚିମ ପବନ ଶକ୍ତିଶାଳୀ ହେବ ଏବଂ ଲଗାତାର ମେଘୁଆ ପାଗ ରହିବ । ୧୨-୧୫ ପର୍ଯ୍ୟନ୍ତ ବ୍ୟାପକ ଭାବେ ମୌସୁମୀ ପ୍ରତିଷ୍ଠିତ ହେବାର ସମ୍ଭାବ୍ୟ ସମୟ । ବର୍ଷାର ପ୍ରସାର ବୃଦ୍ଧି ପାଇବ ଏବଂ ଦିନର ତାପମାତ୍ରା ସାଧାରଣତଃ ୩୪ଡିଗ୍ରୀ ତଳେ ରହିବ । ଜୁନ୍ ୧୫ ପରେ ନିୟମିତ ବର୍ଷା, ଅଧିକ ଆର୍ଦ୍ରତା ଏବଂ ସ୍ୱାଭାବିକ ଦିନର ତାପମାତ୍ରା ସହ ମୁଖ୍ୟତଃ ସମ୍ପୂର୍ଣ୍ଣ ମୌସୁମୀ ପାଗ ଜାରି ରହିବ ।

ଓଡ଼ିଶା ପାଇଁ ଏବେ କେରଳର ମୌସୁମୀ ଆଗମନ ତାରିଖ ଅପେକ୍ଷା ବଙ୍ଗୋପସାଗରର ସ୍ଥିତି ଓ ବିକାଶ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ । ବର୍ତ୍ତମାନ ବଙ୍ଗୋପସାଗରରେ ଆର୍ଦ୍ରତା ବ୍ୟାପକ ଅଞ୍ଚଳରେ ରହିଥିଲେ ମଧ୍ୟ କୌଣସି ଶକ୍ତିଶାଳୀ ଲଘୁଚାପ ପ୍ରକ୍ରିୟା ସୃଷ୍ଟି ହୋଇନାହିଁ । ବର୍ତ୍ତମାନର ମଡେଲ୍ ସୂଚନା ଅନୁଯାୟୀ ଜୁନ୍ ଦ୍ୱିତୀୟ ସପ୍ତାହରେ ଏହା ଧୀରେ ଧୀରେ ସୁସଂଗଠିତ ହେବାର ସମ୍ଭାବନା ଅଛି । କିନ୍ତୁ, ଉତ୍ତର ବଙ୍ଗୋପସାଗରରେ କୌଣସି ତୀବ୍ର ଅବପାତ ସୃଷ୍ଟି ହେବାର ସ୍ପଷ୍ଟ ସଙ୍କେତ ଏପର୍ଯ୍ୟନ୍ତ ମିଳିନାହିଁ । କେତେକ ନିର୍ଦ୍ଦିଷ୍ଟ ମଡେଲ୍ ଦର୍ଶାଉଛନ୍ତି ଯେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଉତ୍ତର ବଙ୍ଗୋପସାଗର ଆଡ଼କୁ ଗତି କରି ଓଡ଼ିଶାକୁ ବାଦ୍ ଦେଇପାରେ । ତେବେ ସାମଗ୍ରିକ ମଡେଲ୍ ଗୁଡ଼ିକର ପୂର୍ବାନୁମାନ ଏହି ମତ ସହ ସହମତ ନୁହଁ । ତେଣୁ, ଏହି ସମୟସୀମା ସମ୍ପୂର୍ଣ୍ଣ ରୂପେ ବଙ୍ଗୋପସାଗରର ସଂଗଠନ ଉପରେ ନିର୍ଭର କରେ । ଯଦି ଏକ ଶକ୍ତିଶାଳୀ ଲଘୁଚାପ କ୍ଷେତ୍ର ବିକଶିତ ହୁଏ, ତେବେ ମୌସୁମୀର ଆଗମନ ଏବଂ ଗରମରୁ ଆଶ୍ୱସ୍ତି କିଛି ଦିନ ପୂର୍ବରୁ ମିଳିପାରେ ଅନ୍ୟପଟେ, ବଙ୍ଗୋପସାଗରୀୟ ଶାଖା ଦୁର୍ବଳ ରହିଲେ ଏହି ପରିବର୍ତ୍ତନ ପ୍ରକ୍ରିୟା ବିଳମ୍ବିତ ହୋଇପାରେ, ବିଶେଷ କରି ପଶ୍ଚିମ ଓଡ଼ିଶାରେ ବୋଲି ଶ୍ରୀ ପଶୁପାଳକ କହିଛନ୍ତି ।

# ଜମିବାଡ଼ି ବିବାଦ: ଦିଅରର ଆକ୍ରମଣରେ ଭାଉଜର ମୃତ୍ୟୁ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ଥାନା ସୁନ୍ଦୁରିଆ ପଞ୍ଚାୟତ ସାରୋଇ ଗ୍ରାମ ଦେଉରୀ ସାହିରେ ଜମିବାଡି ବିବାଦକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ସମ୍ପର୍କୀୟ ଦିଅର ଆକ୍ରମଣରେ ବିଧବା ଭାଉଜଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ସାରୋଇ ଦେଉରୀ ସାହିର ସ୍ୱର୍ଗତ ନୃସିଂହ ଦେଉରିଙ୍କ ବିଧବା ପତ୍ନୀ ନନ୍ଦୀନୀ ଦେଉରୀ (୫୦) ବୋଲି ଜଣାପଡିଛି। ସୂଚନା ମୁତାବକ ନନ୍ଦିନୀର ସ୍ୱାମୀ କିଛି ବର୍ଷ ତଳେ ମୃତ୍ୟୁବରଣ କରିଥିବା ବେଳେ ଜମିବାଡି ବିବାଦକୁ କେନ୍ଦ୍ର କରି ତାଙ୍କ ପଡୋଶୀ ପରିବାରଙ୍କ ସହିତ ତିକ୍ତତା ଲାଗିରହିଥିଲା। ବୁଧବାର ସକାଳେ ବିବାଦିତ ଜମିରେ ବାଡ ବୁଝାକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଓ ମାଡପିଟ ଘଟିଥିଲା। ଏଥିରେ ହରି ଦେଉରୀ (୨୨) ଉତକ୍ଷୀପ୍ତ ହୋଇ ନନ୍ଦିନୀ ଦେଉରୀଙ୍କୁ ଏକ ଶାବଳ ଓ ଛୁରି ଭୁଷି ହତ୍ୟାକରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ୨୨୪/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ହତ୍ୟାକାରୀ ହରିକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳ, ଛୁରୀକୁ ପୁଲିସ ଜବତ କରିବାସହ ମୃତଦେହକୁ ଜବତ କରି ଧର୍ମଶାଳା ଡାକ୍ତରଖାନାକୁ ବ୍ୟବଛେଦ ଲାଗି ପଠାଇ ଘଟଣାର ଅଧିକ ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ଶ୍ରୀମତୀ ସହୁ ସୂଚନା ଦେଇଛନ୍ତି। ଜମିବଡି ବିବାଦକୁ କେନ୍ଦ୍ର କରି ଏଭଳି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଥିବା ବେଳ ପରକୀୟା ପ୍ରୀତିକୁ ନେଇ ଏଭଳିକାଣ୍ଡ ଘଟିଥିବା ଶୁଣିବାକୁ ମିଳୁଛି। ହତ୍ୟାକାରୀ ହରିର ବଡଭାଇ ବହୁବାର ବିଧବା ନନ୍ଦିନୀ ନିକଟକୁ ଯାଉଥିବାରୁ ଉଭୟ ପରିବାରଙ୍କ ମଧ୍ୟରେ ତିକ୍ତତା ଲାଗିରହିଥିଲା। ଯାହାର ଫଳ ସ୍ୱରୁପ ମହିଳାଙ୍କୁ ଏଭଳି ବିଭତ୍ସ ହତ୍ୟା କରାଯାଇଥିବା ଶୁଣିବାକୁ ମିଳୁଛି।

## ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଇ-ହୁଣ୍ଡି ବ୍ୟବସ୍ଥା

# ଦେଶବାହାର ଶ୍ରଦ୍ଧାଳୁ ସହଜରେ ଦେଇପାରିବେ ମନସ୍କାମନା ରାଶି

ଭୁବନେଶ୍ୱର, (ସବ୍ୟୁ) : ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଛନ୍ତି ଔ ମହାପ୍ରଭୁଙ୍କ କରୁଣାରୁ ଅନେକଙ୍କ ମନସ୍କାମନା ପୂରଣ ହୋଇ ଆସୁଛି । ତେବେ ନିଜ ମନୋବାଞ୍ଛା, ଖୁସି ଏବଂ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ପୁରୀ ଆସୁଥିବା ଭକ୍ତ ଶ୍ରୀମନ୍ଦିର ହୁଣ୍ଡିରେ ଅର୍ଥ ଦାନ କରିବାର ପରମ୍ପରା କାହିଁ କେଉଁ କାଳରୁ ରହିଆସିଛି । ତେବେ ରାଜ୍ୟ ବାହାରେ ତଥା ବିଦେଶରେ ରହୁଥିବା ଶ୍ରଦ୍ଧାଳୁଙ୍କ ଲାଗି ଅନଲାଇନ ମାଧ୍ୟମରେ ହୁଣ୍ଡିରେ ଦାନ ଦେବା ବ୍ୟବସ୍ଥା ପାଇଁ ଅନେକ ଭକ୍ତ ଇଚ୍ଛା କରି ଆସୁଥିଲେ । ଏହି କ୍ରମରେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଇ-ହୁଣ୍ଡି ବ୍ୟବସ୍ଥା କାର୍ଯ୍ୟକାରୀ



ନିମନ୍ତେ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସଭା ଭବନରେ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଇ-ହୁଣ୍ଡି ବ୍ୟବସ୍ଥାର ସଫଳ କାର୍ଯ୍ୟକାରୀ ନିମନ୍ତେ ଆଲୋଚନା ହୋଇଥିଲା। ଯେଉଁଥିରେ ଭକ୍ତ ତଥା ଶ୍ରଦ୍ଧାଳୁ ନିଜ ଜନ୍ମଦିନ, ବିବାହ ବାର୍ଷିକୀ ତଥା ନିଜର ମନସ୍କାମନା ପୂରଣ ଖୁସିରେ କିଭଳି ଭାବେ ଅନଲାଇନ ମାଧ୍ୟମରେ ଶ୍ରୀମନ୍ଦିର ହୁଣ୍ଡିରେ ଅର୍ଥରାଶି ଦାନ କରିପାରିବେ ସେଥିନେଇ ଆଲୋଚନା ହୋଇଥିଲା । ଦାନ ଅର୍ଥରାଶି ପାଇଁ ଆୟକର ଛାଡ଼ ବ୍ୟବସ୍ଥା ରହିବାକୁ ଥିବା ବେଳେ ଭକ୍ତଙ୍କ ଠାରୁ ଦାନ ସୂତ୍ରରେ ଆସିବାକୁ ଥିବା ଅର୍ଥ କେବଳ ଶ୍ରୀମନ୍ଦିର ବିକାଶ ଦିଗରେ ଖର୍ଚ୍ଚ ହେବ । ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ରାଜ୍ୟ ତଥା ଦେଶ ବାହାରେ ରହୁଥିବା ଲକ୍ଷ ଲକ୍ଷ ଜଗନ୍ନାଥ ଭକ୍ତ ଶ୍ରୀମନ୍ଦିର ହୁଣ୍ଡିକୁ ସହଜରେ ଅର୍ଥରାଶି ପଠାଇ ପାରିବେ । ତେବେ ଏହି ବ୍ୟବସ୍ଥାରୁ ସାଇବର ଅପରାଧୀ ଯେପରି ଫାଇଦା ଉଠାଇ ନ ପାରିବେ ସେଥିଲାଗି ବିହିତ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଲ' କମିଶନର ଜଷ୍ଟିସ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟପରିଚାଳକ ଅରବିନ୍ଦ ପାଢ଼ୀ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ପବିତ୍ର ମୋହନ ସାମଲ, ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର ଏବଂ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

- ଆୟକର ଛାଡ଼ ପାଇଁ ରହିବ ବ୍ୟବସ୍ଥା
- ସାଇବର ଠକେଇ ରୋକିବା ଉପରେ ଗୁରୁତ୍ୱ

# ଖାସି ମାଂସ - ନିର୍ବାଚନ ପରେ ସଙ୍କଟ

ଭୁବନେଶ୍ୱର, (ତଥ୍ୟ) : ରାଜଧାନୀରେ ଏବେ ଖାସି ମାଂସ ସଙ୍କଟ । ପଡୋଶୀ ପଶ୍ଚିମବଙ୍ଗ ସମେତ ସୀମାନ୍ତ ଜିଲ୍ଲାରୁ ଖାସି ଆସୁନଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ଅଭାବ ଜାରି ରହିଲେ ଆଗାମୀ ଦିନରେ ରାଜଧାନୀରେ ମାଂସ ଦର ବଢିବ ବୋଲି ବ୍ୟବସାୟୀମାନେ ସୂଚନା ଦେଉଛନ୍ତି । ରାଜଧାନୀରେ ଏବେ ଖାସି ମାଂସ କିଲୋ ୮୦୦ ରୁ ୯୦୦ ଟଙ୍କାରେ ବିକ୍ରି ହେଉଛି । ତେବେ ପଶ୍ଚିମବଙ୍ଗ ନିର୍ବାଚନ ପରଠାରୁ ଧିରେ ଧିରେ ମାଂସ ପାଇଁ ଖାସିମାନଙ୍କର ଅଭାବ ପରିଲକ୍ଷିତ ହୋଇଛି। ବ୍ୟବସାୟୀମାନଙ୍କର କହିବାକଥା ଯେ ରାଜଧାନୀର ମାଂସ ବଜାର ପାଇଁ ନିୟମିତ ଭାବେ ପଶ୍ଚିମବଙ୍ଗରୁ ଖାସିଗୁଡିକ ଟ୍ରକ ଯୋଗେ ଆସିଥାନ୍ତି। ଏହା ଏବେ ବନ୍ଦହୋଇ ଯାଇଛି। ନିର୍ବାଚନ ପରେ ଉଭୟ ପଶ୍ଚିମବଙ୍ଗ ଓ ଆସାମ ସରକାର ଗୋହତ୍ୟା ଉପରେ କଡା କଟକଣା ଲଗାଇଥିବାରୁ ସେହିସବୁ ରାଜ୍ୟରେ ଖାସିମାଂସର ଚାହିଦା ହଠାତ୍ ବଢିଯାଇଛି। ଫଳରେ ସେମାନେ ଅନ୍ୟ ରାଜ୍ୟକୁ ଖାସି ରପ୍ତାନି କରିବା ବଦଳରେ ଓଡିଶାରୁ ପଡୋଶୀ ଜିଲ୍ଲାରୁ ଖାସି ଆମଦାନୀ କରିବାରେ ଲାଗିଛନ୍ତି। ସେହଭଳି ପଶ୍ଚିମବଙ୍ଗର ଯେଉଁ ବ୍ୟବସାୟୀମାନେ ଓଡିଶାକୁ ଖାସି ରପ୍ତାନି କରୁଥିଲେ ସେମାନେ ଏବେ ଅଧିକ ଦରରେ ଆସାମକୁ ଖାସି ପଠାଇବାରେ ଲାଗିଛନ୍ତି। କାରଣ ଆସାମରେ ମଧ୍ୟ ଗୋହତ୍ୟା ଉପରେ କଟକଣା ଜାରି ପରେ ସେଠାରେ ଖାସି ମାଂସର ଚାହିଦା ଅହେତୁକ ଭାବରେ ବଢିଯାଇଛି। ଉଭୟ ପଶ୍ଚିମବଙ୍ଗ ଓ ଆସାମରେ ଖାସି ମାଂସର ଚାହିଦା ବଢିଥିବାବେଳେ ଓଡିଶାର ବ୍ୟବସାୟୀମାନେ ଏବେ ସେହିସବୁ ରାଜ୍ୟକୁ ଖାସି ପଠାଇବା ଆରମ୍ଭ କରିଛନ୍ତି। ଫଳରେ ଯେଉଁସବୁ ଜିଲ୍ଲାରୁ ରାଜଧାନୀ ସମେତ ରାଜ୍ୟର ଅନ୍ୟ ସହରାଞ୍ଚଳକୁ ଖାସି ଆସୁଥିଲା ତାହାକୁ ବ୍ୟବସାୟୀମାନେ ନେଇ ଚାଲାଣ କରିବାରେ ଲାଗିଛନ୍ତି। ଚାହିଦା ବଢିଥିବାରୁ ଖାସି ସହିତ ମେଣ୍ଢାଗୁଡିକୁ ମଧ ବ୍ୟବସାୟୀମାନେ ଚଢା ଦରରେ ଖରିଦ କରୁଛନ୍ତି । ରାଜଧାନୀକୁ ଖାସି ଆସିବା ହ୍ରାସ ପାଇଥିବାରୁ ମାଂସ ବ୍ୟବସାୟୀମାନେ ଚିନ୍ତାରେ ଥିବାବେଳେ ଆଗାମୀ ଦିନରେ ଦର ବଢାଇବେ ବୋଲି ସୂଚନା ଦେଲେଣି। ବର୍ତ୍ତମାନ କିଛି ମାଂସ ଦୋକାନୀ ଚାହିଦା ମେଣ୍ଟାଇବାପାଇଁ ଖାସି ସହିତ ମେଣ୍ଢା ଓ ମାଇଛେଳି କାଟିବା ଆରମ୍ଭ କରିଦେଇଛନ୍ତି। ରାଜଧାନୀରେ ମାଂସ ଦୋକାନରେ ମାନ ପରୀକ୍ଷା ହେଉନଥିବାରୁ ଗ୍ରାହକମାନେ ବି ଖାସି ମାଂସ ପଇସା ଦେଇ ଏହାକୁ କିଣି ନେଉଛନ୍ତି। ଆଗକୁ ରଜପର୍ବ ଆସୁଥିବାରୁ ରାଜଧାନୀର ମାଂସ ବ୍ୟବସାୟୀମାନେ ଏବେ ଗାଁ ଗହଳରୁ ଖାସି ସଂଗ୍ରହ କରିବାପାଇଁ ବିଭିନ୍ନ ସ୍ଥାନକୁ ଯିବା ଆରମ୍ଭ କରିଛନ୍ତି। ହେଲେ ରାଜଧାନୀର ଖାସି ମାଂସ ଚାହିଦାର ବୃହତ୍ ଅଂଶ କୋଲକତାର ବ୍ୟବସାୟୀଙ୍କ ଉପରେ ନିର୍ଭର କରୁଥିବାରୁ ଏବେ ମାଂସ ବଜାରରେ ଧିରେ ଧିରେ ଅଭାବ ପରିଲକ୍ଷିତ ହେବାରେ ଲାଗିଛି ।

### ୮ ହଜାର ୩୦୦ କୋଟି ଟଙ୍କା ବ୍ୟୟରେ 'କୋଷ୍ଟାଲ ହାଇୱେ ପ୍ରକଳ୍ପକୁ ମଞ୍ଜୁରି

# ଓଡ଼ିଶାର ଅର୍ଥନୀତି ଶିଳ୍ପାୟନ କ୍ଷେତ୍ରରେ 'କୋଷ୍ଟାଲ ହାଇୱେ ହେବ ଗେମ୍-ଚେଞ୍ଜର : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଓଡ଼ିଶାରେ ଏନଏଚ୍-୯୦ ଅଧୀନରେ ପ୍ରଥମ ପର୍ଯ୍ୟାୟରେ ରାମେଶ୍ୱର ଠାରୁ କୋଣାର୍କ ଦେଇ ପାରାଦୀପ ପର୍ଯ୍ୟନ୍ତ ଗ୍ରୀନଫିଲ୍ଡ 'କୋଷ୍ଟାଲ ହାଇୱେ'ର ନିର୍ମାଣ ପାଇଁ ମଞ୍ଜୁର ମିଳିଛି । ପ୍ରାୟ ୧୬୦.୧୮ କିଲୋମିଟର ଲମ୍ବ ବିଶିଷ୍ଟ ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ପ୍ରାୟ ୮ ହଜାର ୩୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟୟବରାଦ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଧନ୍ୟବାଦ



ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ଭିତ୍ତିଭୂମି ଓ ଅର୍ଥନୀତିର ବିକାଶ ପାଇଁ ମୋଦୀ ସରକାର ସଦାସର୍ବଦା ପ୍ରତିବଦ୍ଧ । ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଯୋଗାଯୋଗ ଭିତ୍ତିଭୂମି ସୁଦୃଢ଼ କରିବା ସହ ରାଜ୍ୟର ବ୍ଲୁ ଇକୋନୋମୀ ଏବଂ ଶିଳ୍ପାୟନକୁ ନୂଆ ଗତି ଦେବ । ଏହି ପ୍ରକଳ୍ପ ହାଇବ୍ରିଡ୍ ଆନୁଇଟି ମୋଡରେ ନିର୍ମାଣ କରାଯିବ । ଏହି ମେଗା ପ୍ରକଳ୍ପକୁ ଦୁଇଟି ପ୍ୟାକେଜ୍‌ରେ ବିଭକ୍ତ କରାଯାଇଛି । ଏହି ପ୍ରଥମ ପର୍ଯ୍ୟାୟ ପ୍ୟାକେଜ୍-୧ ଅଧୀନରେ ରାମେଶ୍ୱର ଠାରୁ କାକଟପୁର ପର୍ଯ୍ୟନ୍ତ ପ୍ରାୟ ୭୯ କିଲୋମିଟର ରାସ୍ତାକୁ ୪-ଲେନ୍ ବିଶିଷ୍ଟ ହାଇୱେ କରାଯିବ ଏବଂ ପ୍ୟାକେଜ୍-୨ ଅଧୀନରେ କାକଟପୁର ଠାରୁ ପାରାଦୀପ ପର୍ଯ୍ୟନ୍ତ ପ୍ରାୟ ୮୦ କିଲୋମିଟର ରାସ୍ତାକୁ ପକ୍କା ସୋଲ୍ଡର ବିଶିଷ୍ଟ ୨-ଲେନ୍ ବିଶିଷ୍ଟ ରୋଡ୍ ଭାବେ ନିର୍ମାଣ କରାଯିବ । ଏହି ସୁପାରିଶକୃତ ପ୍ରକଳ୍ପ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଯୋଗାଯୋଗ ଭିତ୍ତିଭୂମି ସୁଦୃଢ଼ କରିବା ସହ ଅର୍ଥନୀତିକୁ ଏକ ନୂଆ ଗତି ପ୍ରଦାନ କରିବ । ଏହାସହ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

### ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା

# ଓଡ଼ିଶାର ୧୩ଟି ଇଏମ୍ଆର୍ଏସ୍‌ରେ ସ୍ପେସ୍ ଲ୍ୟାବ୍ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ଆଦିବାସୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି । ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଦେଶବ୍ୟାପୀ ୭୫ଟି ମନୋନୀତ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟରେ 'ମହାକାଶ ପ୍ରୟୋଗଶାଳା ବା ସ୍ପେସ୍ ଲ୍ୟାବ୍' ର ଭର୍ଚୁଆଲ୍ ଉଦଘାଟନ କରିଛନ୍ତି । କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଆଲ ଓରାମ ଏବଂ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଦୁର୍ଗାଦାସ ଉଇକେଙ୍କ ଉପସ୍ଥିତିରେ ସ୍ପେସ୍ ଲ୍ୟାବ୍ ଗୁଡ଼ିକର ଶୁଭାରମ୍ଭ ହୋଇଯାଇଛି । ଏହି ପ୍ରତିଷ୍ଠିତ ଜାତୀୟ କାର୍ଯ୍ୟକ୍ରମରେ ଓଡ଼ିଶାରୁ ୧୩ଟି ଇଏମଆରଏସର ସ୍ପେସ୍ ଲ୍ୟାବ୍ ପ୍ରତିଷ୍ଠା ପାଇଁ ମନୋନୀତ ହୋଇଛନ୍ତି । ଏହି ସ୍ପେସ୍ ଲ୍ୟାବ୍ ଗୁଡ଼ିକ କୋରାପୁଟ ଜିଲ୍ଲାର କୋଟପାଡ ଓ କୁନ୍ଦ୍ରା, ମାଲକାନଗିରିର ମାଥିଲି, କଳାହାଣ୍ଡିର ଥୁଆମୁଳ ରାମପୁର, କେନ୍ଦୁଝରର ପାଟନା ଏବଂ ମୟୂରଭଞ୍ଜ ଜିଲ୍ଲାର ୮ଟି ବିଦ୍ୟାଳୟ ଯଥା ରାଇରଙ୍ଗପୁର, ଠାକୁରମୁଣ୍ଡା, ବାରିପଦା, ବଡ଼ସାହି, କପ୍ତିପଦା, କୋଲିଆନା,



ରାସଗୋବିନ୍ଦପୁର ଓ ଉଦଳା ଇଏମଆରଏସରେ ସ୍ଥାପନ କରାଯାଇଛି । ଏହି ଉଦଘାଟନ ଉତ୍ସବରେ ବିଭିନ୍ନ ରାଜ୍ୟର ଇଏମଆରଏସ ଅନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ବରିଷ୍ଠ ଅଧିକାରୀମାନେ ଭର୍ଚୁଆଲ୍ ମାଧ୍ୟମରେ ଯୋଡ଼ି ହୋଇଥିଲେ । ଏହି ପ୍ରକ୍ରିୟା ମାଧ୍ୟମରେ ପିଲାମାନେ ମହାକାଶ ବିଜ୍ଞାନ, ରୋବୋଟିକ୍ସ, ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ-ଚାଳିତ ଶିକ୍ଷା ଭଳି ଅତ୍ୟାଧୁନିକ କ୍ଷେତ୍ର ବିଷୟରେ ବ୍ୟବହାରିକ ଅଭିଜ୍ଞତା ହାସଲ କରିପାରିବେ । ଏହା ସାରା ଦେଶର ଆଦିବାସୀ ବହୁଳ ଅଞ୍ଚଳରେ ଡିଜିଟାଲ୍ ଶିକ୍ଷା ଓ ଉନ୍ନତ ବୈଜ୍ଞାନିକ ସୁଯୋଗ ବିସ୍ତାର କରିବା ପାଇଁ ଭାରତ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି । ନୂତନ ଭାବେ ପ୍ରତିଷ୍ଠିତ ଏହି ସ୍ପେସ୍ ଲ୍ୟାବ୍ ଗୁଡ଼ିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବକୁ ବଢ଼ାଇବ ଏବଂ ଭବିଷ୍ୟତରେ ବିଜ୍ଞାନ, ଇଞ୍ଜିନିୟରିଂ ଓ ମହାକାଶ ଗବେଷଣା ଭଳି କ୍ଷେତ୍ରରେ କ୍ୟାରିଅର୍ ଗଢ଼ିବାକୁ ପ୍ରେରଣା ଦେବ । ଆଧୁନିକ ଓ ସମାବେଶୀ ଶିକ୍ଷା ଦ୍ୱାରା ଆଦିବାସୀ ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ଏହା ଏକ ଅଭିନବ ପ୍ରୟାସ ।

### ଆଗାମୀ ଦିନରେ ଛାତ୍ର ଓ ଯୁବସମାଜ ପକ୍ଷରୁ

# ବଡ଼ ବିପ୍ଳବର ସୂଚନା ସ୍ପଷ୍ଟ : ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ଦଶନ୍ଧି ଦଶନ୍ଧିର ଛତିଶଗଡ ସହ ଆମ ଓଡ଼ିଶାର ବୃହତ ସ୍ୱାର୍ଥ ସମ୍ବଳିତ ମହାନଦୀ ଜଳବିବାଦ ବିଷୟ ଓ ଏହି ନଦୀର ଜଳକୁ ବେସରକାରୀ କମ୍ପାନୀମାନଙ୍କ ହାତରେ ସମ୍ପୂର୍ଣ୍ଣ ଟେକି ଦେବାକୁ ନେଇ ପିସିସି ଗଣମାଧ୍ୟମ ବିଭାଗ ତରଫରୁ ବିଭାଗୀୟ ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନଠାରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ ହୋଇଥିଲା । ସମ୍ମିଳନୀରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ ମହାନଦୀ ଜଳ ବିବାଦକୁ ନେଇ ସରକାରଙ୍କୁ ତୀବ୍ର ଭର୍ସନା କରିଥିଲେ । ସେ କହିଥିଲେ, ସରକାର କହୁଛନ୍ତି, ମହାନଦୀ ଜଳକୁ ନେଇ ଆମର ଛତିଶଗଡ ସହିତ କୌଣସି ବିବାଦ ନାହିଁ । ଯଦି ଏହା ସତ୍ୟ ତେବେ ୨୯.୭.୨୦୨୫ ରେ ବିଧାନସଭାରେ ଜୈନେକ ବିଧାୟକଙ୍କ ପ୍ରଶ୍ନର ଉତ୍ତର ଦେଇ, ତତକାଳୀନ ମୁଖ୍ୟମନ୍ତ୍ରୀ କହିଥିଲେ, ମହାନଦୀର ଉପର ମୁଣ୍ଡରେ ୪୧ ଗୋଟି ବୃହତ ଓ ମଧ୍ୟମ ଧରଣର ପ୍ରକଳ୍ପ ଏବଂ ୧,୮୭୪ ଗୋଟି କ୍ଷୁଦ୍ର ଏବଂ ଅନ୍ୟାନ୍ୟ ନଦୀ ଜଳ ପ୍ରକଳ୍ପ ତିଆରି ହେଇଥିବାରୁ ଅଣ ମୌସୁମୀ ସମୟରେ ମହାନଦୀରେ ଜଳ



ହ୍ରାସ ପାଉଛି । ଏହା ମୁଖ୍ୟମନ୍ତ୍ରୀ କାହିଁକି କହିଥିଲେ ? ରାଜ୍ୟର ବିଭିନ୍ନ ଶିଳ୍ପକୁ ମହାନଦୀର ଜଳ ଯୋଗାଇ ଦିଆ ଯାଉଛି । ପ୍ରତ୍ୟେକ ଶିଳ୍ପ ୫୦ ହଜାରରୁ ଲକ୍ଷେ କ୍ୟୁବିକ ମିଟର ଜଳ ବ୍ୟବହାର କରୁଛନ୍ତି । ବର୍ତ୍ତମାନ ଛତିଶଗଡ ଓ ଓଡିଶାରେ ବିଜେପି ସରକାର ରହିବା ସହ କେନ୍ଦ୍ରରେ ମଧ ବିଜେପି ସରକାର ଅଛି ଯଦି ପ୍ରଧାନମନ୍ତ୍ରୀ ଚାହିଁବେ ଗୋଟିଏ ଦିନରେ ମହାନଦୀ ଜଳ ବିବାଦର ସମାଧାନ ହୋଇପାରିବ । ଅନୁସୂଚିତ ଜାତି ଜନଜାତି ପାଇଁ ସଂରକ୍ଷଣକୁ ୧୧%ରୁ ୨୨%କୁ ବୃଦ୍ଧି କରିଛନ୍ତି ଯାହା ସ୍ୱାଗତ ଯୋଗ୍ୟ କିନ୍ତୁ ଯାହା ପ୍ରାବଧାନ ଅଛି ତାହା ୨୭% ସରକାର କଲେ ନାହିଁ କାହିଁକି ? ଦଳିତ ଆଦିବାସୀ ପିଲାମାନେ ପାଠ ପଢିବାକୁ ସୁଯୋଗ ପାଇବେ ଭଲ କଥା ତେବେ ସରକାରୀ ସ୍ତରରେ ସମସ୍ତ ବିଭାଗରେ ଆଜିକାଲି ଚୁକ୍ତିଭିତ୍ତିକ ଚାକିରୀର ଧାରା ଆରମ୍ଭ ହୋଇଛି । ସରକାରୀ ଚାକିରି ଆଉ ବାହାରୁ ନାହିଁ, ଏଭଳି ସ୍ଥଳେ ତାଙ୍କ ପାଠ ମୂଲ୍ୟ କଣ ହେବ! ଛାତ୍ର ଓ ଯୁବସମାଜ ବା ଜେନଜି ମଧ୍ୟରେ ଘୋର ଅସନ୍ତୋଷର ବାତାବରଣ ଦେଖା ଯାଇଛି । ଆଗାମୀ ଦିନରେ ହେଇଥିଲା । ଫଳରେ ଓଡିଶା ଅଧିକ ଲାଭାନ୍ୱିତ ହେଉଥିଲା । ମାଛକୁଣ୍ଡ ଜଳ ବିଦ୍ୟୁତ ଯୋଜନାର ଚୁକ୍ତି ଅନୁଯାଇ ଆନ୍ଧ୍ରପ୍ରଦେଶ ୭୦ ଓ ଓଡିଶା ୩୦ ଭାଗ ବିଦ୍ୟୁତ ବଣ୍ଟନ କରିବାର ନିୟମ ରହିଥିଲା । କଂଗ୍ରେସ ସରକାର ଉଦ୍ୟମରେ ପଚାଶ ପଚାଶ ଭାଗକୁ ତାହା ପରିବର୍ତ୍ତନ ହୋଇଥିଲା ।

**ପ୍ରଧାନମନ୍ତ୍ରୀ ଚାହିଁଲେ ଗୋଟିଏ ଦିନରେ ମହାନଦୀ ଜଳ ବିବାଦର ସମାଧାନ ହୋଇପାରିବ**

ଏକ ବଡ ବିପ୍ଳବର ସୂଚନା ସ୍ପଷ୍ଟ ଜଣା ପଡୁଛି ବୋଲି ଶ୍ରୀ ଦାସ କହିଥିଲେ । ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ କହିଥିଲେ, କଂଗ୍ରେସ ସରକାର ସମୟରେ ଜଳ ବିବାଦ ସମସ୍ୟା ଗୁଡିକୁ ଆମେ ସୁଚାରୁ ରୂପେ ସମାଧାନ କରୁଥିଲୁ । ମହାନଦୀ ଜଳ ଓ ବିଦ୍ୟୁତକୁ ନେଇ ତତ୍କାଳୀନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଅର୍ଜୁନ ସିଂହଙ୍କ ସହିତ ଏକ ଚୁକ୍ତି ସ୍ୱାକ୍ଷରିତ ସାମ୍ବାଦିକ ସମ୍ମିଳନୀର ଅଧ୍ୟକ୍ଷତା କରୁଥିବା ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ମହାନଦୀ ଜଳ ବିବାଦ ଦ୍ୱାରା ରାଜ୍ୟରେ ଉପୁଜିଥିବା ବହୁମୁଖୀ କ୍ଷତି ଉପରେ ଆଲୋକପାତ କରିବା ସହ ମହାନଦୀ ଟ୍ରିବ୍ୟୁନାଲର ଦୋମୁହାଁ ନୀତି ଉପରେ ସୂଚନା ଦେଇଥିଲେ । ଏହି ସମ୍ମିଳନୀରେ ପିସିସି ମୁଖପାତ୍ର ରଜନୀ କୁମାର ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ ।

# ବୁଢ଼ାବଳଙ୍ଗ ନଦୀ ଶଯ୍ୟାରୁ ବାଲି ଖନନ ଉପରେ ନିଷେଧାଦେଶ ଜାରୀ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଦେଇ ପ୍ରବାହିତ ହେଉଥିବା ବୁଢ଼ାବଳଙ୍ଗ ନଦୀର ୫ଟି ବାଲି ଘାଟରୁ ଚୋରାରେ ବାଲି ଉତ୍ତୋଳନ କରାଯାଇ ଚାଲାଣ କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି । ଏଥିପ୍ରତି ପ୍ରଶାସନର ହସ୍ତକ୍ଷେପ କରୁଥିବା ଭଳି ଜଣାଯାଏ ନାହିଁ । ମାଫିଆଙ୍କ କବଜାରେ ପ୍ରଶାସନ ଏକ ପ୍ରକାର ରହୁଥିବା ଦେଖାଯାଏ । ମାତ୍ର ବଡ଼ସାହି ତହସିଲ କାର୍ଯ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ତହସିଲଦାର ବିଶ୍ୱନାଥ ବିଶ୍ୱାଳ ବାଲି ଖନନ ଓ ଉତ୍ତୋଳନ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିବା ଦେଖାଯାଇଛି । ବାରିପଦା ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବଡ଼ସାହି ତହସିଲ,ପୁଲିସ ଓ ଖଣି ବିଭାଗ ପକ୍ଷରୁ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ବୁଢ଼ାବଳଙ୍ଗ ନଦୀର ମହୁପୁରା, ଡିଙ୍ଗରା, ବର୍ଡ଼ନା, ବାଗୁଲି ଓ ସାକୁଆ ଏହି ୫ ଟି ବାଲି ଘାଟ ଉପରେ ବିଏନଏସଏସ ଧାରା ୧୬୩ ନିଷେଧାଦେଶକୁ କାର୍ଯ୍ୟକାରୀ କରାଯାଇଛି । ସଂପୃକ୍ତ ସ୍ଥାନରେ ସତର୍କ ସୂଚନା ଫଳକ, ଲାଲ ପତାକା ଲଗାଯିବା ସହ ରାସ୍ତା ମଝିରେ ଏକ ସିମେଣ୍ଟ ଖୁଣ୍ଟ ପୋତିଥିଲେ ଏହା ସହିତ ଡାକବାଜି ଯନ୍ତ୍ର ମାଧ୍ୟମରେ ଜନ ସାଧାରଣଙ୍କୁ ସଚେତନ କରାଯାଉଥିବା ସମ୍ପର୍କରେ ତହସିଲଦାର ସୂଚନା ପ୍ରଦାନ କରିଛନ୍ତି । ଏଥିରେ ତହସିଲଦାର ବିଶ୍ୱନାଥ ବିଶ୍ୱାଳ,ଅତିରିକ୍ତ ତହସିଲଦାର ବିନିତା ରାଣୀ କିସ୍କୁ,ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ,ଖଣି ବିଭାଗର ଭବାନୀ ଶଙ୍କର ପାତ୍ର,ଶିବନାଥ ମୁଣ୍ଡାରୀ ଓ ସମସ୍ତ ବିଭାଗୀୟ କର୍ମଚାରୀଙ୍କ ସହିତ ପୁଲିସ ଫୋର୍ସ ସହ ଏକ ପ୍ଲାଟୁନ ପୋଲିସ ଉପସ୍ଥିତ ଥିଲେ ।

# ଦୁଇ ବାଇକ ମୁହାଁମୁହିଁ ଧକ୍କା , ଦୁଇ ଗୁରୁତର

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା - ମାଣତ୍ରୀ ରାସ୍ତାର ନାଖରା ଛକ ନିକଟରେ ବୁଧବାର ରାତ୍ରି ପ୍ରାୟ ସାଢ଼େ୮ ଟାରେ ରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି । ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଅଧୀନ ଦୁର୍ଗାଦେବୀ ନିକଟସ୍ଥ ଗଣେଶପୁର ଗ୍ରାମର ତରୁଣ ସିଂ (୩୦) , ଆକାଶ ସିଂ ( ୩୫) ଏବଂ ଗଣେଶ ସିଂ (୨୫) ଏକ ବାଇକ ଯୋଗେ ଡାହିବାଡ଼ି ହାଟକୁ ଆସିଥିଲେ । ହାଟରୁ ବାଇକ ଯୋଗେ ଏହି ତିନି ଜଣ ଯୁବକ ଦୃତଗତୀରେ ଯାଉଥିଲେ । ଏହି ସମୟରେ ନାଖରା ଗ୍ରାମର ଗଙ୍ଗାଧର ଜେନାଙ୍କ ପୁଅ ଧନେଶ୍ୱର ଜେନା ( ୩୨) ଅନ୍ୟ ଏକ ବାଇକ ଯୋଗେ ଆସୁଥିବା ବେଳେ ନାଖରା ଛକ ନିକଟରେ ଧକ୍କା ହୋଇଥିଲା । ଫଳରେ ଚାରି ଜଣ ରାସ୍ତା ଉପରେ ଗୁରୁତର ଭାବେ ପଡ଼ିରହିଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ବୈଶିଙ୍ଗା ଡାକ୍ତରଖାନାକୁ ଅଣାଯାଇଥିଲା । ସେଠାରେ ଧନେଶର ଏବଂ ତରୁଣ ର ମୁଣ୍ଡ ମାଡ଼ ଖାଇବା ସହ ଗୁରୁତର ଆହତ ହୋଇଥିବା ଯୋଗୁଁ ସେମାନଙ୍କୁ ସଙ୍ଗେ ସଙ୍ଗେ ବାଲେଶ୍ୱର ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଅନ୍ୟ ଦୁଇ ଜଣଙ୍କ ଅବସ୍ଥା ସାମାନ୍ୟ ଥିବାରୁ ସେମାନେ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ଏ ନେଇ ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇଟି ବାଇକ ଜବତ କରିବା ସହ ତଦନ୍ତ ଜାରି ରଖିଛି ।

### ଓଡ଼ିଶାରେ ସ୍ୱଚ୍ଛ ଗତିଶୀଳତା ଦିଗରେ ବଡ଼ ପଦକ୍ଷେପ

# ରାଜ୍ୟର ପ୍ରଥମ ଗ୍ରୀନ୍ ହାଇଡ୍ରୋଜେନ୍ ସାଧାରଣ ପରିବହନ ବ୍ୟବସ୍ଥାର ପ୍ରଗତି ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ସ୍ଥାୟୀ ସହରୀ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ସ୍ୱଚ୍ଛ ଶକ୍ତି ସଂକ୍ରାନ୍ତୀୟ ରୂପାନ୍ତରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଗ୍ରୀନ୍ ହାଇଡ୍ରୋଜେନ୍ ଗତିଶୀଳତା ପ୍ରକଳ୍ପ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । କ୍ରୁଟ୍ , ଏନଟିପିସି ଏବଂ ଗ୍ରୀଡକୋର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡ଼ିଶାରେ ହାଇଡ୍ରୋଜେନ୍ ଚାଳିତ ସାଧାରଣ ପରିବହନ ବ୍ୟବସ୍ଥାର ପ୍ରଚଳନ କରିବା ଓ ରାଜ୍ୟର ପ୍ରଥମ



ଗ୍ରୀନ୍ ହାଇଡ୍ରୋଜେନ୍ ବ୍ୟବସ୍ଥା ପ୍ରତିଷ୍ଠା କରିବା । NTPC, GRIDCO ଏବଂ CRUT ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ତ୍ରିପାକ୍ଷିକ ବୁଝାମଣା ପତ୍ର ପରଠାରୁ ହୋଇଥିବା ଅଗ୍ରଗତିର ସମୀକ୍ଷା କରାଯାଇଥିଲା । ଏହି ପ୍ରସ୍ତାବିତ ପ୍ରକଳ୍ପ ଅଧୀନରେ ଭୁବନେଶ୍ୱରର ପୋଖରୀପୁଟସ୍ଥିତ 'କ୍ରୁଟ୍' ଡିପୋରେ ଏକ 'ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ ଏବଂ ରିଫ୍ୟୁଲିଂ କେନ୍ଦ୍ର' ପ୍ରତିଷ୍ଠା କରାଯିବ । ପ୍ରାଥମିକ ପର୍ଯ୍ୟାୟରେ ଏକ ପାଇଲଟ୍ ପ୍ରକଳ୍ପ ଭାବେ ତିନୋଟି ହାଇଡ୍ରୋଜେନ୍ ଫ୍ୟୁଏଲ୍ ସେଲ୍ ଇଲେକ୍ଟ୍ରିକ୍ ବସ୍ ପ୍ରଚଳନ କରାଯିବାର ଯୋଜନା ରହିଛି । ଏହି ପ୍ରକଳ୍ପ ମାଧ୍ୟମରେ ଦୈନିକ ପ୍ରାୟ ୨୬୦ କିଲୋଗ୍ରାମ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ କରିବା ସହ ଆଦର୍ଶ ସ୍ଥିତିରେ ଏହି ବସ୍‌ଗୁଡ଼ିକୁ ଦୈନିକ ୬୦୦ କିଲୋମିଟର ପର୍ଯ୍ୟନ୍ତ ଚଲାଇବାକୁ ଲକ୍ଷ୍ୟ ରଖାଯାଇଛି । ଏହି ପ୍ରକଳ୍ପ ପାଇଁ ମୋଟ ପୁଞ୍ଜି ବିନିଯୋଗ ୫୩.୫୫ କୋଟି ଟଙ୍କା ଆକଳନ କରାଯାଇଛି । ସମୀକ୍ଷା ବୈଠକରେ ପ୍ରକଳ୍ପର କାର୍ଯ୍ୟକାରିତା, ରୁଟ୍ ପ୍ଲାନିଂ, ଆର୍ଥିକ ସ୍ଥିରତା, ବିପଦ ଆବଣ୍ଟନ ଏବଂ ବିଭିନ୍ନ ସଂସ୍ଥାର ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।

### କୋଟିଏ ୩୧ ଲକ୍ଷ ଟଙ୍କାର

# ଆଲୋକିକରଣ ପ୍ରକଳ୍ପ ଶିଳାନ୍ୟାସ କଲେ ସାଂସଦ ଅପରାଜିତା

ଜଟଣୀ, (ସବ୍ୟୁ) : ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଜଟଣୀ ବାସୀଙ୍କୁ ପୁଣି ଥରେ ଏକ ବଡ ଭେଟି ଦେଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ପ୍ରଥମେ ଜଟଣୀକୁ ବିଭିନ୍ନ ଆଡୁ ସଂଯୋଗ କରୁଥିବା ରାସ୍ତା ଉନ୍ନତି କରଣ ପରେ ରାସ୍ତା ଆଲୋକୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ସାଂସଦ । ଜଟଣୀ ଅଞ୍ଚଳରେ ୨ୟ ବୃହତ୍ ଆଲୋକୀକରଣ ପ୍ରକଳ୍ପ ଭାବରେ ୧କୋଟି ୩୧ଲକ୍ଷ ଟଙ୍କାର ଅଟକଳରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିବା ବେଳେ ,ଏଥିରେ ଜଟଣୀ ଗେଟ୍ ନିକଟରୁ ଷଣ୍ଢପୁର୍ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ଓ ଫ୍ଲାଏ ଓଭରବ୍ରିଜ୍ ଠାରୁ କୁଦିଆରି ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା କୁ ଷ୍ଟ୍ରିଟ୍ ଲାଇଟ୍ ଦ୍ୱାରା ଆଲୋକୀକରଣ କରାଯିବ । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ ଏହି କାର୍ଯ୍ୟ ହେଉଥିବା ବେଳେ ଏହି ରାସ୍ତା ଆଲୋକୀକରଣରେ ୧୨୫ଟି ଗୋଟିକିଆ ଓ ୪୦ଟି ଦୁଇଟିକିଆ ୯୦ୱାଟ ସମ୍ପନ୍ନ ଲାଇଟ୍ ଖୁମ୍ବ ଲାଗିବାର ଯୋଜନା ରହିଛି । ଯେଉଁଥିରେ ମୋଟ୍ ୨୦୫ ଟି ଲାଇଟ୍ ବ୍ୟବହୃତ ହେବ । ଆସନ୍ତା ୪୫ଦିନ ମଧ୍ୟରେ ଏହି ପ୍ରକଳ୍ପ ଶେଷ ହେବା ପାଇଁ ସମୟ ଧାର୍ଯ୍ୟ ହୋଇଥିବା ବେଳେ, ଏହି ଆଲୋକୀକରଣ କାର୍ଯ୍ୟ ହେବା ଦ୍ୱାରା ଜଟଣୀ ଅଞ୍ଚଳ ବାସୀଙ୍କୁ ବେଶ୍ ସୁବିଧା ହେବା ସହିତ ଅଞ୍ଚଳରେ ଅପରାଧିକ ଗତିବିଧି ହ୍ରାସ ପାଇବାରେ



ସହାୟକ ହେବ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ । ଅନ୍ୟପଟେ "ବିକାଶ ର କୌଣସି ଦଳ ନଥାଏ । ବିକାଶ ପାଇଁ ସମସ୍ତେ ମିଳିମିଶି କାମ କରିବା" କଥାକୁ ପୁନର୍ବାର ଦୋହରାଇଛନ୍ତି ଅପରାଜିତା । ସାଂସଦଙ୍କର ଏହି କାର୍ଯ୍ୟକୁ ଜଟଣୀ ବାସୀଙ୍କ ସମେତ ବିଭିନ୍ନ ଦିଗରୁ ବେଶ୍ ପ୍ରଶଂସା କରାଯାଇଥିବା ବେଳେ,ଆଗାମୀ ଦିନରେ ମିଳିତ ପ୍ରୟାସରେ ଏହିଭଳି ଉନ୍ନୟନ ମୂଳକ କାର୍ଯ୍ୟ ଜାରି ରହିବ ବୋଲି କହିଛନ୍ତି ଅପରାଜିତା । ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ସମ୍ମାନିତ ଅତିଥି ଭାବରେ ଜଟଣୀ ବିଧାୟକ ବିଭୂତିଭୂଷଣ ବଳବନ୍ତରାୟ, ଜଟଣୀ ପୌରାଧକ୍ଷ ଅନନ୍ତ ବେହେରା,ଉପାଧକ୍ଷା ଆରତୀ ରାଉତ୍,ଖୋର୍ଦ୍ଧା ବିଜେପି ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଜଟଣୀ ପୌର ନିର୍ବାହୀ ଅଧିକାରୀ ଆକୃତି ଗୋଇଁକା, ଭୁବନେଶ୍ୱର ଉନ୍ନୟନ କରତ୍ତୃପକ୍ଷଙ୍କ ବରିଷ୍ଠ ଅଧିକାରୀ ସଂଗ୍ରାମ କେଶରୀ ମିଶ୍ର, ସାଂସଦ ପ୍ରତିନିଧି ସତୀଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

## ୨ ମାଙ୍କଡା ବୋଝେଇ ଟ୍ରକ ଜବତ

ନିରାକାରପୁର, (ସବ୍ୟୁ) : ପୋଲିସ ମଙ୍ଗଳବାର ଦିନ ଚଢ଼ାଉ କରି ଖଜୁରୀଆ ରାସ୍ତାରୁ ଓ ପଦ୍ମପୁରସ୍ଥିତ ନୂଆ ଜଗନ୍ନାଥ ଓଆର ୧୩ଜି ୯୯୧୩, ଓଆର ୦୨ବିଇ ୪୦୩୫ ନମ୍ବର ବିଶିଷ୍ଟ ଦୁଇଟି ମିନି ଟ୍ରକକୁ ଜବତ କରିଛି । ତେବେ ଚାଳକ ଦ୍ୱୟ କୌଶଳକ୍ରମେ ଖସି ପଳାଇ ଥିବା ଜଣାଯାଇଛି । ଏହି ୨ଟି ଜବତ ଟ୍ରକ ବେଆଇନ ଭାବେ ମାଙ୍କଡା ପଥର ବୋଝେଇ କରି ନେଇ ଯାଉଥିବାରୁ ଉଭୟଙ୍କ ନାମରେ ୨୦୧ ଓ ୨୦୨ରେ ଦୁଇଟି ମାମଲା ରୁଜୁ ହୋଇଛି । ଗାଡି ଦୁଇଟି ଥାନାରେ ଅଟକ ରଖାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ସୂଚନା ଦେଇଛନ୍ତି ।

# ଓଡ଼ିଶା ଅର୍ବାନ୍ ଏକାଡେମୀ ହଷ୍ଟେଲ୍ ଉଦ୍‌ଘାଟିତ

ଭୁବନେଶ୍ୱର(ସବ୍ୟୁ): ପ୍ରତିଷ୍ଠାନିକ ଦକ୍ଷତା ବୃଦ୍ଧି ଏବଂ ଭବିଷ୍ୟତ ପାଇଁ ଏକ ସମୃଦ୍ଧ ସହରାଞ୍ଚଳ ଶାସନ ବ୍ୟବସ୍ଥା ପ୍ରସ୍ତୁତ କରିବା ଦିଗରେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ଆଜି(ବୁଧବାର) ଭୁବନେଶ୍ୱରର ବାସୁଆଘାଇ ଠାରେ ନବନିର୍ମିତ ଓଡ଼ିଶା ଅର୍ବାନ୍ ଏକାଡେମୀର ହଷ୍ଟେଲ ଉଦଘାଟନ ହୋଇଛି । ଏହି ଆଧୁନିକ ଆବାସିକ ଗୃହକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଉଦଘାଟନ କରିଛନ୍ତି ।

ଏହି ସମାରୋହରେ ଓଡ଼ିଶା ଅର୍ବାନ୍ ଏକାଡେମୀର ବାର୍ଷିକ ପ୍ରଶିକ୍ଷଣ କ୍ୟାଲେଣ୍ଡର ମଧ୍ୟ ଉନ୍ମୋଚିତ ହୋଇଛି । ଯାହା ସହରାଞ୍ଚଳ କ୍ଷେତ୍ରରେ ନିରନ୍ତର ଶିକ୍ଷା, ବୃତ୍ତିଗତ ବିକାଶ ଏବଂ ପ୍ରତିଷ୍ଠାନିକ ଶ୍ରେଷ୍ଠତା ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିପାଦିତ କରୁଛି । ୯.୪୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଓଡ଼ିଶା ଅର୍ବାନ୍ ଏକାଡେମୀ ହଷ୍ଟେଲକୁ ଏକ ସ୍ୱତନ୍ତ୍ର



ଆବାସିକ ସୁବିଧା ଭାବେ ବିକଶିତ କରାଯାଇଛି । ଏହା ଏକାଡେମୀ ଦ୍ୱାରା ଆୟୋଜିତ ବିଭିନ୍ନ ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ, ଗବେଷଣା ଏବଂ ଜ୍ଞାନ ଆଦାନପ୍ରଦାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ପ୍ରଶିକ୍ଷକ, ପ୍ରଶିକ୍ଷାର୍ଥୀ, ସହରାଞ୍ଚଳ ବିଶେଷଜ୍ଞ, ନିର୍ବାଚିତ ପ୍ରତିନିଧି ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ସହାୟତା ପ୍ରଦାନ କରିବ ।

ପ୍ରଶିକ୍ଷାର୍ଥୀଙ୍କ ପାଇଁ ଏକ ଆରାମଦାୟକ, କାର୍ଯ୍ୟୋପଯୋଗୀ ଏବଂ ଶିକ୍ଷା-ଅନୁକୂଳ ପରିବେଶ ଯୋଗାଇଦେବାକୁ ଦୃଷ୍ଟିରେ ରଖି ଏହି ହଷ୍ଟେଲ୍ ନିର୍ମାଣ କରାଯାଇଛି । ବିଭିନ୍ନ ରାଜ୍ୟ ଏବଂ ଅନ୍ୟ ଦେଶର ଲୋକମାନେ ମଧ୍ୟ ଏଠାକୁ ପ୍ରଶିକ୍ଷଣ ପାଇଁ ଆସିପାରିବେ । ତେବେ ରହିବା ସୁବିଧା ନଥିବା ଏକ ବଡ଼ ସମସ୍ୟା ଥିଲା । ଏହି ହଷ୍ଟେଲ୍ ଉଦ୍‌ଘାଟନ ହେବା ଫଳରେ ଏବେ ଅଧିକ ସଂଖ୍ୟକ ପ୍ରଶିକ୍ଷାର୍ଥୀ କ୍ୟାମ୍ପସରେ ରହି ଏକାଡେମୀର ପ୍ରଶିକ୍ଷଣ କାର୍ଯ୍ୟକ୍ରମରୁ ଲାଭବାନ ହୋଇପାରିବେ ବୋଲି ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି । ଏହି ଅବସରରେ ବିଧାୟକ ଶ୍ରୀ ବାବୁ ସିଂ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, 'ୱାଟକୋ' ର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଆଗାମୀ ସିଏମ୍‌ସି ନିର୍ବାଚନ ପାଇଁ ଓଡ଼ିଶା ଜନତା କଂଗ୍ରେସର ରଣନୀତି

କଟକ, (ସ୍ୱପ୍ର) : ଆଗାମୀ କଟକ ମହାନଗର ନିଗମ (ସିଏମସି) ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସେଲଟର ଛକ ସ୍ଥିତ କାର୍ଯ୍ୟାଳୟରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଆଗାମୀ ନିର୍ବାଚନ ପାଇଁ ବିଧିବଦ୍ଧ ରଣନୀତି ପ୍ରସ୍ତୁତ କରାଯାଇଛି । ଏଥିରେ ଦଳର ରାଜ୍ୟ ସଭାପତି ମହମ୍ମଦ ମୋକିମ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମୀ ଓ ନେତୃବୃନ୍ଦଙ୍କୁ ମାର୍ଗଦର୍ଶନ କରିଥିଲେ । ବୈଠକକୁ ସମ୍ବୋଧିତ କରି ଶ୍ରୀ ମୋକିମ କହିଥିଲେ ଯେ, କଟକ ମହାନଗର ନିଗମ ନିର୍ବାଚନରେ ଦଳ କିପରି ଶ୍ରେଷ୍ଠ ପ୍ରଦର୍ଶନ କରିବ, ସେଥିପାଇଁ ଆମକୁ ଏବେଠାରୁ ୱାର୍ଡ ସ୍ତରରେ କାର୍ଯ୍ୟ କରି ସଂଗଠନକୁ ଅଧିକ କ୍ରିୟାଶୀଳ ଓ ମଜବୁତ କରିବାକୁ ପଡ଼ିବ । ସହରର ବିଭିନ୍ନ ସମସ୍ୟା ପ୍ରତି କର୍ତ୍ତୃପକ୍ଷ ଆଖିବୁଜି ଦେଇଛନ୍ତି । ତେଣୁ ଜନସାଧାରଣଙ୍କ ହକ ପାଇଁ ଏବଂ ସିଏମସିର ଅପାରଗତା ନିଜ ବକ୍ତବ୍ୟରେ କହିଥିଲେ ଯେ, ପ୍ରଶାସନର ଅବ୍ୟବସ୍ଥା ଯୋଗୁଁ ସହରବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଆଗାମୀ ନିର୍ବାଚନରେ ଜନତାଙ୍କ ସମସ୍ୟାକୁ



ବିରୋଧରେ ଆମକୁ ରାଜରାସ୍ତାକୁ ଓହ୍ଲାଇ ଲଗାତାର ଆନ୍ଦୋଳନ ଜାରି ରଖିବାକୁ ହେବ ବୋଲି ସେ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବରିଷ୍ଠ ନେତ୍ରୀ ଶ୍ରୀମତୀ ଗିରିବାଳା ବେହେରା ମୁଖ୍ୟ ପ୍ରସଙ୍ଗ କରି ଦଳ ପ୍ରତିଟି ଘରେ ପହଞ୍ଚିବ । ସହରର ସ୍ୱାର୍ଥ ରକ୍ଷା ପାଇଁ ଦଳ ଆଗାମୀ ଦିନରେ ନିଜର ଆନ୍ଦୋଳନାତ୍ମକ ପନ୍ଥାକୁ ଆହୁରି ଜୋରଦାର କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

# ଅଖିଳ ଭାରତୀୟ ଅଘରିଆ ସମାଜ ଓଡ଼ିଶା ପ୍ରଦେଶର ବୈଠକ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସହରର ଏକ ହୋଟେଲଠାରେ ବୁଧବାର ଅଖିଳ ଭାରତୀୟ ଅଘରିଆ ସମାଜ ଓଡ଼ିଶା ପ୍ରଦେଶର ଏକ ବୈଠକ ରାଜ୍ୟ ସଭାପତି ଦୀନବନ୍ଧୁ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ବଲାଙ୍ଗିର ଆଞ୍ଚଳିକ କମିଟି ସଭାପତି, ଗାଙ୍ଗପୁର ଆଞ୍ଚଳିକ କମିଟି ସଭାପତି, ଲଇଡା ଆଞ୍ଚଳିକ କମିଟି ସଭାପତି, ବାମରା ଆଞ୍ଚଳିକ କମିଟି ସଭାପତି ଓ କଳାହାଣ୍ଡି ଆଞ୍ଚଳିକ କମିଟି ସଭାପତି ସମେତ ଅନେକ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ସଭାରେ ଅଘରିଆ ସମାଜର ଏକତା, ସଂସ୍କୃତି, ପରମ୍ପରା ବଜାୟ ରଖିବା ଏବଂ ଅଘରିଆ ସମାଜର ବିଭିନ୍ନ କ୍ଷେତ୍ରରେ ଉନ୍ନତି ପାଇଁ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା। ସଭାରେ ରାଜ୍ୟ ସଭାପତି ଦୀନବନ୍ଧୁ ନାଏକ, ବିଶିଷ୍ଟ ସମାଜସେବୀ ରଞ୍ଜନ ପଟେଲ, ଅଖିଳ ଭାରତୀୟ ଅଘରିଆ ସମାଜ ପ୍ରାଦେଶିକ ଟ୍ରଷ୍ଟ ସମ୍ପାଦକ ଦିଲୀପ କୁମାର ପଟେଲ, ବଲାଙ୍ଗିର ଆଞ୍ଚଳିକ କମିଟିର ସଭାପତି ଶୁଭ୍ରାଂଶୁ ଶେଖର ପଟେଲ, ଗାଙ୍ଗପୁର ଆଞ୍ଚଳିକ କମିଟିର ସଭାପତି ଯଶୋବନ୍ତ ନାଏକ, ଲଇଡା ଆଞ୍ଚଳିକ କମିଟିର ସଭାପତି ବିନୟ କୁମାର ଚୈଧୁରୀ, ବାମରା ଆଞ୍ଚଳିକ କମିଟିର ସଭାପତି ଭବାନୀ ଶଙ୍କର ନାଏକ, କଳାହାଣ୍ଡି ଆଞ୍ଚଳିକ କମିଟିର ସଭାପତି ସୁଜନ ଅଘରିଆ,ଲଇଡା ମଣ୍ଡଳ ସମ୍ପାଦକ ସୁଶାନ୍ତ ପଟେଲ, ରାଜ୍ୟ ଯୁବ ସଭାପତି ପୀତବାସ ପଟେଲ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାରେ ବଲାଙ୍ଗିର ଆଞ୍ଚଳିକ କମିଟିର ଉପଦେଷ୍ଟା ମଣ୍ଡଳୀ, ଚାରି ମଣ୍ଡଳ ସଭାପତି, ଅଠର ଗୁଡ଼ି ସଭାପତି, ମହିଳାମଞ୍ଚ, ଯୁବାମଞ୍ଚ ଓ କୃଷକମଞ୍ଚ ପ୍ରମୁଖ ଯୋଗଦେଇ ସଭାକୁ ସାଫଲ୍ୟ କରିଥିଲେ। କାର୍ଯ୍ୟକ୍ରମକୁ ବଲାଙ୍ଗିର ଆଞ୍ଚଳିକ କମିଟିର ସାଧାରଣ ସମ୍ପାଦକ ଦିଗାମ୍ବର ନାଏକ ପରିଚାଳନା କରିଥିବା ବେଳେ, ଆଞ୍ଚଳିକ କମିଟିର ଉପସଭାପତି ଲିଲି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଁରେ ମଦ କାରବାର ବନ୍ଦ କରିବାକୁ ମହିଳାଙ୍କ ଦାବି



ନବରଙ୍ଗପୁର,(ସବ୍ୟୁ) : ମହିଳା ମାନେ ନିଜ ଗାଁରେ ମଦ ବନ୍ଦ କରିବାକୁ ଜିଲ୍ଲାପାଳ, ଏସପି, ଅବକାରୀ ଏସପିଙ୍କ ନିକଟକୁ ଆସି ଦାବିପତ୍ର ଦେଇ ଆସୁଛନ୍ତି। ଏହାରି ମଧ୍ୟରେ ଜିଲ୍ଲାରେ ନାରୀ ମହାସଂଘ ଗଠନ କରି ଏହାରି ଜରିଆରେ ବି ବହୁ ମହିଳା ଆସି ଗାଁ ଗୁଡିକରେ ଦେଶୀ ଓ ବିଦେଶୀ ମଦ ବନ୍ଦ କରିବାକୁ ଦାବି କରି ସ୍ମାରକପତ୍ର ଦେଇ ଆସୁଛନ୍ତି । ସେହିପରି ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ମେଣ୍ଟ୍ରି, ପାପାଡାହାଣ୍ଡି ବ୍ଲକର ବେଡଝରଣ ଓ ନବରଙ୍ଗପୁର ବ୍ଲକର ତାରାଗାଁରୁ ଶତାଧିକ ମହିଳା ମଦ ବନ୍ଦ କରିବା ଦାବିକୁ ନେଇ ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ, ଏସପି ପାର୍ଥ ଜଗଦୀଶ କାସ୍ୟପ,ଅବକାରୀ ଅଧିକ୍ଷକ ପ୍ରତାପ ଦାଶଙ୍କୁ ଭେଟି ଆଲୋଚନା କରିଥିଲେ।

ଉପରୋକ୍ତ ଗାଁ ସହ ଏହି ଗାଁକୁ ଲାଗିଥିବା ଗାଁ ଗୁଡିକରେ ବ୍ୟାପକ ଦେଶୀ ଓ ବିଦେଶୀ ମଦ ବିକ୍ରି ସହ ନିଶା କାରବାରରେ ଗାଁ ବୁଡ଼ି ରହିଛି। ସଂଧ୍ୟା ସମୟରେ ମହିଳାମାନେ ବଜାରକୁ ଯିବା ପାଇଁ ଶ୍ରେୟ ମଣୁ ନାହାନ୍ତି। ଏଥିପାଇଁ ମହିଳା ମାନେ ନାରୀ ମହାସଂଘ ଗଠନ କରି ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଗାଁରେ ମଦ ବନ୍ଦ କରିଲେ ଅନ୍ୟ ଗାଁରୁ ମଦ ଆଣି ବିକ୍ରି କରୁଥିବା ଅଭିଯୋଗ କରିଥିଲେ। ଅବକାରୀ ବିଭାଗର କର୍ମଚାରୀଙ୍କୁ ସୂଚନା ଦେବା ପରେ ବି ଚଢ଼ାଉ କରୁନଥିବା ମହିଳା ମାନେ ଅଭିଯୋଗ କରିଥିଲେ। ପୁଲିସ ଓ ଅବକାରୀ ବିଭାଗ ତୁରନ୍ତ ଚାଉ କରି ଦେଶୀ ମଦ ବିକ୍ରି ବନ୍ଦ କରିବେ ବୋଲି ଜିଲ୍ଲାପାଳ, ଏସପି ଓ ଅବକାରୀ ଅଧିକ୍ଷକ ପ୍ରତିଶ୍ରୁତି ଦେଇଥିଲେ। ଅବକାରୀ ଅଧିକ୍ଷକ ଏହି ତିନି ଗାଁରେ ତୁରନ୍ତ ଚାଉ କରାଯିବ ବୋଲି ଉପରୋକ୍ତ ଥାନା ଅଂଚଳ ଅବକାରୀ ଥାନାର କର୍ମଚାରୀଙ୍କୁ ଫୋନ କରି କହିଥିଲେ। ନନ୍ଦାହାଣ୍ଡି ବ୍ଲକ ଓ ତେନ୍ତୁଳିଖୁଣ୍ଟି ବ୍ଲକରେ ଏଭଳି ବିକ୍ରୀକୁ ନେଇ ଏସପି ନବରଙ୍ଗପୁର ଏସଡିପିଓ କୃଷ୍ଣଚନ୍ଦ୍ର ଭତରାଙ୍କୁ ତୁରନ୍ତ ଏଦିଗରେ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ବାରମ୍ବାର ପୁଲିସ, ଅବକାରୀ ବିଭାଗ ସହ ପ୍ରଶାସନକୁ ବି ଏ ନେଇ ସୂଚନା ଦିଆଯାଉଛି। ବିଷାକ୍ତ କିମ୍ବା ନକଲି ମଦ ପିଇ ଲୋକେ ମରିବା ସହ ବଡ ଅଘଟଣ ହେଲେ ପ୍ରଶାସନ ଜାଗ୍ରତ ହେବ ବୋଲି କହିଛନ୍ତି ମହିଳା ନେତ୍ରୀ ମାନେ । ଅଭିଯୋଗଗୁଡିକୁ ପ୍ରଶାସନ ସକାରତ୍ମକ ଭାବେ ନେଇ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସହରର ବହୁ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି।

# ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବେରୁକଙ୍କ ଅବସରଗ୍ରହଣ

ନର୍ଲା,(ସବ୍ୟୁ): ମସ୍କାଗୁଡା ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୋଟେନେରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବେରୁକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଦୀର୍ଘ ୩୬ ବର୍ଷ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ସେବା ଯୋଗେଇ ସେ ଚାକିରୀରୁ ଅବସର ନେଇଛନ୍ତି । ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୋଟେନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହା ଆଡମ୍ବର ସହିତ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଗଲା । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ , ଗ୍ରାମବାସୀ ତଥା କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲା ଆମଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଦବ୍ୟାସ ପୁଟା ଯୋଗ ଦେଇଥିବା ବେଳେ ନିମନ୍ତ୍ରିତ, ସମ୍ମାନିତ ଅତିଥିଭାବେ ମସ୍କାଗୁଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରକାଶ ଚନ୍ଦ୍ର ପଧାନ, ବରିଷ୍ଠ ଶିକ୍ଷକ ସତ୍ୟାନନ୍ଦ ବେରୁକ, ଶିକ୍ଷକ ବିଷ୍ଣୁ ନାରାୟଣ ଭଞ୍ଜ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ତଥା ୱାର୍ଡ ମେମ୍ବର ଦୁର୍ଯ୍ୟୋଧନ ସୁନା ମଂଚାସୀନ ଥିଲେ । କାର୍ଯ୍ୟକ୍ରମ ଟି ସିଆରସିସି ପ୍ରକାଶ ଚନ୍ଦ୍ର ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଶିକ୍ଷକ ବିଭୁତି ଭୂଷଣ ତାଣ୍ଡି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଲଳିତ ମୋହନ ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟିକିଲିପଡ଼ା ଗାଁରେ ବିଦ୍ୟୁତ ସମସ୍ୟା ଗ୍ରୀଡ୍‌ରେ ତାଲା ପକାଇଲେ ଗ୍ରାମବାସୀ

ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଟିକିଲିପଡ଼ା ପଞ୍ଚାୟତ ଅଞ୍ଚଳରେ ଗତ କିଛି ଦିନ ହେଲା ବିଦ୍ୟୁତ୍ ସମସ୍ୟା ଲାଗି ରହିଛି । ଏନେଇ ଗ୍ରାମବାସୀ ଅନେକ ଥର ଜମନକିରା ଗ୍ରିଡ୍‌କୁ ଆସି ସମସ୍ୟା ସମ୍ପର୍କରେ ସେକ୍ସନ ଅଫିସରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ବିଭାଗ ପକ୍ଷରୁ ପ୍ରତିକାର କରୁ ନଥିବାରୁ ଉତ୍ୟକ୍ତ ଗ୍ରାମବାସୀ ସମିତି ସଭ୍ୟ ରୋହିତ ଭୋଇ ଏବଂ ସରପଞ୍ଚ ଅଜିତ ନାଏକଙ୍କ ନେତୃତ୍ୱରେ ଗ୍ରିଡ୍ ମୁଖ୍ୟ ଗେଟରେ ତାଲା ପକାଇ ଥିଲେ। ପରେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ, ଆଇଆଇସି ରଞ୍ଜନ ନାଗ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ସେକ୍ସନ ଅଫିସର ଶିବ ପ୍ରସାଦଙ୍କୁ ଡକେଇ ସମାଧାନ କରିଥିଲେ। ବିଡ଼ିଓ ଏବଂ ଆଇଆଇସିଙ୍କ ନିର୍ଭର ପ୍ରତିଶ୍ରୁତି ପରେ ତାଲା ଖୋଲି ଥିଲେ। ପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା। ଏବେ ଗ୍ରୀଷ୍ମ ଦିନ ଥିବା ବେଳେ ଅସହ୍ୟ ଗରମ ଯୋଗୁଁ ଲୋକେ ଡହକ ବିକଳ ହେଉଛନ୍ତି । ଏଥିଯୋଗୁଁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇ ଗତ ମାସ ୧୩ ତାରିଖ ଦିନ ବିଭାଗ ଅଧିକାରୀଙ୍କୁ ଲିଖିତ ଚେତାବନୀ ଦେଇଥିଲେ। ତା ସତ୍ତ୍ୱେ ବିଭାଗ ପକ୍ଷରୁ ଅବହେଳା ପ୍ରଦର୍ଶନ କରାଯାଇଥିଲା। ଆଜି ଉତ୍ୟକ୍ତ ଗ୍ରାମବାସୀ ସମିତି ସଭ୍ୟ ଏବଂ ସରପଞ୍ଚଙ୍କୁ ଧରି ଜମନକିରା ଗ୍ରିଡ୍‌କୁ ଆସି ପ୍ରଥମେ ସେକ୍ସନ ଅଫିସରଙ୍କୁ ଖୋଜିଥିଲେ। ସେ କୌଣସି ମିଟିଂ ପାଇଁ ସମ୍ବଲପୁର ଯାଇଥିବାରୁ ଉତ୍ୟକ୍ତ ଗ୍ରାମବାସୀ ଗ୍ରିଡ୍ ମୁଖ୍ୟ ଗେଟରେ ତାଲା ପକାଇଥିଲେ। ପରେ ଉତ୍ତେଜନା ପ୍ରକାଶ ପାଇବାରୁ ଥାନା ଅଧିକାରୀ ସେକ୍ସନ ଅଫିସରଙ୍କୁ ଯୋଗାଯୋଗ କରି ବିଡ଼ିଓଙ୍କୁ ଜଣାଇଥିଲେ। ବିଡ଼ିଓ, ଆଇଆଇସି ଗ୍ରିଡ୍ ରେ ପହଞ୍ଚି ସେକ୍ସନ ଅଫିସର ଙ୍କୁ ଡକେଇ ସମସ୍ୟାର ସମାଧାନ କରିଥିଲେ।

# ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବି ପି ମାପିବା ଯନ୍ତ୍ର ନାହିଁ

ତରଭା,(ସବ୍ୟୁ): ଉଭୟ କେନ୍ଦ୍ର ଓ ରାଜ୍ୟରେ ରହିଥିବା ବିଜେପିର ଡବଲ ଇଂଜିନ ସରକାର ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇ ଦିଆଯାଉଛି ବୋଲି ଡିଣ୍ଡିମି ପିଟୁଛନ୍ତି। ହେଲେ ତାହା କେବଳ କଥାରେ ଓ କାଗଜ କଲମରେ ସୀମିତ ରହିଯାଉଛି । ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ । ତରଭା ବ୍ଲକ ସହ ବୌଦ୍ଧ ଜିଲ୍ଲାର କଣ୍ଟାମାଳ ଓ ବଲାଙ୍ଗିର ଜିଲ୍ଲାର ପୁଇଁତଲା ବ୍ଲକର ବହୁ ରୋଗୀ ନିର୍ଭର କରୁଥିବା ତରଭା ଡାକ୍ତର ଖାନାରେ ସାମାନ୍ୟ ଉଚ୍ଚ ରକ୍ତଚାପ ମାପଯନ୍ତ୍ର ନାହିଁ । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ଅଭାବ ରହିଥିବା ଯୋଗୁଁ ଅଞ୍ଚଳର ସାଧାରଣ ରୋଗୀ ସେବା ପାଇପାରୁ ନାହାନ୍ତି। ମିଳିଥିବା ସୂଚନା ଅନୁଯାଇ ମଙ୍ଗଳବାର ରାତି ପ୍ରାୟ ୯ ଟା ସମୟରେ ଜଣେ ମହିଳା ଅସୁସ୍ଥତା ଅନୁଭବ କରିବାରୁ ତାଙ୍କ ଝିଅ ସହିତ ତରଭା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ । କିନ୍ତୁ ସେଠାରେ କାର୍ଯ୍ୟରତ ଡାକ୍ତର ନଇମ ବକ୍ସ ରକ୍ତ ଚାପ ପରୀକ୍ଷା ହୋଇପାରିବନାହିଁ, ମେସିନ (ଯନ୍ତ୍ର)ଖରାପ ଅଛି, ବାହାରେ ପରୀକ୍ଷା କରି ନେବା ପାଇଁ କହିଥିଲେ । ବିଭିନ୍ନ ପ୍ରକାର ଯୁକ୍ତି କରି ରୋଗୀଙ୍କୁ ଫେରାଇ ଦେଇଥିଲେ । ଉପସ୍ଥିତ ଲୋକ ବିପି ମପା ଯନ୍ତ୍ର କାହିଁକି ନାହିଁ ବୋଲି କହିବାରୁ ପୋଲିସରେ ଦିଆଯିବ ବୋଲି ଡାକ୍ତର ବକ୍ସ ଧମକ ଦେଇ ପୋଲିସକୁ ଫୋନ କରିଥିଲେ। ପୋଲିସର ଧମକ ଦେବା ପରେ ସେଠାରେ ଥିବା ଅନ୍ୟ ରୋଗୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା । ଘଟଣା ଜାଣିବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏପରି ଘଟଣା ଘଟିବା ଉଚିତ ନୁହେଁ, ତଥା ଡାକ୍ତର ଏଭଳି ବ୍ୟବହାର କରିବା ଉଚିତ ନୁହେଁ, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ।

# ବଦଳୁଛି ଗାଁର ଚିତ୍ର : ନିଶୁଳ୍କ ଶିକ୍ଷାଦାନରେ ସରପଞ୍ଚ ଗଢୁଛନ୍ତି ଶିଶୁଙ୍କ ଭବିଷ୍ୟତ



ନୂଆପଡ଼ା,(**ସୁରେନ୍ଦ୍ର ପ୍ରସାଦ ତିୱାରୀ**): ଜନପ୍ରତିନିଧି ମାନେ କେବଳ ରାସ୍ତାଘାଟ, ପାନୀୟଜଳ କିମ୍ବା ଆନୁଷଙ୍ଗିକ ମୌଳିକ ସୁବିଧାର ବିକାଶରେ ସୀମିତ ନ ରହି ସମାଜ ଗଠନରେ ମଧ ଅଗ୍ରଣୀ ଭୂମିକା ନିଭାଇପାରନ୍ତି, ଏହାର ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛନ୍ତି ନୂଆପଡ଼ା ଜିଲ୍ଲା ଖଡ଼ିଆଲ ବ୍ଲକ୍ ର ଖୁଦପେଜ ଗ୍ରାମ ପଞ୍ଚାୟତଛଏହି ପଞ୍ଚାୟତର ସରପଞ୍ଚ ଯଶୋଦା ଶତପଥି ଗ୍ରାମର ଶିଶୁ ଓ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଉନ୍ନତି ପାଇଁ ଆରମ୍ଭ କରିଛନ୍ତି ଏକ ଅଭିନବ ନିଶୁଳ୍କ ଶିକ୍ଷାଦାନ କାର୍ଯ୍ୟକ୍ରମ । ତାଙ୍କର ଏହି ମହତ୍ ପ୍ରୟାସ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଆଜିର ଦିନରେ ଯେତେବେଳେ ଶିକ୍ଷା ବ୍ୟୟବହୁଳ ହୋଇପଡ଼ିଛି। ସେତେବେଳେ ଆର୍ଥିକ ଅଭାବରୁ ଗ୍ରାମୀଣ ଅଞ୍ଚଳର ଅନେକ ପରିବାର ପିଲାମାନଙ୍କୁ ଅତିରିକ୍ତ ଶିକ୍ଷା (ଟ୍ୟୁସନ) ଦେଇପାରୁ ନାହାନ୍ତି। ଏହି ସମସ୍ୟାକୁ ବୁଝି ସରପଞ୍ଚଙ୍କ ସହ ଗ୍ରାମର ଅନ୍ୟାନ୍ୟ ସଚେତନ ନାଗରିକମାନେ ମଧ ହାତ ମିଳାଇଛନ୍ତି। ଆଶାକର୍ମୀ ସବିତା ମାଝୀ ଓ ଅନିତା ବାଗ ଛାତ୍ରଛାତ୍ରୀଙ୍କୁ ନିୟମିତ ଶିକ୍ଷା ଗ୍ରହଣ ପାଇଁ ପ୍ରୋତ୍ସାହିତ କରୁଛନ୍ତି । ସହଯୋଗର ହାତ, ସ୍ୱଚ୍ଛ କର୍ମୀ ମୀନା ନାଗ ଓ ଇନ୍ଦୁମତୀ ମହାନନ୍ଦ ଏହି ଅଭିଯାନକୁ ସଫଳ କରିବାରେ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ଏହି କାର୍ଯ୍ୟକ୍ରମର ସବୁଠାରୁ ବିଶେଷ କଥା ହେଉଛି, ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଚନ୍ଦ୍ର ପାଣ୍ଡେ ନିଜର ଦୀର୍ଘ ବର୍ଷର ଶିକ୍ଷାଦାନ ଅନୁଭବକୁ ଏଠାରେ ପିଲାମାନଙ୍କ ସହ ବାଣ୍ଟୁଛନ୍ତି। ତାଙ୍କ ମାର୍ଗ ଦର୍ଶନରେ ପିଲାମାନେ କେବଳ ପାଠ୍ୟପୁସ୍ତକ ଜ୍ଞାନ ନୁହେଁ ବରଂ ଶୃଙ୍ଖଳା, ନୈତିକତା ଓ ଜୀବନ ମୂଲ୍ୟବୋଧ ସମ୍ପର୍କରେ ଶିକ୍ଷା ଲାଭ କରୁଛନ୍ତି।

ସରପଞ୍ଚଙ୍କ ଏହି ଉଦ୍ୟମକୁ ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀ ଭୂରି ଭୂରି ପ୍ରଶଂସା କରିଛନ୍ତି। ଗ୍ରାମବାସୀଙ୍କ ମତରେ– ଶିକ୍ଷା ହେଉଛି ସମାଜ ପରିବର୍ତ୍ତନର ମୂଳ ଆଧାର । ଏହି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମର ଅନେକ ଗରିବ ଏବଂ ମେଧାବୀ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି । ଏହା ସେମାନଙ୍କ ଭବିଷ୍ୟତ ଗଢ଼ିବାରେ ଏକ ବଡ଼ ସହାୟକ ହେବ। ଜନପ୍ରତିନିଧି ଏବଂ ସମାଜସେବୀମାନଙ୍କର ଏହି ସମନ୍ୱିତ ଉଦ୍ୟମ ଖୁଦପେଜ ଗ୍ରାମ ପଞ୍ଚାୟତର ଶିକ୍ଷା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଶିକ୍ଷାର ଆଲୋକକୁ ପ୍ରତ୍ୟେକ ଘରେ ପହଞ୍ଚାଇବା ପାଇଁ ସରପଞ୍ଚ ଯଶୋଦା ଶତପଥି ଓ ତାଙ୍କ ଟିମ୍‌ଙ୍କର ଏହି ପ୍ରୟାସ ଆଜି ସମଗ୍ର ରାଜ୍ୟ ପାଇଁ ଏକ ପ୍ରେରଣାର ଉତ୍ସ ସାଜିଛି।

# ଅଂଶୁଘାତରେ ସ୍ୱପ୍ନେଶ୍ୱର ପ୍ରଧାନଙ୍କ ମୃତ୍ୟୁ !

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଡଇଁଚା ଗ୍ରାମ ପଞ୍ଚାୟତ ତଣ୍ଡାବୀରା ଗ୍ରାମର ସ୍ୱପ୍ନେଶ୍ୱର ପ୍ରଧାନଙ୍କ (୫୬) ମଙ୍ଗଳବାର ପ୍ରଚଣ୍ଡ ଖରାରେ ଜମିରେ କାମ କରୁଥିବା ସମୟରେ ଅଂଶୁଘାତରେ ମୃତ୍ୟୁ ବରଣ କରିଥିବା ଅଭିଯୋଗ ହେଉଛି । ସେ କଂଗ୍ରେସ ଦଳ ର ଜଣେ ସକ୍ରିୟ କର୍ମୀ ଭାବରେ ବ୍ଲକ ଅଞ୍ଚଳରେ ବେଶ ପରିଚିତ ଥିଲେ ।

# ନୂଆପଡ଼ାରେ ଅବୈଧ ଧାନ ଚୋରା ଚାଲାଣ ଉପରେ ଚଢ଼ାଉ

ନୂଆପଡ଼ା,(ସବ୍ୟୁ): ଧାନର ଅବୈଧ ମହଜୁଦ ଓ ଚୋରା ଚାଲାଣ ବିରୋଧରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ଦୁଇଟି ପୃଥକ ଘଟଣାରେ ମୋଟ ୪୬.୩୦ କ୍ୱିଣ୍ଟାଲ ଧାନ ଜବତ କରାଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ କରାଯାଇଥିଲା । ପ୍ରଥମ ଘଟଣା– ସିନାପାଲି ବ୍ଲକର ସିଂଘଝର ଗ୍ରାମରୁ ସୁରେଶ ମାଝୀଙ୍କ ଘରୁ ୨୭.୨୦ କ୍ୱିଣ୍ଟାଲ (୬୪ ବସ୍ତା)ଧାନ ଜବତ ହୋଇଛି। ସେହିପରି ଧରମବନ୍ଧା ଅଞ୍ଚଳରେ ଏକ ଛତିଶଗଡ଼ ଗାଡ଼ିରୁ ୧୯.୧୦ କ୍ୱିଣ୍ଟାଲ ୬୦ ବସ୍ତା ଚୋରା ଧାନ ଜବତ କରାଯାଇଛି। ବୈଧ କାଗଜପତ୍ର ନଥିବାରୁ ଜବତ ଧାନକୁ ଅଟକ ରଖି ତଦନ୍ତ ଜାରି ରହିଛି। ଆଗାମୀ ଦିନରେ ମଧ ଏହିଭଳି ଯାଞ୍ଚ ଅଭିଯାନ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ଜେ ଇ ଇ ଆଡଭାନ୍ସ ପରୀକ୍ଷା ପଶ୍ଚିମ ଓଡିଶା ଟପ୍ପର ହେଲେ କୌଶିକ ସାହୁ

ଧର୍ମଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସାହୁ ପଡାର ମେଧାବୀ ଛାତ୍ର କୌଶିକ କୁମାର ସାହୁ ଚଳିତ ୨୦୨୬ ଜେ ଇ ଇ ଆଡଭାନ୍ସ ପରୀକ୍ଷା ସର୍ବ ଭାରତୀୟ ସ୍ତରରେ ସାଧାରଣ ବର୍ଗରେ ୨୩୪୩ ର୍ୟାଙ୍କିଙ୍ଗ ସହ ପଛୁଆ ବର୍ଗରେ ୪୩୮ ର୍ୟାଙ୍କ ହାସଲ କରି ସମଗ୍ର ପଶ୍ଚିମ ଓଡିଶାର ଟପ୍ପର ସାଜିବା ସହ ରାଜ୍ୟର ପ୍ରଥମ ତିନି ସ୍ଥାନ ମଧ୍ୟରେ ରହି ଦେଶର ପ୍ରତିଷ୍ଠିତ ଆଇ ଆଇ ଟିରେ ପ୍ରବେଶିକା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । କୌଶିକ ଧର୍ମଗଡ଼ ସାହୁ ପଡା କିଶୋର ଚନ୍ଦ୍ର ସାହୁ ଓ ମଞ୍ଜୁଳା ସାହୁ ଙ୍କ ନାତି ତଥା ଜ୍ୟେଷ୍ଠ ପୁତ୍ର କିରଣ କୁମାର ସାହୁ ଓ ରୀନା ସାହୁଙ୍କ ସୁପୁତ୍ର ଅଟନ୍ତି ।

# ସମରଧରା–ଲଖନପୁର ଡୁଙ୍ଗୁରୀ ଉଚ୍ଚ ସେତୁ ନିର୍ମାଣରେ ବିଳମ୍ବ

ଅମ୍ବାଭୋନା,(ସବ୍ୟୁ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ସମରଧରା–ଲଖନପୁର–ଡୁଙ୍ଗୁରୀ ପୂର୍ତ୍ତ ବିଭାଗ ରାସ୍ତା ଉପରେ ନିର୍ମାଣାଧୀନ ଉଚ୍ଚ ସେତୁ କାମରେ ଅହେତୁକ ବିଳମ୍ବକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଓ ଚିନ୍ତା ବଢ଼ିବାରେ ଲାଗିଛି। ବର୍ଷା ଋତୁ ଆସିବା ପୂର୍ବରୁ ସେତୁ କାମ ସମ୍ପୂର୍ଣ୍ଣ ନ ହେଲେ ଛଅଟି ପଞ୍ଚାୟତର ହଜାର ହଜାର ଲୋକଙ୍କ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି। ସୂଚନା ଅନୁଯାୟୀ, ସମରଧରା ନାଳ ଉପରେ ପୂର୍ବରୁ ଥିବା ରାସ୍ତା ବର୍ଷା ଦିନରେ ପ୍ରାୟତଃ ଜଳମଗ୍ନ ହୋଇଯାଏ । ଜଙ୍ଗଲ ଅଞ୍ଚଳର ବିଭିନ୍ନ ନାଳ ଓ ବିଶେଷକରି ବାରବଖରା ପାହାଡ଼ ଅଞ୍ଚଳରୁ ପ୍ରବଳ ବର୍ଷାଜଳ ଆସିବା ଫଳରେ ନାଳ ଉପରେ ଚାରି ଫୁଟରୁ ଅଧିକ ପାଣି ପ୍ରବାହିତ ହୁଏ । ଫଳରେ ରାସ୍ତା ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରହିଥାଏ ଓ ଅଞ୍ଚଳବାସୀ ନାନା ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏହି ଦୀର୍ଘଦିନର ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଭଟଲି ବିଧାୟକ ଇରାଶିଶ ଆଚାର୍ଯ୍ୟଙ୍କ ପ୍ରୟାସରେ ପ୍ରାୟ ୬୧୧.୪୩ ଲକ୍ଷ ଟଙ୍କା ବ୍ୟୟରେ ଉଚ୍ଚ ସେତୁ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର ହୋଇଥିଲା। ଗତ ୨୫ ଅଗଷ୍ଟ ୨୦୨୫ରେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସେତେବେଳେ ଅଞ୍ଚଳବାସୀ ନିଜର ବହୁଦିନର ସ୍ୱପ୍ନ ସାକାର ହେବାକୁ ଯାଉଥିବାରୁ ଖୁସି ପ୍ରକାଶ କରିଥିଲେ। କିନ୍ତୁ , ନିର୍ମାଣ କାର୍ଯ୍ୟର ଗତି ଅତ୍ୟନ୍ତ ମନ୍ଥର ରହିଥିବାରୁ ବର୍ଷା ଋତୁ ପୂର୍ବରୁ କାମ ସରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ବର୍ତ୍ତମାନ ନାଳ ଉପରେ ଚାରିଟି ହ୍ୟୁମ୍ ପାଇପ ବସାଇ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଛିଛ ଉଭୟ ପାର୍ଶ୍ୱରେ ମାଟି ପକାଇ ଯାତାୟାତ ବ୍ୟବସ୍ଥା କରାଯାଇଥିଲେ ମଧ ପ୍ରଥମ ବର୍ଷାରେ ଏହା ଧୋଇଯିବାର ସମ୍ଭାବନା ରହିଛି। ଯଦି ପ୍ରବଳ ବର୍ଷା ହୁଏ, ତେବେ ନାଳର ସ୍ରୋତରେ ରାସ୍ତାର ମାଟି ଭାସିଯିବା ସହ କାମ ସମ୍ପୂର୍ଣ୍ଣ ବନ୍ଦ ହୋଇପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ରାସ୍ତା ଡୁଙ୍ଗୁରୀ, ବୁଙ୍ଗାପାଲି, ଉତ୍ତମ, ଖୋଲା, ଲଖନପୁର ଓ କର୍ଲା ଗ୍ରାମପଞ୍ଚାୟତର ଲୋକଙ୍କ ପାଇଁ ଜୀବନରେଖା ସଦୃଶଛ ସ୍କୁଲ, କଲେଜ, ଡାକ୍ତରଖାନା, କୋର୍ଟ, ଜିଲ୍ଲା ମୁଖ୍ୟାଳୟ, ରେଳ ଷ୍ଟେସନ, ବ୍ୟାଙ୍କ ଏବଂ ଦୈନନ୍ଦିନ ବ୍ୟବସାୟିକ କାର୍ଯ୍ୟ ପାଇଁ ଲୋକମାନେ ଏହି ରାସ୍ତା ଉପରେ ନିର୍ଭରଶୀଳ। ବର୍ଷା ଯୋଗୁଁ ଯଦି ଯାତାୟାତ ବନ୍ଦ ହୁଏ, ତେବେ ସମଗ୍ର ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯିବ। ତେଣୁ ଅଞ୍ଚଳର ବିଶାଳ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗର ଉଚ୍ଚ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ସେତୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବର୍ଷା ଦିନରେ ଯାତାୟାତ ପାଇଁ ବିକଳ୍ପ ସୁରକ୍ଷିତ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ଦାବି କରୁଛନ୍ତି।

# ବିକାଶ ନୁହେଁ, ଶ୍ରେୟ ନେବାର ରାଜନୀତି ଚାଲିଛି : ଭାସ୍କର ରାଓ




ରାୟଗଡା, (ସବ୍ୟୁ): ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଜୁ ସ୍ୱାଭିମାନ ମଞ୍ଚର ଅଧ୍ୟକ୍ଷ ଏନ୍. ଭାସ୍କର ରାଓ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ହୋଇଥିଲା । ସଭାରେ ମଞ୍ଚର ଭବିଷ୍ୟତ କାର୍ଯ୍ୟପନ୍ଥା, ସାଙ୍ଗଠନିକ ବିସ୍ତାର ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଯୋଗ୍ୟ ପ୍ରାର୍ଥୀ ଚୟନ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ବିଭିନ୍ନ ଅଞ୍ଚଳରେ ସଂଗଠନକୁ ସୁଦୃଢ଼ କରିବା ସହ ଜନସମସ୍ୟାକୁ ଆନ୍ଦୋଳନର ପ୍ରମୁଖ ପ୍ରସଙ୍ଗ କରିବା ଉପରେ ମଧ ନେତୃବୃନ୍ଦ ଗୁରୁତ୍ୱାରୋପ କରିଥିଲେ। କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକାଙ୍କ ବିରୋଧରେ କଡ଼ା ସମାଲୋଚନା କରିଥଲେ ଶ୍ରୀ ରାଓ । ରାୟଗଡ଼ା ଜିଲ୍ଲାରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଶ୍ରେୟ ନେଇ ସାଂସଦ ଲୋକଙ୍କୁ ଭ୍ରମିତ କରୁଥିବା ଅଭିଯୋଗ କରି ସେ କହିଛନ୍ତି ଯେ, ଗତ ତିନି ବର୍ଷ ଧରି ସାଂସଦ ବାରମ୍ବାର ମିଥ୍ୟା ତଥ୍ୟ ଉପସ୍ଥାପନ କରୁଛନ୍ତି। ସେଥିପାଇଁ ସତ୍ୟ ଘଟଣାକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଏହି ସାମ୍ବାଦିକ ସମ୍ମିଳନୀ ଡକାଯାଇଥିବା ଶ୍ରୀ ରାଓ କହିଛନ୍ତି। ଏହି ସବୁ ବିକାଶ ପୂର୍ବ ସରକାରଙ୍କ ପଦକ୍ଷେପର ଫଳ ବୋଲି ଦାବି କରିଛନ୍ତି। ଏନ୍. ଭାସ୍କର ରାଓ କହିଛନ୍ତି ଯେ, ପୂର୍ବ ସରକାର ସମୟରେ ସେ ନିଜେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ସାକ୍ଷାତ କରି ରାୟଗଡ଼ାରେ ରେଳ ଡିଭିଜନ ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। ସେହିପରି ଗୁଣପୁର ଥେରୁବାଲି ରେଳ ପ୍ରକଳ୍ପ ସମ୍ପର୍କିତ ପ୍ରସ୍ତାବ ସପ୍ତଗିରି ଉଲ୍ଲାକା ସାଂସଦ ହେବା ପୂର୍ବରୁ ହିଁ ବଜେଟରେ ଟୋକନ ବ୍ୟବସ୍ଥା ମାଧ୍ୟମରେ ସ୍ଥାନ ପାଇଥିଲା। ସେ ଆହୁରି କହିଛନ୍ତି ଯେ ରାୟଗଡ଼ା ବାଇପାସ୍ ରାସ୍ତା ନିର୍ମାଣ ପାଇଁ ପୂର୍ବ ସରକାର ସମୟରେ ବିଜେଡିର ସମସ୍ତ ସାଂସଦ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରିଥିଲେ। ଏହା ପରେ ହିଁ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହାଛଡ଼ା ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ମୋବାଇଲ ଟାୱାର ସ୍ଥାପନ ପାଇଁ ମଧ ଅନେକ ଥର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସେ କହିଛନ୍ତି। ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ବରିଷ୍ଠ ଆଦିବାସୀ ନେତ୍ରୀ ଚୁନି ହୁଇକା, ଚନ୍ଦ୍ରକାନ୍ତ ସାମଲ, ବାନାଗାଡ଼ି ତିରୁପତି, ହରପ୍ରସାଦ ହେପୃକା, କୈଳାସ କ୍ରାସ୍କାଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ।

# ସାମାଜିକ ବାସନ୍ଦର କରୁଣ ଚିତ୍ର : ମୃତ୍ୟୁ ପରେ ବି ମିଳିଲାନି କାନ୍ଧ

ବରଗଡ,(ସବ୍ୟୁ): ଆଧୁନିକ ସମାଜରେ ଆଜି ବି ମାନବିକତା କେତେ ତଳକୁ ଖସିପାରେ ଏବଂ ସାମାଜିକ ବାସନ୍ଦ ନାମରେ ମଣିଷ କେତେ ନିଷ୍ଠୁର ହୋଇପାରେ, ତାର ଏକ ଜ୍ୱଳନ୍ତ ତଥା ହୃଦୟ ବିଦାରକ ଉଦାହରଣ ଦେଖିବାକୁ ମିଳିଛି ବାଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ଅନ୍ତର୍ଗତ ମର୍ହାଟିକ୍ରା ଗ୍ରାମରେ। ତେବେ ଅନ୍ଧକାର ଭିତରେ ଆଲୋକର କିରଣ ସାଜି, ସମାଜକୁ ଏକ ବଡ଼ ବାର୍ତ୍ତା ଦେବା ସହ ମାନବିକତାର ଉଦାହରଣ ସୃଷ୍ଟି କରିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଂକଳ୍ପ ପରିବାର'। ମୃତ ବୃଦ୍ଧା ଜଣକ ହେଲେ ମର୍ହାଟିକ୍ରା (ବରାହମୁଣ୍ଡା)ଗ୍ରାମର ଶାନ୍ତି ବରିହା (୬୫)। ଅତୀତରେ ସେ ନିଜ ଇଚ୍ଛାରେ ଅନ୍ୟ ଜାତିରେ ବିବାହ କରିଥିଲେ। କିନ୍ତୁ ଏହି ନିଷ୍ପତ୍ତି ତାଙ୍କ ପାଇଁ ଅଭିଶାପ ପାଲଟିଥିଲା। ପରିବାର ତଥା ଗ୍ରାମବାସୀ ତାଙ୍କୁ ଆକ୍ରୋଶର ଶିକାର କରିବା ସହ ଗାଁରୁ ସବୁଦିନ ପାଇଁ ବାସନ୍ଦ କରିଦେଇଥିଲେ। ସମାଜର ଏହି କଠୋର ଓ ଅନ୍ଧବିଶ୍ୱାସୀ ନିୟମ ଯୋଗୁଁ ତାଙ୍କର ନିଜର କହିଲେ ଆଉ କେହି ନଥିଲେ, ଏବଂ ସେ ଏକାକୀ ନିର୍ବାସିତ ଜୀବନ ବିତାଉଥିଲେ। ସବୁଠାରୁ ଲୋମଟାଙ୍କୁରା ଓ ଦୁଃଖର ବିଷୟ ହେଉଛି, ଆଜିକୁ ୫ ବର୍ଷ ପୂର୍ବେ ଯେତେବେଳେ ତାଙ୍କ ସ୍ୱାମୀଙ୍କର ଦେହାନ୍ତ ହୋଇଥିଲା, ସେହି ଦୁଃଖଦ ସମୟରେ ମଧ ଗାଁର କୌଣସି ବ୍ୟକ୍ତି ସାହାଯ୍ୟ କରିବାକୁ ଆଗେଇ ଆସିନଥିଲେ। ଅନ୍ୟ କୌଣସି ଉପାୟ ନପାଇ ଅସହାୟ ଶାନ୍ତି ଦେବୀ ମାତ୍ର ୫୦୦ ଟଙ୍କା ଦେଇ ଦୁଇଜଣ ଲୋକଙ୍କ ସାହାଯ୍ୟରେ ଏକ ଗାତ ଖୋଳାଇଥିଲେ ଏବଂ ନିଜେ ନିଜ ସ୍ୱାମୀଙ୍କ ମୃତଦେହକୁ ଘୋଷାଡ଼ି ନେଇ କବର ଦେଇଥିଲେ। ବୋଧହୁଏ ସେହି ଦିନ ହିଁ ସମାଜର ବିବେକ ଓ ମାନବିକତା ମରିଯାଇଥିଲା । ବର୍ତ୍ତମାନ ଏହି ଦୁଃଖିନୀ ବୃଦ୍ଧାଙ୍କର ମଧ ପରଲୋକ ଘଟିଛି। ମୃତ୍ୟୁ ପରେ ବି ସେହି ସମାନ ପରିସ୍ଥିତି ଉପୁଜିଥିଲା, କେହି ପାଖ ମାଡ଼ିନଥିଲେ । ତେବେ ପଡ଼ୋଶୀ ବରାହମୁଣ୍ଡା ଗ୍ରାମର ଜଣେ ସହୃଦୟ ବ୍ୟକ୍ତି ତରଣୀ ଦଲେଇ ଏହି ଘଟଣା ସମ୍ପର୍କରେ ଜାଣିବା ପରେ 'ସଂକଳ୍ପ ପରିବାର' ସହ ଯୋଗାଯୋଗ କରିଥିଲେଛ ପରେ ଅତାବିରା ପୋଲିସର ଅନୁରୋଧ ତଥା ସହଯୋଗ କ୍ରମେ 'ସଂକଳ୍ପ ପରିବାର'ର ସଦସ୍ୟମାନେ ଆଗେଇ ଆସିଥିଲେ। ଅନୁଷ୍ଠାନର ସଂପାଦକ ଜି. ରମେଶଙ୍କ ତତ୍ତ୍ୱାବଧାନରେ ସଦସ୍ୟ ନିଲେଶ ପ୍ରଧାନ, ଚିନ୍ମୟ ପାଣ୍ଡେ, ଯୋଗେନ୍ଦ୍ର ପାଣ୍ଡେ, ଦିନେଶ ମହତ୍ତମ୍, ରୋହନ, ଅମର ସିଂ ଓ ସାହିଲ ଭୋଇ ପ୍ରମୁଖ ମର୍ହାଟିକ୍ରାଠାରେ ପହଞ୍ଚି ବୃଦ୍ଧାଙ୍କ ଶବକୁ ଅତି ସସମ୍ମାନେ ସତ୍କାର କରିଥିଲେ। ବୃଦ୍ଧା ଶାନ୍ତି ବରିହାଙ୍କ ଏହି କାହାଣୀ ଆମ ସମାଜର ରକ୍ଷଣଶୀଳ ମନୋଭାବ ଉପରେ ଏକ ଶକ୍ତ ଚାପୁଡ଼ା। ଅନ୍ୟ ଜାତିରେ ବିବାହ କରିବା କଣ ଏତେ ବଡ଼ ଅପରାଧ ଯେ ଜଣେ ମଣିଷର ମୃତ୍ୟୁ ପରେ ବି ତାର ଶେଷକୃତ୍ୟ ପାଇଁ ୪ ଜଣ କାନ୍ଧ ଦେବାକୁ ଆସିବେ ନାହିଁ। 'ସଂକଳ୍ପ ପରିବାର'ର ଏହି ପଦକ୍ଷେପ ପ୍ରମାଣ କରିଦେଇଛି ଯେ ସାମାଜିକ ବାସନ୍ଦ, ଜାତି ଓ ଧର୍ମ ଠାରୁ ମାନବିକତା ଢେର୍ ଉର୍ଦ୍ଧ୍ୱରେ। ଜଣେ ଅସହାୟର ଶେଷ ସମୟରେ ପାଖରେ ଠିଆ ହେବା ହିଁ ପ୍ରକୃତ ମାନବ ଧର୍ମ। ଆଶା କରାଯାଉଛି, ଏହିଘଟଣାରୁ ଶିକ୍ଷା ଲାଭ କରି ଆମ ସମାଜରୁ 'ବାସନ୍ଦ' ଭଳି ଘୃଣ୍ୟ କୁପ୍ରଥାର ଅନ୍ତ ଘଟିବ ଏବଂ ଲୋକଙ୍କ ମଧ୍ୟରେ ଭାଇଚାରା ଓ ସହାନୁଭୂତିର ଜାଗରଣ ହେବ ।

# ଜି-୯ କଦଳୀର ବଜାରୀକରଣ, ରପ୍ତାନି ନିମନ୍ତେ ପ୍ରସ୍ତୁତି କର୍ମଶାଳା

କଳମପୁର,(ସବ୍ୟୁ): ତ୍ରିଲୋକେଶ୍ୱର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ କଳମପୁର ଠାରେ କଦଳୀର ବଜାରୀକରଣ ଓ ରପ୍ତାନି ସମ୍ପର୍କିତ ଅଭିମୁଖୀକରଣ ଏବଂ ଯୋଜନା ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ରୁ ଅଧିକ ଅଗ୍ରଣୀ କଦଳୀ ଚାଷୀଙ୍କୁ ନେଇ ତାଲିମ ପ୍ରଦାନ କରାଯାଇଛି। ନାବାର୍ଡର ଜିଲ୍ଲା ଉନ୍ନୟନ ପ୍ରବନ୍ଧକ ମହେଶ୍ୱର ଦାଶ, କୃଷି ସହାୟକ ଅଧିକାରୀ ଅଜୟ କୁମାର ବେମାଲ, ମହାଶକ୍ତି ଫାଉଣ୍ଡେସନର ବରିଷ୍ଠ ପ୍ରବନ୍ଧକ ଦେବେନ୍ଦ୍ର ମିଶ୍ର ଏବଂ ତ୍ରିଲୋକେଶ୍ୱର ଏଫପିସିର ପରିଚାଳନା ନିର୍ଦ୍ଦେଶକଶରତ ଚନ୍ଦ୍ର ମୁଣ୍ଡ ଯୋଗଦେଇ ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀ ମୁଣ୍ଡ କଦଳୀ ରପ୍ତାନି ପାଇଁ ଆବଶ୍ୟକ କାର୍ଯ୍ୟପ୍ରଣାଳୀ ଉପସ୍ଥାପନ କରିଥିଲେ। ସେ କଦଳୀ କ୍ଷେତ୍ର ପରିଚାଳନା, ଫସଲର ସଠିକ୍ ଚିକିତ୍ସା ଓ ଯତ୍ନ, ଫଳ ସଂଗ୍ରହ ପରବର୍ତ୍ତୀ ପ୍ରକ୍ରିୟା, ଗ୍ରେଡିଂ, ପ୍ୟାକିଂ ଏବଂ ପରିବହନ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ମହେଶ୍ୱର ଦାଶ ଓ ଅଜୟ କୁମାର ବେମାଲ ଚାଷୀମାନଙ୍କୁ ଜୈବିକ ଚାଷ ପ୍ରଣାଳୀ ଅନୁସରଣ କରିବା, ରାସାୟନିକ ସାର ଓ କୀଟନାଶକର ସୀମିତ ବ୍ୟବହାର କରିବା ସହିତ ଜୈବିକ ସାରର ଅଧିକ ପ୍ରୟୋଗ କରିବା ପାଇଁ ପରାମର୍ଶ ଦେବସହ ଉନ୍ନତ ଗୁଣବତ୍ତାର ଉତ୍ପାଦନ ଓ ରପ୍ତାନି ପାଇଁ ଜୈବିକ ଓ ପ୍ରାକୃତିକ କୃଷି ପଦ୍ଧତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ କଦଳୀ ଚାଷୀମାନେ ବଜାରୀକରଣ ଓ ରପ୍ତାନି ସମ୍ପର୍କିତ ବିଭିନ୍ନ ତଥ୍ୟ ଜାଣିବା ସହିତ ନିଜ ଉତ୍ପାଦକୁ ଜାତୀୟ ଓ ଆନ୍ତର୍ଜାତୀୟ ବଜାରରେ ପହଞ୍ଚାଇବା ପାଇଁ ଆବଶ୍ୟକ ପଦକ୍ଷେପ ବିଷୟରେ ଅବଗତ ହୋଇଥିଲେ। ବିଗତ ଦିନରେ ତ୍ରିଲୋକେଶ୍ୱର ଏଫ ପି ଓ ଦ୍ୱାରା ପାଲଡିଅମ ସଂସ୍ଥା ସହାୟତାରେ ଦୁବାଇକୁ ରପ୍ତାନି କରାଯାଇଛି ।

## ମୁରିବାହାଲ ବ୍ଲକରେ ୬୩୨୨ ହିତାଧିକାରୀ
# ପାଇନାହାନ୍ତି ୩ ମାସର ଭତ୍ତା

ମୁରିବାହାଲ,(ସବ୍ୟୁ): ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ସେବା ଯୋଜନା ଏବେ ଗରିବ ଏବଂ ଅସହାୟ ଲୋକଙ୍କ ଲାଗି ବାଟବଣା ହେବାରେ ଲାଗିଛି। ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଞ୍ଚଳରେ ପ୍ରଶାସନିକ ଅବହେଳା ଓ ବୈଷୟିକ ତ୍ରୁଟି ଯୋଗୁଁ ବିଗତ ୩ମାସ ହେବ ହଜାର ହଜାର ହିତାଧିକାରୀ ସେମାନଙ୍କର ମାସିକ ପ୍ରାପ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସୂଚନା ଅନୁଯାୟୀ,ବ୍ଲକର ପ୍ରାୟ ୬୩୨୨ଜଣ ହିତାକାରୀଙ୍କ ବ୍ୟାଙ୍କ ଖାତାକୁ ଗତ ଏପ୍ରିଲ ମେ ଓ ଜୁନ ମାସର ଭତ୍ତା ଟଙ୍କା ଆସିନାହିଁ । ଫଳରେ ବ୍ଲକ ଅଞ୍ଚଳର ନିରୀହ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମୁରିବାହାଲ ବ୍ଲକରେ ହଜାର ହଜାର ହିତାଧିକାରୀ ବିଭିନ୍ନ ସରକାରୀ ସାମାଜିକ ସୁରକ୍ଷା ଭତ୍ତା ଯୋଜନାରେ ସାମିଲ ହୋଇଛନ୍ତି। ସେଥିମଧ୍ୟରୁ ବ୍ଲକର ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୪୫୫୬ ଜଣ, ବିଧବା ଭତ୍ତା ଯୋଜନାରେ ୧୩୬୮ଜଣ ଓ ଦିବ୍ୟାଙ୍ଗ ଭତ୍ତା ଯୋଜନାରେ ୩୯୮ଜଣ ହିତାଧିକାରୀ ଯେଉଁମାନେ ବ୍ୟାଙ୍କ ଖାତା ମାଧ୍ୟମରେ ଟଙ୍କା ପାଉଥିଲେ ସେମାନଙ୍କ ମଧ୍ୟରୁ ମୋଟ ୬୩୨୨ଜଣ ୩ମାସ ଧରି ନିଜର ମାସିକ ଭତ୍ତା ପାଇନାହାନ୍ତି। କେବଳ ମଧୁବାବୁ ପେନସନ ଯୋଜନାରେ ବ୍ଲକର ୧୨ହଜାର ୪୧ଜଣ ନଗଦ ଆକାରରେ ଭତ୍ତା ଅର୍ଥ ପାଇସାରିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ରାଜ୍ୟସ୍ତରରେ ପୋର୍ଟାଲ ଇଣ୍ଟିଗ୍ରେସନ' କାର୍ଯ୍ୟ ଚାଲିଥିବାରୁ ଏହି ପ୍ରକ୍ରିୟାରେ ବିଳମ୍ବ ହୋଇଥିବା କହିଛନ୍ତି । ତେବେ ଏହି ଭତ୍ତା ଟଙ୍କା କେବେ ସୁଦ୍ଧା ହିତାଧିକାରୀଙ୍କ ଖାତାକୁ ଆସିବ,ସେ ନେଇ ସ୍ଥାନୀୟ ବିଭାଗ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ଅନ୍ୟପକ୍ଷେ ଭତ୍ତା ଟଙ୍କା ଉପରେ ନିର୍ଭର କରୁଥିବା ହଜାର ହଜାର ବୃଦ୍ଧବୃଦ୍ଧା, ନିରାଶ୍ରୟ ବିଧବା ଏବଂ ଦିବ୍ୟାଙ୍ଗମାନଙ୍କ ଜୀବନଯାପନ ଦୁର୍ବିସହ ହୋଇପଡ଼ିଛି। ଔଷଧ କିଣିବାଠାରୁ ଆରମ୍ଭ କରି ଦୁଇ ଓଳି ଖାଇବା ପାଇଁ ସେମାନେ ଅନ୍ୟ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ଭତ୍ତା ଟଙ୍କା ଆସିଛି କି ନାହିଁ ଜାଣିବାକୁ ପ୍ରତିଦିନ ଶହ ଶହ ହିତାଧିକାରୀ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ ଅଫିସ, ବ୍ୟାଙ୍କ ଏବଂ ଗ୍ରାମାଞ୍ଚଳରେ ଥିବା ଗ୍ରାହକ ସେବା କେନ୍ଦ୍ରଗୁଡ଼ିକ ସମ୍ମୁଖରେ ଭିଡ଼ ଜମାଉଛନ୍ତି । ଖରାରେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେବା ପରେ ଶେଷରେ ସେମାନଙ୍କୁ ନିରାଶ ହୋଇ ଘରକୁ ଫେରିବାକୁ ପଡୁଛି।

ସେହିପରି ବ୍ଲକର ୨୨ଟି ପଞ୍ଚାୟତ ଅଂଚଳରୁ ଗତ ମାସ ଶେଷ ସୁଦ୍ଧା ମୋଟ ୧୫ଶହରୁ ଉର୍ଦ୍ଧ୍ୱ ଜଣ ୬୦ବର୍ଷରୁ ଉର୍ଦ୍ଧ୍ୱ ନୂତନ ବୃଦ୍ଧବୃଦ୍ଧା ହିତାଧିକାରୀ ଭତ୍ତା ଆବେଦନ କରି ଅପେକ୍ଷାରେ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବ୍ଲକ ବିଏସଏସଓ ରିଙ୍କୁ ମେହେରଙ୍କୁ ପଚାରିବାରୁ ସଫ୍ଟୱେର ଓ ପୋର୍ଟାଲରେ ସମସ୍ୟା ଯୋଗୁଁ ଜୁନ୍ ମାସକୁ ମିଶାଇ ୩ମାସର ଭତ୍ତା ପାସବୁକରେ ଜମା ହୋଇନାହିଁ,ଆଗାମୀ ୧୫ତାରିଖ ସୁଦ୍ଧା ସମସ୍ତ ଭତ୍ତା ମିଳିବାର ସମ୍ଭାବନା ରହିଛି ଓ ନୂତନ ଭତ୍ତା ଆବେଦନରେ ବିଧବା ଓ ଦିବ୍ୟାଙ୍ଗଙ୍କୁ ଆଗ୍ରାଧିକାର ଦିଆଯାଇ ତୁରନ୍ତ ଭତ୍ତା ଯୋଜନାରେ ସାମିଲ କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।

**ନୂଆଁ ଭତ୍ତା ଅପେକ୍ଷାରେ ୧୫ଶହ ଜଣ**

# ଅଜଣା ଗାଡ଼ି ଧକ୍କାରେ ଯୁବକ ଓ ନାବାଳକଙ୍କ ମୃତ୍ୟୁ

ଟିଟିଲାଗଡ଼,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଉପଖଣ୍ଡ ସଇଁତଳା ଥାନା ଅଧୀନ ବେଲଗାଁ ଦେଇ ଯାଇଥିବା ୫୯ ନମ୍ବର ଜାତୀୟ ରାଜପଥର ଚାରଭଙ୍ଗା ଠାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି । ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ଓ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି । ଟିଟିଲାଗଡ ସହର ସର୍ଗୁଗୁଡ଼ା ମଦନ ଜାଲ ଛକ ନିବାସୀ ସୁବୁ କୁମ୍ଭାର(୧୮) ଓ ବେଲଗାଁ ର ସାଗର ନାଗ(୧୭) ନିଜ ସାଙ୍ଗମାନଙ୍କ ସହ ଚାରଭଙ୍ଗା ଖେଳ ପଡ଼ିଆରେ କ୍ରିକେଟ ଖେଳି ସାରି ସନ୍ଧ୍ୟା ୭ ଘଣ୍ଟା ସମୟରେ ଟିଟିଲାଗଡ ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ଘଟଣା ପରେ ସ୍ଥାନୀୟ ଲୋକମାନେ ତୁରନ୍ତ ଆମ୍ବୁଲାନ୍ସ ଏବଂ ପୁଲିସକୁ ଖବର ଦେଇଥିଲେ। ଟିଟିଲାଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ମୃତଦେହକୁ ଜବତ କରି ସରକାରୀ ଡାକ୍ତରଖାନା ପରିସରରେ ଥିବା ଶବ ସଂରକ୍ଷିତ ଗୃହରେ ରଖିଛି। ପୁଲିସ ଫେରାର ଅଜଣା ଗାଡ଼ିର ସନ୍ଧାନ ଜାରି ରଖିଥିବା ବେଳେ ଘଟଣାର ତଦନ୍ତ ଚାଲିଥିବା ସୂଚନା ମିଳିଛି।

# ମହାନଗର ନିଗମ ପକ୍ଷରୁ ଜବରଦଖଲ ଉଚ୍ଛେଦ ଅଭିଯାନ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ମହାନଗର ନିଗମର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ବ୍ୟାପକ ଜବରଦଖଲ ଉଚ୍ଛେଦ ଅଭିଯାନ ଚାଲୁ ରହିଛି। ଏହି କ୍ରମରେ ଜିଲ୍ଲା ସ୍କୁଲ ଛକରୁ ଓଡ଼ିଶା ସାଂସ୍କୃତିକ ସମାଜ ଭବନ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶର୍ବରେ ଜବରଦଖଲ ଉଚ୍ଛେଦ ସହ ନାଳ ସଫେଇ କରାଯାଇଥିଲା। ଦୀର୍ଘ ଦିନ ଧରି ଦୋକାନୀମାନଙ୍କ ଦ୍ୱାରା ରାସ୍ତା ଓ ନାଳ ଉପରେ ହୋଇଥିବା ଅବୈଧ ଅତିକ୍ରମଣ ଯୋଗୁଁ ମୁଖ୍ୟ ରାସ୍ତାଟି ଅତ୍ୟନ୍ତ ସଂକୀର୍ଣ୍ଣ ହୋଇ ପଡ଼ିଥିଲା। ଫଳରେ ଯାନବାହନ ଚଳାଚଳରେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଥିଲା। ଏଥିସହ ଜବରଦଖଲ ଯୋଗୁଁ ନାଳ ସଫେଇ କାର୍ଯ୍ୟ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇ ପଡ଼ିଥିଲା। ଫଳସ୍ୱରୂପ ବିଭିନ୍ନ ସ୍ଥାନରେ ନାଳଗୁଡ଼ିକ ଜାମ୍ ହୋଇ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥିଲା। ବର୍ଷା ଜଳ ଓ ନାଳ ପାଣି ରାସ୍ତା ଉପରେ ପ୍ରବାହିତ ହେଉଥିଲା। ସେହିପରି ବୁର୍ଲା ଆନନ୍ଦବିହାର ନିକଟସ୍ଥ ପାୱାର ଚ୍ୟାନେଲ କଡରେ ଦୀର୍ଘଦିନ ଧରି ଗ୍ୟାରେଜ, ହୋଟେଲ, ମାଂସ ଦୋକାନ, ଫାଷ୍ଟଫୁଡ ସେଣ୍ଟର କରି ବ୍ୟାପକ ଜବରଦଖଲ କରାଯାଇଥିଲା। କେତେକ ବ୍ୟକ୍ତି ସରକାରୀ ଜମିରେ ସ୍ଥାୟୀ ଦୋକାନ ଗୃହ ନିର୍ମାଣ କରି ତାହାକୁ ଭଡା ସୂତ୍ରରେ ମଧ୍ୟ ଅନ୍ୟକୁ ଦେଇଥିବା ଦେଖିବାକୁ ମିଳିଥିଲା। ଏହି ରାସ୍ତାଟି ବୁର୍ଲା ସହରର ପ୍ରବେଶ ପଥ ହୋଇଥିବା ବେଳେ ପ୍ରତ୍ୟହ ଶହଶହ ସଂଖ୍ୟାରେ ଯାନବାହାନ ଚଳାଚଳ କରିଥାଏ। ଭିସୁଟ୍ ଓ ଭିମସାର ଭଳି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଗୁଡିକୁ ଯାତାୟତ ପାଇଁ ଏହି ରାସ୍ତା ବ୍ୟବହୃତ ହୋଇଥାଏ। ଜବରଦଖଲ ଯୋଗୁଁ ଯାତାୟତରେ ବ୍ୟାପକ ବାଧା ସୃଷ୍ଟି ହେଉଥିଲା। ତେବେ ଉଚ୍ଛେଦ ପରେ ଯାନବାହାନ ଚଳାଚଳ ସୁଗମ ହେବ ବୋଲି ଆଶା କରାଯାଉଛି।

# ଡିଭାଇଡର୍‌କୁ ଚଢ଼ାଇଦେଲା ହାଇୱା,ବାଇକ୍ ଆରୋହୀ ମୃତ

ସୁନ୍ଦରଗଡ଼,(ସବ୍ୟୁ) : ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା କାଲଟା ଫାଣ୍ଡି ଅଧିନସ୍ଥ କମଣ୍ଡ ଷ୍ଟିଲ ପ୍ଲାଣ୍ଟ ଗେଟ୍ ସମ୍ମୁଖ ୫୨୦ ଜାତୀୟ ରାଜପଥ ଠାରେ ଏକ ହାଇୱା (ଓଡି୧୪ଏଏନ୫୧୭୪)ଟି ରାଜପଥରେ ଥିବା ଡିଭାଇଡରର ଜିଆଇଁ ଅପରିପାର୍ଶ୍ୱରୁ ଆସୁଥିବା ବାଇକ ଆରୋହୀମାନଙ୍କୁ ଘୋଷାଡ଼ି ନେଇଥିଲା। ଦୁର୍ଘଟଣା ଏତେ ମର୍ମନ୍ତୁଦ ଥିଲା ଯେ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ଅନ୍ୟ ଜଣେ ଗୁରୁତର ଆହତ ଅବସ୍ଥାରେ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ସୁଦ୍ଧା ନା ପ୍ରଶାସନ ନା ଖଣି କର୍ତ୍ତୃପକ୍ଷ କିଛି ପଦକ୍ଷେପ ଗ୍ରହଣ କରୁଛନ୍ତି। ଫଳରେ ବାରମ୍ବାର ଜୀବନ ହାନୀ ଘଟି ଚାଲିଛି ।

# ହୀରାକୁଦରେ ସଂଘବଦ୍ଧ ଆକ୍ରମଣ, ଯୁବକ ଗୁରୁତର

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ହୀରାକୁଦ ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତା ଯୋଗୁଁ ଜଣେ ଯୁବକକୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଫଳରେ ଯୁବକ ଜଣକ ଗୁରୁତର ଆହତ ହୋଇ ବୁର୍ଲା ଭିମସାରରେ ଭର୍ତ୍ତି ହୋଇଛନ୍ତି । ଆହତ ଯୁବକ ଜଣକ ଗୁଜାତଲ ଅଞ୍ଚଳର ଗଗନ ଜଗଦୀଶ(୨୦) ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଗଗନଙ୍କ ନାମରେ ପୂର୍ବରୁ ଏକାଧିକ ଅପରାଧିକ ମାମଲା ରହିଛି। ବିଗତ ଦିନରେ ସେ ଏକ ମାମଲାରେ ଗିରଫ ହୋଇ ଜେଲ ମଧ୍ୟ ଯାଇଥିଲେ । ଜେଲରୁ ବାହାରିବା ପରେ ସେ ପୁଣି ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ସହ ଝଗଡ଼ା ଓ ଗଣ୍ଡଗୋଳ କରିଥିଲେ । ଗତରାତିରେ ମଧ୍ୟ ଏକ ଗଣ୍ଡଗୋଳ ଘଟଣାକୁ ନେଇ ପୋଲିସ ତାଙ୍କୁ ଥାନାକୁ ଆଣିଥିଲା। ପରେ ପରିବାର ଲୋକଙ୍କୁ ଡାକି ଜିମା ଦିଆଯାଇଥିଲା । ତେବେ ବୁଧବାର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେତେକ ଯୁବକଙ୍କୁ ସେ ବାଡ଼ିଆପିଟା କରିଥିଲେ । ଫଳରେ ଉକ୍ତ ଯୁବକମାନେ ପ୍ରତିକ୍ରିୟାଶୀଳ ହୋଇ ଗଗନଙ୍କୁ ସଂଘବଦ୍ଧ ଭାବେ ଛୁରିରେ ଆକ୍ରମଣ କରିଥିଲେ । ଫଳରେ ସେ ଗୁରୁତର ଆହତ ହୋଇଥିଲେ । ଖବର ପାଇ ପୋଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭିମସାରରେ ଭର୍ତ୍ତି କରିଛି । ଅନ୍ୟପଟେ ଆହତ ଗଗନଙ୍କ ପିତା କରୁଣାକର ଜଗଦୀଶ ତାଙ୍କ ପୁଅକୁ ୪ ଜଣ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି । ଏନେଇ ହୀରାକୁଦ ଥାନାରେ ୧୨୧/୨୬ରେ ଏକ ମାମଲା ରୁଜୁ ପୋଲିସ ତଦନ୍ତ ଆରମ୍ଭ କରି ସନ୍ଦେହରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି । ସେହିପରି ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି ।

# ୧୪୪୦ ବୋତଲ କଫ୍ ସିରପ ସହ ହାର୍ଭେଷ୍ଟର ଜବତ

ବରଗଡ,(ସବ୍ୟୁ): ବରଗଡ଼ ଜିଲ୍ଲା ଅତାବିରା ପୋଲିସକୁ ମିଳିଛି ବଡ଼ ସଫଳତା । ବିଶ୍ୱସନୀୟ ସୂଚନା ଆଧାରରେ ପୋଲିସ ପତ୍ରାପାଲି ଶିବ ମନ୍ଦିର ନିକଟରେ ଚଢ଼ାଉ କରି ଏକ କୁବୋଟା ହାର୍ଭେଷ୍ଟରରୁ ୧୨ କାର୍ଟୁନ ବେଆଇନ କଫ୍ ସିରପ ଜବତ କରିଛି। ଜବତ ସିରପରେ କୋଡିନ ଫସଫେଟ୍ ଥିବା ଜଣାପଡ଼ିଛି। ଚଢ଼ାଉ ବେଳେ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଗୁରୁଖାପାଲି ଦେହେରିପଡ଼ାର ଜିତେନ୍ଦ୍ର ମେଣ୍ଡଲି ଏବଂ କୁପାଲିର ନିରଞ୍ଜନ ତ୍ରିପାଠୀ । ପୋଲିସ ୧୨ କାର୍ଟୁନରେ ଥିବା ୧୪୪୦ ବୋତଲ କଫ୍ ସିରପ ସହ ଏକ କୁବୋଟା ହାର୍ଭେଷ୍ଟର ଜବତ କରିଛି। ଏନେଇ ଅତାବିରା ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଗିରଫ ନେଇ ପୋଲିସ ତନାଘନା ଜାରି ରଖିଛି।

# ଝାରସୁଗୁଡ଼ା ହକି ଷ୍ଟାଡିୟମର ଉନ୍ନତୀକରଣ ପାଇଁ ଆଲୋଚନା

ଝାରସୁଗୁଡ଼ା,(ସବ୍ୟୁ): ରାଜ୍ୟ ସରକାରଙ୍କ କ୍ରୀଡ଼ା ଏବଂ ଯୁବ ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ବରିଷ୍ଠ ଖେଲୋ ଇଣ୍ଡିଆ ବିଭାଗର ଅଧିକାରୀ ଧୀରଜ କୁମାର ପଟ୍ଟନାୟକ ଓ ଅନ୍ୟ ଅଧିକାରୀ ଙ୍କ ସହିତ ଭୁବନେଶ୍ୱର ଠାରେ ହକି ଓଡିଶାର ଉପସଭାପତି ଜୀବନ ମହାନ୍ତି ଝାରସୁଗୁଡ଼ା ହକି ଷ୍ଟାଡିୟମର ଉନ୍ନତୀକରଣ ଓ ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଆସନ୍ତା ଜୁଲାଇ ପ୍ରଥମ ସପ୍ତାହରେ ଜିଲ୍ଲାରେ ଆନ୍ତଃ ସ୍କୁଲ ପ୍ରତିଯୋଗିତା, କ୍ଲବ ପ୍ରତିଯୋଗିତା ଓ ଦ୍ୱିତୀୟ ଆନ୍ତଃ ରାଜ୍ୟ ବାଳିକା ସବ-ଜୁନିୟର ୫-ଏ ସାଇଡ଼ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ନିର୍ଦ୍ଧାରିତ କରାଯାଇଛି ବୋଲି ପ୍ରକାଶ କରିଥିଲେ। ଅତିରିକ୍ତ ସଚିବ ଶ୍ରୀ ସ୍ୱାଇଁ ଝାରସୁଗୁଡ଼ା ହକି ଆସୋସିଏସନର କାର୍ଯ୍ୟର ପ୍ରଶଂସା କରି ପ୍ରକାଶ କରିଥିଲେ ଯେ ଜିଲ୍ଲାରେ ବିଭିନ୍ନ ସ୍କୁଲରେ ହକି ପ୍ରଶିକ୍ଷଣ ଓ ଜିଲ୍ଲାର ୩୮ ଟି ସ୍କୁଲକୁ ହକି ଖେଳିବା ପାଇଁ ଆଲ୍ଟ୍ରା କମ୍ପାନୀର ସମସ୍ତ ସରଞ୍ଜାମ ଯୋଗାଇ ଥିବାରୁ ହକି ଆସୋସିଏସନକୁ ପ୍ରଚାର ପ୍ରସାର ପଦକ୍ଷେପ ପାଇଁ ପ୍ରଶଂସା କରିଥିଲେ । ଶ୍ରୀ ମହାନ୍ତି ଗତ ୪ ବର୍ଷ ମଧ୍ୟରେ ୧୨୦୦ ବାଳକ ବାଳିକା ଜିଲ୍ଲାରେ ହକି ଖେଳ ପ୍ରତି ଆଗ୍ରହ ଓ ହକି ଆସୋସିଏସନର ଆଗାମୀ ଦିନର କାର୍ଯ୍ୟକ୍ରମ ବିଷୟରେ ସୁଚନା ଦେଇଥିଲେ । ଗତ ଏପ୍ରିଲ ମାସରେ ଅତିରିକ୍ତ ସଚିବ ଶ୍ରୀ ସ୍ୱାଇଁ ନିଜେ ଝାରସୁଗୁଡ଼ା ହକି ଷ୍ଟାଡିୟମକୁ ଆସି ନିରିକ୍ଷଣ କରିଥିଲେ । ହକି ଆସୋସିଏସନ ନିଜସ୍ୱ ଚେଷ୍ଟାରେ ଟର୍ଫ ପିଚ୍‌ର ଶେଷ ପର୍ଯ୍ୟାୟରେ ନିର୍ମାଣ କାର୍ଯ୍ୟ ।

# ରାମପୁର ଶନି ମନ୍ଦିରରୁ ରୁପା ମୁକୁଟ ଚୋରି

ଏସ୍ -ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଶିବ ମନ୍ଦିର ପରିସରରେ ଶନି ମନ୍ଦିର ମଧ୍ୟରୁ ମଙ୍ଗଳବାର ବିଳମ୍ବିତ ରାତିରେ ଭଗବାନ ଶନିଙ୍କ ପ୍ରତିମୂର୍ତ୍ତିରେ ଲାଗିଥିବା ଏକ ରୂପା ମୁକୁଟକୁ ଦୁର୍ବୃତ୍ତ ମାନେ ଚୋରି କରିନେଇଛନ୍ତି । ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ମନ୍ଦିରରେ ଲାଗିଥୀବା ଗ୍ରିଲ କବାଟ ମଧ୍ୟରୁ ଏକ ଲମ୍ବା ବାଡ଼ି ସାହାଯ୍ୟରେ ଶନି ଭଗବାନଙ୍କ ମୁଣ୍ଡରେ ଲାଗିଥୀବା ରୁପା ମୁକୁଟ ଟାଣିନେଇ ଫେରାର ମାରିଥିଲେ। ସକାଳୁ ଉକ୍ତ ମନ୍ଦିର ପୂଜକ ହେମନ୍ତ ଥନାପତି ମନ୍ଦିର ପୂଜା କରିବାକୁ ଆସି ଭଗବାନଙ୍କ ମୁଣ୍ଡରେ ମୁକୁଟ ନଥିବା ଏଂ ପାରିପାର୍ଶ୍ୱିକ ପରିସ୍ଥିତି ଦେଖି ମୁକୁଟ ଚୋରୀ ହୋଇଥିବା ଜାଣିବାକୁ ପାଇଥିଲେ। ରାମପୁର ପୁଲିସକୁ ଖବର କରି ଏନେଇ ଲିଖିତ ଅଭିଯୋଗ କରିଥିଲେ। ରାମପୁର ଥାନା ଏସ୍‌ଆଇ ନିମାଇଁଚରଣ ବାରିକ ଘଟଣାର ତଦନ୍ତ କରିବା ପରେ ଜିଲ୍ଲା ମୁଖ୍ୟାଳୟରୁ ସନ୍ଧାନୀ କୁକୁର ଅଣାଯାଇ ଯାଞ୍ଚ କରିଥିବା ସୂଚନା ମିଳୁଛି।

# ସମ୍ବଲପୁରରେ ଭବ୍ୟ ସାଇକ୍ଲୋଥନ୍



ସମ୍ବଲପୁର, (ସବ୍ୟୁ): ବିଶ୍ୱ ସାଇକେଲ ଦିବସ ଅବସରରେ ମୋର ଯୁବ ଭାରତ ସମ୍ବଲପୁର ଓ ଲୋକ ସେବା ସଂଗଠନ ପକ୍ଷରୁ ଭବ୍ୟ ସାଇକ୍ଲୋଥନ୍ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳଅଶୋକ କୁମାର ଭୋଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ଏବଂ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଧୀର ବହିଦାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ମହାନଦୀ ରିଭରଫ୍ରଣ୍ଟ ନିକଟରୁ ସାଇକ୍ଲୋଥନ୍ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ଯୁବକଯୁବତୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପ୍ରିୟାଶ କୁମାର ସରାଫଙ୍କ ସହଯୋଗରେକାର୍ଯ୍ୟକ୍ରମ ହୋଇଥିଲା।

# କୋକସରା ବ୍ଲକର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ

କୋକସରା,(ସବ୍ୟୁ): କୋକସରା ବ୍ଲକର ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ଝଡ଼ ଓ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି । ଲଡୁଗାଁ ଗ୍ରାମର ବେଣୁଧର ନାଏକଙ୍କ ଘରର ଛାତ, ଶୁକଲ ନାଏକଙ୍କ କାନ୍ଥ, ରାଜେଶ ବାଗ, ଦେବ କରଣ ବାଗଙ୍କ ଘର ଛାତ ଉଡି ନଷ୍ଟ ହୋଇଛି। ଲଡୁଗାଁ ଝୁଲନାଖୁଣ୍ଟା ଛକରୁ ବାରିକପଡା ଗଳି ରାସ୍ତାରେ ଗଛ ପଡ଼ି ବିଦ୍ୟୁତ ସେବା ବିପର୍ଯ୍ୟସ୍ତ ହୋଇଛି। ଚିକିଲି ଲଡୁଗାଁ ରାସ୍ତାରେରେ ରଖିଥିବା ଚାଷୀଙ୍କ ଅମଳ ଧାନ ଭିଜିଯାଇ ଥିବା ଜଣାପଡିଛି। ପ୍ରବଳ ପବନ ସହ ବର୍ଷା ହେବାରୁ ଘନାଗୁଡା ନିକଟରେ ଥିବା ଟ୍ରାନ୍ସଫର୍ମରରୁ ଲଡୁଗାଁ ବନ୍ଧପଡାକୁ ସଂଯୋଗ କରୁଥିବା ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡିଛି। ଏହାସହ ବଡ଼ବଡ଼ ଗଛ ସବୁ ପଡ଼ି ଯାଇଛି। ଝଡ଼ର ତୀବ୍ରତା ଯୋଗୁଁ ଅନେକ କଚ୍ଚା ଘରର ଛାତ ଉଡ଼ିଯାଇଥିବା ବେଳେ କିଛି ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି । ସେହିପରି କୋକସରା, ଚିଲିଗୁଡା, ରେଙ୍ଗାଲପାଲି, ଓଲମା, ଝରିଆଗୁଡା ଗ୍ରାମରେ ମଧ ଚାଷୀଙ୍କ ଅମଳ ଧାନ ବର୍ଷାରେ ଭିଜି ନଷ୍ଟ ହୋଇଥିବା ଚାଷି ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ କୋକସରା ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ପହଞ୍ଚି ରାସ୍ତା ଉପରେ ପଡ଼ିଥିବା ଗଛ ଗୁଡ଼ିକୁ କାଟି ହଟାଇବା କାମ ଆରମ୍ଭ କରିଥିଲେ। ସେହିପରି ବିଦ୍ୟୁତ ବିଭାଗର କର୍ମଚାରୀ ମାନେ କ୍ଷତିଗ୍ରସ୍ତ ବିଦ୍ୟୁତ ଖୁଣ୍ଟ ଓ ତାରର ମରାମତି କାମ ଜାରି ରଖିଛନ୍ତି। ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଇଥିବା ଜନଜୀବନ ସ୍ୱାଭାବିକ କରିବା ପାଇଁ ଉଦ୍ୟମ ଚାଲିଥିବା ସୂଚନା ମିଳିଛି। ତେବେ କ୍ଷୟକ୍ଷତିର ସଠିକ୍ ଆକଳନ କରି କ୍ଷତିଗ୍ରସ୍ତ ପରିବାର ଓ ଚାଷୀଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।

# ଆଜିଠାରୁ ସର୍ବଭାରତୀୟ କବାଡି ଚାମ୍ପିୟାନସିପ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଟାଉନ ହଲ ପଡ଼ିଆ ଠାରେ ସମ୍ବଲପୁର କବାଡି ଲଭର୍ସ ଆସୋସିଏସନ ପକ୍ଷରୁ ପ୍ରଥମ ସର୍ବଭାରତୀୟ ସମ୍ବଲପୁର କପ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ବଛାବଛା ୮ଟି କବାଡି ଟିମ ଅଂଶଗ୍ରହଣ କରିବେ। ବୁଧବାର ହୋଟେଲ ହରଜିତ୍ ରେସିଡେନ୍ସି ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆସୋସିଏସନ୍‌ର ସଭାପତି ତଥା ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଏହା କହିଥିଲେ। ସେ ଆହୁରି କହିଥିଲେ ଯେ, କବାଡି କେବଳ ଏକ ଖେଳ ନୁହେଁ, ଦଳଗତ ଭାବନା, ଶୃଙ୍ଖଳା ଓ ସାହସର ପ୍ରତୀକ। ଏହାକୁ ନଜରରେ ରଖି ଯୁବ ପ୍ରତିଭା ମାନଙ୍କୁ ଜାତୀୟ ସ୍ତରରେ ପ୍ଲାଟଫର୍ମ ପ୍ରଦାନ ଓ ଉତ୍ସାହିତ କରିବା ପାଇଁ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ଖେଳାଳି, ଅଫିସିଆଲ୍ସ ଏବଂ ଦର୍ଶକ ମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଅଖିଳ ଭାରତୀୟ କବାଡି ମହାସଂଘର ସ୍ୱୀକୃତ ରେଫରୀ ମାନେ ଧାର୍ଯ୍ୟ ନିୟମ ଅନୁସାରେ ପ୍ରତିଯୋଗିତା ପରିଚାଳନା କରିବେ । ଏହି ଅବସରରେ ପ୍ରତିଯୋଗିତାର ଟ୍ରଫି ଓ ଜର୍ସି ଗୁଡିକୁ ଉନ୍ମୋଚନ କରାଯାଇଥିଲା। ଆସନ୍ତା ୪ତାରିଖରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇ ୭ତାରିଖ ସନ୍ଧ୍ୟାରେ ଉଦଯାପିତ ହେବ। ଏହି ପ୍ରତିଯୋଗିତାରେ ନୂଆଦିଲ୍ଲୀର ନନ୍ଦଲାଲ ଏକାଡେମୀ, ଉତ୍ତର ପ୍ରଦେଶ ୟୁପି ମଞ୍ଜିତ, ଛତିଶଗଡ଼ର ଚିଙ୍ଗରାଜପଡା, ଆନ୍ଧ୍ରପ୍ରଦେଶର ସ୍କାଇ ଆନ୍ଧ୍ରା, କଟକର ବାରବାଟୀ ସ୍ପୋର୍ଟ୍ସ କ୍ଲବ, ମୁମ୍ବାଇର ମୁମ୍ବାଇ ପୋଲିସ, ମଧ୍ୟପ୍ରଦେଶର ଷ୍ଟାର୍ଟ ସ୍ପୋର୍ଟ୍ସ, ଗୁଜୁରାଟର ଗୁଜୁରାଟ ଇନକମ ଟାକ୍ସ ଟିମ, ହରିୟାଣାର ବାବା ହରିଦାଶ ସ୍ପୋର୍ଟ୍ସ ଓ ସ୍ଥାନୀୟ ସମ୍ବଲପୁର ଟିମ ଭାଗ ନେଇଥିବା ଜଣାପଡିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆୟୋଜକ କମିଟି ସମ୍ପାଦକ ସୁଶାନ୍ତ ପୁରୋହିତ, ସାଙ୍ଗଠନିକ ସମ୍ପାଦକ ରାଜେଶ ସେଠ୍, କୋଷାଧ୍ୟକ୍ଷ ଅନୀଲ ବେହେରା, ଯୁଗ୍ମ ସମ୍ପାଦକ ଶ୍ରୀକାନ୍ତ ବାରିକ, ବରିଷ୍ଠ ସଦସ୍ୟ ଡ. ପ୍ରମୋଦ କୁମାର ରଥ ଓ ଅନୁପ ତରିଆ ପ୍ରମୁଖ ମଞ୍ଚାସୀନ ଥିଲେ।



# ଶତାୟୁ ଜୁନାଗଡ଼ ପିଡବ୍ଲ୍ୟୁଡି ବଙ୍ଗଳାର ପୁନରୁଦ୍ଧାର ଦାବି

ଜୁନାଗଡ଼ (**ରଜନୀ କାନ୍ତ ମିଶ୍ର**) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରରେ ଅବସ୍ଥିତ ପ୍ରାୟ ୧୨୦ ବର୍ଷ ପୁରୁଣା ଐତିହାସିକ ପିଡବ୍ଲ୍ୟୁଡି ବଙ୍ଗଳା (ଆଇବି)ର ଜରୁରୀ ମରାମତି ଓ ପୁନରୁଦ୍ଧାର ପାଇଁ ସ୍ଥାନୀୟ ମହଲରେ ଦାବି ଜୋର ଧରିଛି। ଏହି ଐତିହାସିକ ଭବନଟି ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ଏହାର ସଂରକ୍ଷଣ ନେଇ ସଚେତନ ନାଗରିକ ଓ ଐତିହ୍ୟପ୍ରେମୀମାନେ ଚିନ୍ତା ପ୍ରକଟ କରିଛନ୍ତି। ବ୍ରିଟିଶ ଶାସନ କାଳରେ ନିର୍ମିତ ହୋଇଥିବା ଏହି ବଙ୍ଗଳାଟି ପୂର୍ବତନ କଳାହାଣ୍ଡି ରାଜ୍ୟର ପ୍ରଶାସନିକ ବ୍ୟବସ୍ଥା ସହ ଜଡିତ ଏକ ଗୁରୁତ୍ୱପୂର୍ଣ୍ଣ ସ୍ମୃତିଚିହ୍ନ ଭାବେ ପରିଚିତ। ସେହି ସମୟରେ ସରକାରୀ ଅଧିକାରୀ ଓ ଅତିଥିମାନଙ୍କ ରହଣୀ ପାଇଁ ଏହା ବ୍ୟବହୃତ ହେଉଥିଲା। ଐତିହାସିକଙ୍କ ମତାନୁସାରେ ଜୁନାଗଡ଼ ଏକ ଐତିହାସିକ ସହର ଭାବେ ପରିଚିତ ଏବଂ ଏହା ପୂର୍ବତନ କଳାହାଣ୍ଡି ରାଜ୍ୟର ରାଜଧାନୀ ଥିଲା । ନାଗ ବଂଶର ଶାସନ, ମନ୍ଦିର ଓ ଐତିହ୍ୟବାହୀ ସ୍ଥାପତ୍ୟ ଏହି ଅଞ୍ଚଳର ଗୌରବମୟ ଇତିହାସର ସାକ୍ଷୀ ହୋଇ ରହିଛି। ଏହି ପରିପ୍ରେକ୍ଷୀରେ ପିଡବ୍ଲ୍ୟୁଡି ବଙ୍ଗଳା ମଧ୍ୟ ଏକ ମୂଲ୍ୟବାନ ଐତିହ୍ୟ ଭାବେ ଗଣ୍ୟ ହେଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସମାଜସେବୀମାନଙ୍କ କହିବା ଅନୁଯାୟୀ, ଭବନଟିର ତୁରନ୍ତ ମରାମତି ନ କରାଗଲେ ଏହାର ଐତିହାସିକ ମୂଲ୍ୟ ନଷ୍ଟ ହେବାର ଆଶଙ୍କା ରହିଛି। ତେଣୁ ରାଜ୍ୟ ସରକାର ଏହାର ପୁନରୁଦ୍ଧାର ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଏହି ଐତିହାସିକ ସମ୍ପଦକୁ ସଂରକ୍ଷଣ କରିବାକୁ ସାଧାରଣ ଲୋକେ ଦାବି କରିଛନ୍ତି।



ଏହି ଐତିହାସିକ ଭବନର ସଂରକ୍ଷଣ କେବଳ କଳାହାଣ୍ଡିର ଗୌରବମୟ ଅତୀତକୁ ସୁରକ୍ଷିତ ରଖିବ ନୁହେଁ, ବରଂ ଆଗାମୀ ପୀଢ଼ି ପାଇଁ ଏକ ମୂଲ୍ୟବାନ ଐତିହ୍ୟ ଭାବେ ପରିଗଣିତ ହେବ । ଜୁନାଗଡ ରେ ବହୁମାତ୍ରାରେ ସରକାରୀ ଜମି ଉପଲବ୍ଧ ଥିବା ସତ୍ତ୍ୱେ ୧୨୦ବର୍ଷ ରୁ ଅଧିକ ପୁରୁଣା ଐତିହାସିକ ବଙ୍ଗଳାକୁ ପୁନରୁଦ୍ଧାର ନ କରି ସେଠାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ଚିକିତ୍ସାଳୟର ସ୍ଥାପନ କରାଯାଉଥିବା ପ୍ରସ୍ତାବକୁ ନେଇ ବୁଦ୍ଧଜୀବୀ ମହଲରେ ଘୋର ନିନ୍ଦା ପ୍ରକାଶ ପାଉଛି। ଏହି ଐତିହ୍ୟକୁ ନଷ୍ଟ କରିବା ପରିବର୍ତ୍ତେ ଜୁନାଗଡର ଅନ୍ୟ କୌଣସି ଉପଯୁକ୍ତ ସରକାରୀ ଜମିରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ଚିକିତ୍ସାଳୟ ନିର୍ମାଣ କରିବାକୁ ଜୁନାଗଡବାସୀ ଦାବି କରୁଛନ୍ତି। ଉଭୟ ଉନ୍ନୟନ ଓ ଐତିହ୍ୟ ସଂରକ୍ଷଣକୁ ସମାନ ଗୁରୁତ୍ୱ ଦେଇ ସରକାର ଏ ଦିଗରେ ଉଚିତ ନିଷ୍ପତ୍ତି ନେବାକୁ ସାଧାରଣରେ ମତ ପ୍ରକାଶ ପାଉଛି ।

# ସେଭେନ ଷ୍ଟାର କ୍ଲବ ପାଇବ ପ୍ରକୃତି ମିତ୍ର ପୁରସ୍କାର

କୁଚିଣ୍ଡା,(ସବ୍ୟୁ): କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗଡ ପାଞ୍ଚାୟତର କୁଡାପଡା ଗାଁ ସେଭେନ ଷ୍ଟାର କ୍ଲବ ପାଇବେ ପ୍ରକୃତି ମିତ୍ର ପୁରସ୍କାର । ଏହି ଅନୁଷ୍ଠାନ ବୃକ୍ଷରୋପଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ କରି ପରିବେଶ ପାଇଁ ସବୁ ବେଳେ କାର୍ଯ୍ୟ କରି ଆସୁଛି । ଚଳିତ ବର୍ଷ ୨୦୨୬ରେ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସମ୍ବଲପୁର ଚିଡ଼ିଆ ଖାନାରେ ପରିସରରେ ଦେବା ପାଇଁ ଚୟନ କରାଯାଇଛି । ଜୁନ ୫ତାରିଖ ବିଶ୍ୱ ପରିବେଶ ଦିବସରେ ପୁରସ୍କାର ପ୍ରଦାନ କରାଯିବ । ଏହି ସେଭେନ ଷ୍ଟାର କ୍ଲବର ସଭାପତି ସରୋଜ ମେହେର ସମ୍ପାଦକ ମନୋଜ କୁମାର ମେହେର ତଥା ସମସ୍ତ କର୍ମକର୍ତ୍ତା ଏହା ପରି ଶ୍ରମ ଫଳ ବୋଲି କହିଛନ୍ତିଜ

**AFFIDAVIT**

By virtue of an affidavit sworn before Executive Magistrate, Borigumma, dated 27/05/2026, I KAMA HARIJAN Address: Borigumma, Po :/PS: Borigumma, Dist: Koraput, Odisha-764056 declare that I have changed my name from KUM HARIJAN to KAMA HARIJAN. Henceforth, I shall be known as KAMA HARIJAN for all purposes.

**Kama Harijan**

## ସମ୍ପାଦକୀୟ

# ପୁରୀରେ ବିପର୍ଯ୍ୟୟ ପ୍ରଶମନର ବ୍ରିକ୍ସ ସମ୍ମିଳନୀ

ସମଗ୍ର ବିଶ୍ୱରେ ବ୍ରିକ୍ସ ବ୍ଲକରେ ଯୋଡ଼ି ହୋଇଥିବା ବିଭିନ୍ନ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଏକ ଉଚ୍ଚମାନର ସୌହାର୍ଦ୍ଦ୍ୟପୂର୍ଣ୍ଣ ସହଯୋଗ ରହିଛି । ପରସ୍ପର ମଧ୍ୟରେ ଭୌଗଳିକ ସ୍ତରରେ ସମ୍ପର୍କ ରକ୍ଷା କରି ସମଗ୍ର ବିଶ୍ୱର ପ୍ରଶାସନିକ ସଂସ୍କାର ଅଣାଯିବା ସହିତ ଏକ ନୂତନ ସହଯୋଗର ହାତ ବଢାଇଛନ୍ତି ଏହି ବ୍ରିକ୍ସ ରାଷ୍ଟ୍ରସମୂହ । ଏହି ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଛନ୍ତି ବ୍ରାଜିଲ, ରୁଷିଆ, ଭାରତ, ଚାଇନା, ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ୟୁଥୋପିଆ, ଇରାନ, ୟୁନାଇଟେଡ ଆରବ ଏମିରେଟସ୍ (ୟୁଏଇ) ଓ ଇଣ୍ଡୋନେସିଆ । ବିଶ୍ୱର ଦକ୍ଷିଣାଞ୍ଚଳରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ସ୍ୱର ଏକତ୍ର ଅତି ତୀବ୍ର ବୋଲି ମନେ ହୋଇଥାଏ । କାରଣ ଜାତିସଂଘ ପରି ଅନୁଷ୍ଠାନକୁ ସଜାଡିବା ସହିତ ଅର୍ନ୍ତଜାତୀୟ ସ୍ତରରେ ସମାନୁପାତିକ ଭାବେ ଶୃଙ୍ଖଳା ଆଣିବା ବ୍ରିକ୍ସ ରାଷ୍ଟ୍ର ସମୂହର ଉଦ୍ଦେଶ୍ୟ । ଆମର ସୌଭାଗ୍ୟ ଯେ ଏହି ବର୍ଷ ଅର୍ଥାତ୍ ୨୦୨୬ରେ ଭାରତ ବ୍ରିକ୍ସର ଅଧ୍ୟକ୍ଷତା ଦାୟିତ୍ୱ ନେଇଛି ଏବଂ ୧୮ତମ ବ୍ରିକ୍ସ ସମ୍ମିଳନୀର ଆୟୋଜନ କରିବାକୁ ଯାଉଛି । ଭାରତ ଅଧ୍ୟକ୍ଷତାରେ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀର ବିଷୟବସ୍ତୁ ରହିଛି 'ସହନଶୀଳତା, ଅଭିନବତ୍ୱ, ସହଯୋଗ ଓ ପୋଷଣୀୟତା ।'

**ଭାରତ ପରି ଏକ ବିଶାଳ ଗଣତାନ୍ତ୍ରିକ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ ଗତ ୨୦୦୫ ପର୍ଯ୍ୟନ୍ତ ସଚେତନ ହୋଇ ନଥିଲା । ମାତ୍ର ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ ଯିଏ କି ବିପର୍ଯ୍ୟୟ ପରିଚାଳନା ଓ ଲାଘବ ଲାଗି ପଦକ୍ଷେପ ନେଇଥିଲା । ୧୯୯୯ରେ ଉପକୂଳ ଓଡ଼ିଶାରେ ଭୟାବହ ମହାବାତ୍ୟା ପରେ 'ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ' ରାଜସ୍ୱ ବିଭାଗ ଅଧୀନରେ ଆରମ୍ଭ ହୋଇଥିଲା–ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ । ଜାତୀୟ ସ୍ତରରେ ଏକ ଉଚ୍ଚସ୍ତରୀୟ କମିଟିର ବୈଠକରେ ବିପର୍ଯ୍ୟୟ ପ୍ରଶମନ ବିଷୟରେ ଆଲୋଚନା ହେବା ପରେ ଭାରତ ସରକାରଙ୍କୁ ସେହି କମିଟି ପକ୍ଷରୁ ଏକ ରିପୋର୍ଟ ୨୦୦୧ରେ ପ୍ରଦାନ କରାଯାଇଥିଲା ।**

ଚଳିତ ମାସ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ପୁରୀଠାରେ ବିପର୍ଯ୍ୟୟ ବିପଦ ଲାଘବର କାର୍ଯ୍ୟଗୋଷ୍ଠୀ ଦଳ ମିଳିତ ଭାବେ ଆଲୋଚନା ଲାଗି ଏକତ୍ର ହୋଇଛନ୍ତି ।

ଭାରତର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଅଧ୍ୟକ୍ଷତାରେ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ଏହି ବୈଠକ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାର ବିପର୍ଯ୍ୟୟ ପ୍ରଶମନ ମଡେଲକୁ ବିଶ୍ୱର ବିଭିନ୍ନ ରାଷ୍ଟ୍ରର ପ୍ରତିନିଧିମାନେ ଉପଲବ୍ଧି କରି ଏହାର ପ୍ରଶମନ ପାଇଁ ନୂତନ ଦିଗ୍‌ଦର୍ଶନ ଦେବେ ବୋଲି ଆଶା କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ଏହି ସମ୍ମିଳନୀର ପ୍ରସ୍ତୁତିକୁ ତଦାରଖ କରିଛନ୍ତି ।

ଭାରତର ଉପକୂଳବର୍ତ୍ତୀ ଓଡ଼ିଶା ଝଡ଼ି, ବଢ଼ି ଓ ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇ ଆସୁଛି । ପ୍ରକୃତିର କରାଳ ପ୍ରକୋପରୁ ଜନସାଧାରଣଙ୍କୁ ଓ ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ କିପରି ରକ୍ଷା କରାଯାଇ ସେମାନେ କିପରି ସୁସ୍ଥ ଓ ନିରାମୟ ଜୀବନ ଯାପନ କରି ପାରିବେ, ସେଥିପାଇଁ ଭାରତ ଓ ରାଜ୍ୟ ସରକାର ଉଭୟ ଏବେ ତତ୍ପରତା ପ୍ରକାଶ କରି ଆସିଛନ୍ତି । ତେଣୁ ପୁରୀରେ ଅନୁଷ୍ଠିତ ଏହି ବ୍ରିକ୍ସ ସମ୍ମିଳନୀ ପାଇଁ ରାଜ୍ୟବାସୀ ଆନନ୍ଦିତ ।

ଭାରତ ପରି ଏକ ବିଶାଳ ଗଣତାନ୍ତ୍ରିକ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ ଗତ ୨୦୦୫ ପର୍ଯ୍ୟନ୍ତ ସଚେତନ ହୋଇ ନଥିଲା । ମାତ୍ର ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ ଯିଏ କି ବିପର୍ଯ୍ୟୟ ପରିଚାଳନା ଓ ଲାଘବ ଲାଗି ପଦକ୍ଷେପ ନେଇଥିଲା । ୧୯୯୯ରେ ଉପକୂଳ ଓଡ଼ିଶାରେ ଭୟାବହ ମହାବାତ୍ୟା ପରେ 'ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ' ରାଜସ୍ୱ ବିଭାଗ ଅଧୀନରେ ଆରମ୍ଭ ହୋଇଥିଲା–ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ । ଜାତୀୟ ସ୍ତରରେ ଏକ ଉଚ୍ଚସ୍ତରୀୟ କମିଟିର ବୈଠକରେ ବିପର୍ଯ୍ୟୟ ପ୍ରଶମନ ବିଷୟରେ ଆଲୋଚନା ହେବା ପରେ ଭାରତ ସରକାରଙ୍କୁ ସେହି କମିଟି ପକ୍ଷରୁ ଏକ ରିପୋର୍ଟ ୨୦୦୧ରେ ପ୍ରଦାନ କରାଯାଇଥିଲା । ସେଥିରେ ଥିବା ସୁପାରିଶଗୁଡ଼ିକ ମଧ୍ୟରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସୁପାରିଶ ଥିଲା ଯେ ଅନ୍ତତଃ ଦଶ ପ୍ରତିଶତ ଅର୍ଥ ଜାତୀୟ ଓ ରାଜ୍ୟସ୍ତରରେ ଆବଣ୍ଟନ କରାଯାଉ । ଏହି କମିଟି ତାଙ୍କ ରିପୋର୍ଟ ଦାଖଲ କରିବାର ଚାରି ବର୍ଷ ପରେ ଆଇନାମୋଦିତ ହୋଇ ଶେଷରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ସେ ଯାହାହେଉ, ବ୍ରିକ୍ସ ସମ୍ମିଳନୀ ତିନି ଦିନ ପାଇଁ ପୁରୀରେ ଆରମ୍ଭ ହୋଇଥିବା ପ୍ରକୃତରେ ବଡ଼ କଥା ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ତୈଳ ସଙ୍କଟ ବେଳେ ଭାରତର ଆର୍ଥିକ ସ୍ଥିତି



**ତେଜେଶ୍ୱର ପଟ୍ଟନାୟକ**

ଗତ ମେ' ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦେଶର ଜନସାଧାରଣଙ୍କୁ ଆର୍ଥିକ କଟକଣା ପାଳନ ପାଇଁ ଆହ୍ୱାନ କରିବା ପରେ ତୈଳ ସଙ୍କଟ, ବର୍ଦ୍ଧିତ ଚଳନ୍ତି ଖାତା ନିଅଣ୍ଟ ଏବଂ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ନିରନ୍ତର ମୂଲ୍ୟ ହ୍ରାସ ଭଳି ଗୁରୁତର ସମସ୍ୟାଗୁଡ଼ିକୁ ନେଇ ବିଭିନ୍ନ ରାଜନୈତିକ ଦଳ, ଅର୍ଥନୀତିଜ୍ଞ, ଗଣମାଧ୍ୟମ ପ୍ରତିନିଧି ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ତର୍କବିତର୍କ ଆରମ୍ଭ ହେଇଯାଇଛି । ଉଲ୍ଲେଖଯୋଗ୍ୟ ଯେ, ତୈଳ ଯୋଗାଣ ବାଧାପ୍ରାପ୍ତ ହେବା ପଛରେ ପଶ୍ଚିମ ଏସିଆ ଅଞ୍ଚଳରେ ଲାଗି ରହିଥିବା ଉତ୍ତେଜନା ଏବଂ ଇରାନ ରିଭଲ୍ୟୁସନାରୀ ଗାର୍ଡ ନୌସେନା ଦ୍ୱାରା ହରମୁଜ୍ ପ୍ରଣାଳୀକୁ ବନ୍ଦ କରିବା ପ୍ରମୁଖ ଅଟେ । ଚଳିତ ବର୍ଷ ଫେବୃଆରୀ ଶେଷ ଭାଗରେ ଆମେରିକା-ଇସ୍ରାଏଲ-ଇରାନ ଯୁଦ୍ଧ ଆରମ୍ଭହେବା ପରଠାରୁ, ପ୍ରାୟତଃ ହରମୁଜ୍ ପ୍ରଣାଳୀ ଅବରୋଧିତ ହୋଇ ରହିଛି, ଯାହା ବିଶ୍ୱ ଶକ୍ତି ସୁରକ୍ଷା ପାଇଁ ଗମ୍ଭୀର ଚିନ୍ତାର କାରଣ ପାଲଟିଛି ।

ଇରାନ ଦାବି କରିଛି, ଯେ ପର୍ଯ୍ୟନ୍ତ ଏହାର ବନ୍ଦରଗୁଡ଼ିକ ଉପରେ ଆମେରିକା ନିଜର ନୌସେନା ଅବରୋଧ ହଟେଇବ ନାହିଁ, ସେ ପର୍ଯ୍ୟନ୍ତ ହରମୁଜ ପଥ ବନ୍ଦ ରହିବ । ଇରାନର ଏହି ପଦକ୍ଷେପର ଜବାବରେ, ଯୁକ୍ତରାଷ୍ଟ୍ର ଆମେରିକା ଏହି ଅଞ୍ଚଳରେ ଅତିରିକ୍ତ ନୌସେନା ବାହିନୀ ମୁତୟନ କରିଛି ଏବଂ ଇରାନର ସବୁ ବନ୍ଦରଗୁଡ଼ିକ ଉପରେ କଟକଣାକୁ କଡ଼ାକଡ଼ି କରିଛି ।

ପଶ୍ଚିମ ଏସିଆ ସମସ୍ୟା ସମାଧାନର ବାଟ ନ ଫିଟିବାରୁ, ଏହି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗରେ ତୈଳ ଯୋଗାଣ ଗୁରୁତର ଭାବରେ ବାଧାପ୍ରାପ୍ତ ହୋଇଛି । ଫଳରେ ଏସୀୟ ମହାଦେଶର ଅନେକ ଦେଶ ତୈଳ ସଙ୍କଟଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ଭାରତରେ ମଧ୍ୟ ପରିସ୍ଥିତି ବିଶେଷ ଭାବରେ ଗମ୍ଭୀର ଅଛି, ପ୍ରାୟ ମୋଟ ଚାହିଦାର ୮୦ ପ୍ରତିଶତ ଅଶୋଧିତ ତୈଳ ଏବଂ ରନ୍ଧନ ଗ୍ୟାସ ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜରେ ଆମ ଦେଶକୁ ଆସେ । ତେଣୁ ଏହି ଗତିପଥ ଭାରତର ଶକ୍ତି ସୁରକ୍ଷା ପାଇଁ ରଣନୈତିକ ଭାବରେ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଭାରତ ବର୍ତ୍ତମାନ ପ୍ରାୟ ୪୦ଟି ଦେଶରୁ ଅଶୋଧିତ ତୈଳ ଆମଦାନୀ କରୁଛି । ଏହାର ଫଳସ୍ୱରୂପ, ବର୍ତ୍ତମାନ ମୋଟ ଆମଦାନୀର ୭୦ ପ୍ରତିଶତ ପେଟ୍ରୋଲିୟମ ସାମଗ୍ରୀ ହର୍ମୁଜ୍ ପ୍ରଣାଳୀ ମାର୍ଗ ପରିବର୍ତ୍ତେ ଅନ୍ୟ ଜଳପଥ ଦେଇ ଆସୁଛି । ଉପସାଗରୀୟ କ୍ଷେତ୍ରରୁ ତୈଳ ଯୋଗାଣ ତୁଳନାରେ ଅନ୍ୟ ସାମୁଦ୍ରିକ ପଥରୁ ତେଲ ଆମଦାନୀ କଲେ ତାହା ଆମ ଦେଶ ପାଇଁ ଅଧିକ ବ୍ୟୟସାପେକ୍ଷ ହେବ । କାରଣ ପରିବହନ ପରିଚାଳନା ଓ ବୀମା ଜନିତ ଖର୍ଚ୍ଚ ଅଧିକ ବହନ କରିବାକୁ ପଡିବ ।

ଇତିମଧ୍ୟରେ ସରକାର ତୈଳ କମ୍ପାନୀଗୁଡ଼ିକୁ ସର୍ବାଧିକ କ୍ଷମତା ବ୍ୟବହାର (maximum capacity utilization)କୁ ଲକ୍ଷ୍ୟ ରଖି ସେମାନଙ୍କର ତୈଳ ବିଶୋଧନାଗାରଗୁଡିକୁ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିରୋଧୀ ଦଳ ନେତାମାନେ ପ୍ରଧାନମନ୍ତ୍ରୀଙ୍କ ସାତ-ସୂତ୍ରୀ କଟକଣା ନିବେଦନକୁ ତୀବ୍ର ସମାଲୋଚନା କରି, ପ୍ରଶ୍ନ କରିଛନ୍ତି ଯେ ସଦ୍ୟ ଚାରୋଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ହେବାର ମାତ୍ର ଗୋଟିଏ ସପ୍ତାହ ପରେ ଏପରି ଆହ୍ୱାନ ଦେଶର ଜନସାଧାରଣଙ୍କ ପ୍ରତି ଉପହାସ ନୁହେଁ କି ? ସେମାନେ ପୁନଃ ଯୁକ୍ତି ବାଢ଼ିଛନ୍ତି ଯେ କେନ୍ଦ୍ର ସରକାର ପଶ୍ଚିମ ଏସିଆ ସଙ୍କଟର ଗମ୍ଭୀରତାକୁ ଆକଳନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ।

ଆମେରିକା-ଇରାନ ମଧ୍ୟରେ ଲାଗି ରହିଥିବା ସଙ୍ଘର୍ଷ ସମୟରେ ହିଁ ଅନେକ ରାଷ୍ଟ୍ର ପ୍ରତିକାରାତ୍ମକ ପଦକ୍ଷେପ ନେଇଛନ୍ତି, ତେବେ କେନ୍ଦ୍ର ସରକାର କାହିଁକି ସେହି ସମୟରେ ଉଚିତ ପଦକ୍ଷେପ ନେଇ ପାରିଲେ ନାହିଁ ବୋଲି ପ୍ରଶ୍ନ କରିଛନ୍ତି । ବିଶ୍ୱବ୍ୟାପୀ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ପିଛା ୧୧୦ ଅତିକ୍ରମ କରିଯାଇଥିବାରୁ ଭାରତର ତୈଳ ଆମଦାନୀ ବିଲ୍ କ୍ରମାଗତ ଭାବେ ବୃଦ୍ଧି ପାଉଛି ।

କିଛି ପୂର୍ବାନୁମାନ ଅନୁଯାୟୀ ଯଦି ଏହି ସଙ୍କଟ ଦୀର୍ଘଦିନ ଧରି ଜାରି ରହେ ତେବେ ତେଲର ମୂଲ୍ୟ ପ୍ରାୟତଃ ୧୨୦-୧୨୭କୁ ବୃଦ୍ଧି ପାଇବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ । ଫେବୃଆରୀ ମାସରେ ଯୁଦ୍ଧ ପୂର୍ବରୁ, ବାରେଲ ପ୍ରତି ତେଲ ୭୦ ଥିଲା, ଯାହା ଏକଦା ଏପ୍ରିଲ ମାସରେ ୧୧୫କୁ ବୃଦ୍ଧି ପାଇଥିଲା ।

ତେବେ ବର୍ତ୍ତମାନ ତେଲର ମୂଲ୍ୟ ବାରେଲ ପିଛା ୯୬-୯୭ ଆମେରିକୀୟ ଡ଼ଲାର ଅଛି ।

**କିଛି ଅର୍ଥନୀତିଜ୍ଞଙ୍କ ମତରେ ଏକ ଦୀର୍ଘକାଳୀନ ମଧ୍ୟପ୍ରାଚ୍ୟ ସଂଘର୍ଷର ପ୍ରଭାବରେ ମୁଦ୍ରାସ୍ଫୀତି ଓ ଅନ୍ୟ ସାମଗ୍ରୀର ଦର ବୃଦ୍ଧିକୁ ତ୍ୱରାନ୍ୱିତ କରିବ । ନିଯୁକ୍ତି ସୁଯୋଗ ଓ ଉତ୍ପାଦନ ମଧ୍ୟ ବାଧାପ୍ରାପ୍ତ ହେବ । ସାର ଅଭାବରେ କୃଷି ଉତ୍ପାଦନ ହ୍ରାସ ହେବ । ଆର୍ଥିକ ସ୍ତରରେ ଭାରତୀୟ ମୁଦ୍ରା ଟଙ୍କା ଆମରିକାର ଡଲାର ତୁଳନାରେ କ୍ରମାଗତ ଭାବେ ଦୁର୍ବଳ ହେଉଛି, ଏହା ଫଳରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆରେ ଗଛିତ ବୈଦେଶିକ ମୁଦ୍ରା ଭଣ୍ଡାର (Foreign exchange reserve ) ଉପରେ ଚାପ ପଡୁଛି ଏବଂ ଦେଶର ଚଳନ୍ତି ଖାତା ନିଅଣ୍ଟ (current account deficit) ବଢ଼ିବ ।**

କିଛି ଅର୍ଥନୀତିଜ୍ଞଙ୍କ ମତରେ ଏକ ଦୀର୍ଘକାଳୀନ ମଧ୍ୟପ୍ରାଚ୍ୟ ସଂଘର୍ଷର ପ୍ରଭାବରେ ମୁଦ୍ରାସ୍ଫୀତି ଓ ଅନ୍ୟ ସାମଗ୍ରୀର ଦର ବୃଦ୍ଧିକୁ ତ୍ୱରାନ୍ୱିତ କରିବ । ନିଯୁକ୍ତି ସୁଯୋଗ ଓ ଉତ୍ପାଦନ ମଧ୍ୟ ବାଧାପ୍ରାପ୍ତ ହେବ । ସାର ଅଭାବରେ କୃଷି ଉତ୍ପାଦନ ହ୍ରାସ ହେବ । ଆର୍ଥିକ ସ୍ତରରେ ଭାରତୀୟ ମୁଦ୍ରା ଟଙ୍କା ଆମରିକାର ଡଲାର ତୁଳନାରେ କ୍ରମାଗତ ଭାବେ ଦୁର୍ବଳ ହେଉଛି, ଏହା ଫଳରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆରେ ଗଛିତ ବୈଦେଶିକ ମୁଦ୍ରା ଭଣ୍ଡାର (Foreign exchange reserve ) ଉପରେ ଚାପ ପଡୁଛି ଏବଂ ଦେଶର ଚଳନ୍ତି ଖାତା ନିଅଣ୍ଟ (current account deficit) ବଢ଼ିବ ।

ବିଗତ ମାସରେ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ପିଛା ୧୧୦ରୁ ୧୧୫ ପାଖାପାଖି ପହଞ୍ଚି ଥିଲା । ଉପୁଜିଥିବା ତୈଳ ସଙ୍କଟ ଯୋଗୁଁ ପ୍ରଧାନମନ୍ତ୍ରୀ ମୋଦି ଜନସାଧାରଣଙ୍କୁ ସାତ ସୂତ୍ରୀ କଟକଣା ପାଳନ ପାଇଁ ନିବେଦନ କରିଥିଲେ । ତାଙ୍କର ଆହ୍ୱାନରେ ଅତି କମ୍‌ରେ ଗୋଟିଏ ବର୍ଷ ପାଇଁ ସୁନା କ୍ରୟ ସ୍ଥଗିତ ରଖିବା, ବିଦେଶ ଯାତ୍ରା ଏବଂ ବିଦେଶରେ ବିବାହକୁ ଏଡ଼ାଇବା, କର୍ମଚାରୀମାନଙ୍କୁ ଘରେ ରହି କାର୍ଯ୍ୟ କରିବାକୁ ଉତ୍ସାହିତ କରିବା, ଚାଷ ଜମିରେ ସାର ବ୍ୟବହାର ୫୦ ପ୍ରତିଶତ ହ୍ରାସ କରିବା ଏବଂ ଜୈବିକ କୃଷି ଉପରେ ଧ୍ୟାନ ଦେବା, ଖାଇବା ତେଲ ବ୍ୟବହାର ହ୍ରାସ କରିବା, ସ୍ଥାନୀୟ ଯାତ୍ରା ପାଇଁ ସାଧାରଣ ପରିବହନ ଏବଂ ବୈଦ୍ୟୁତିକ ଯାନ ବ୍ୟବହାର କରିବା ଏବଂ ସ୍ୱଦେଶୀ ସାମଗ୍ରୀକୁ ପ୍ରୋତ୍ସାହିତ କରିବା ଅନ୍ତର୍ଭୁକ୍ତ । ଏହି କଟକଣାର ଉଦ୍ଦେଶ୍ୟ ହେଉଛି ଭାରତର ବୈଦେଶିକ ମୁଦ୍ରା ସଂରକ୍ଷଣ କରିବା ଏବଂ ବିଦେଶରୁ ଅନାବଶ୍ୟକ ଆମଦାନୀ ହ୍ରାସ କରିବା ।

ଯେହେତୁ ହରମୁଜ୍ ସଙ୍କଟ ବର୍ତ୍ତମାନ ପର୍ଯ୍ୟନ୍ତ ଅସମାହିତ ଏବଂ ଅନିଶ୍ଚିତ ଅବସ୍ଥାରେ ଅଛି, ଭାରତ ଅଶୋଧିତ ତୈଳ ଏବଂ ଗ୍ୟାସର ପ୍ରମୁଖ ଯୋଗାଣ-ଚାହିଦା ଚାପର ସମ୍ମୁଖୀନ ହେଉଛି । ଏହାର ସମ୍ଭାବ୍ୟ ଫଳାଫଳ ହେଉଛି ପେଟ୍ରୋଲ, ଡିଜେଲ ଏବଂ ଅନ୍ୟାନ୍ୟ ଇନ୍ଧନ ମୂଲ୍ୟରେ ବୃଦ୍ଧି । ଇନ୍ଧନ ମୂଲ୍ୟ ସମ୍ପ୍ରତି ଲିଟର ପ୍ରତି ପ୍ରାୟ ଗତ ମାସରେ ସାତ ଟଙ୍କା ପଚାଶ ପଇସା ବୃଦ୍ଧି ପାଇଛି, ଏହି ବର୍ଦ୍ଧିତ ହାର ୮ ପ୍ରତିଶତ ଅଟେ, ଯାହା ଅନେକ ଦେଶର ତୈଳ ଦରବୃଦ୍ଧି ତୁଳନାରେ କମ୍ ଅଛି ।

ତଥାପି, ସମାଲୋଚକମାନେ ଯୁକ୍ତି କରନ୍ତି ଯେ ଯେତେବେଳେ ଓପେକ (OPEC) ଦେଶ ଅତ୍ୟଧିକ ତେଲ ଉତ୍ପାଦନ କରିବା ଯୋଗୁଁ ପୂର୍ବ ବର୍ଷଗୁଡ଼ିକରେ ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟ ଦ୍ରୁତ ଭାବରେ ହ୍ରାସ ପାଇଥିଲା, ସେତେବେଳେ ଭାରତ ସରକାର ଘରୋଇ ଇନ୍ଧନ ମୂଲ୍ୟକୁ ହ୍ରାସ କରି ନଥିଲେ । ଫଳସ୍ୱରୂପ, ମୂଳରୁ ତେଲ ଦର ଉଚ୍ଚ ରହିଥିଲା ଏବଂ ସେ ସମୟରେ ଆମ ଦେଶର ଗ୍ରାହକମାନଙ୍କୁ ଅନ୍ତର୍ଜାତୀୟ ଅଶୋଧିତ ତୈଳ ମୂଲ୍ୟ ହ୍ରାସର ଫାଇଦାରୁ ବଞ୍ଚିତ କରାଯାଇଥିଲା । ବିଶ୍ୱ ଶକ୍ତି ଟ୍ରାକିଂ (world oil price tracking ) ସଂସ୍ଥା ସୂଚିତ କରେ ଯେ ବର୍ଦ୍ଧିତ ଆମଦାନୀ ଖର୍ଚ୍ଚ ଏବଂ ଯୋଗାଣ ଶୃଙ୍ଖଳକୁ ପରିଚାଳନା କରିବା ପାଇଁ ପ୍ରାୟ ୧୫୦ଟି ଦେଶ ମଧ୍ୟରୁ ପ୍ରାୟ ୮୫ଟି ଦେଶ ପେଟ୍ରୋଲ ମୂଲ୍ୟ ବୃଦ୍ଧି କରିଛନ୍ତି । ବିଶ୍ୱ ସ୍ତରରେ ଖୁଚୁରା ଇନ୍ଧନ ମୂଲ୍ୟ ବୃଦ୍ଧି ପାଇବା ପରେ, କାମ୍ବୋଡିଆ ପ୍ରତି ଲିଟର ପିଛା ୬୮ ପ୍ରତିଶତ ବୃଦ୍ଧି କରିଛି, ଭିଏତନାମ ପ୍ରାୟ ୫୦ ପ୍ରତିଶତ, ନାଇଜେରିଆ ୩୫ ପ୍ରତିଶତ ଏବଂ ମାଲେସିଆ ପ୍ରାୟ ୩୦ ପ୍ରତିଶତ ତୈଳ ବୃଦ୍ଧି କରିଛି ।

ଭାରତ, ଏକ ବୃହତ୍ ଅର୍ଥନୀତି ହିସାବରେ ଯୁଦ୍ଧ, ବିଶ୍ୱ ଯୋଗାଣ ଶୃଙ୍ଖଳରେ ବାଧା ଏବଂ ତୈଳ ସଙ୍କଟ ଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ରଣନୈତିକ ପେଟ୍ରୋଲିୟମ୍ ଗଚ୍ଛିତ (strategic petroleum reserve ) ଗଚ୍ଛିତ ରଖିଛି । ଏହି ରିଜର୍ଭ ଆମର ତୈଳ କମ୍ପାନୀଗୁଡ଼ିକ ଦ୍ୱାରା ପରିଚାଳିତ ସାଧାରଣ ବାଣିଜ୍ୟିକ ତେଲ ଷ୍ଟକ୍ ଠାରୁ ଭିନ୍ନ ଅଟେ । ଭାରତର ବର୍ତ୍ତମାନର ଏସ ପି ଆର କ୍ଷମତା ୫.୩୩ ନିୟୁତ ମେଟ୍ରିକ୍ ଟନ୍ ରହିଛି ଏବଂ ଏହି ଗଚ୍ଛିତ ଷ୍ଟକ୍ ମୋଟ କ୍ଷମତାର ପ୍ରାୟ ୬୪ ପ୍ରତିଶତ । ଏହା ସହିତ, ତୈଳ କମ୍ପାନୀଗୁଡ଼ିକ ଦ୍ୱାରା ପରିଚାଳିତ ବାଣିଜ୍ୟିକ ଗଚ୍ଛିତ ତୈଳ ଷ୍ଟକ୍ ଦୁଇ ମାସ ପର୍ଯ୍ୟନ୍ତ ବ୍ୟବହାର ହେବ ।

ସରକାର ଏସ ପି ଆର (SPR) କୁ ନିୟନ୍ତ୍ରଣ କରନ୍ତି ଏବଂ କେବଳ ବିଶେଷ ଜରୁରୀକାଳୀନ ପରିସ୍ଥିତିରେ ଏହାକୁ ବ୍ୟବହାର କରାଯାଏ ।

ଭାରତ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟରେ ଶକ୍ତି ଭିତ୍ତିଭୂମିକୁ ବିସ୍ତାର କରୁଛି, ଯେଉଁଥିରେ ୟୁ ଏ ଇ (UAE)ରାଷ୍ଟ୍ରର ସହଯୋଗରେ ଓଡ଼ିଶାର ଚଣ୍ଡିଖୋଲ ଅଞ୍ଚଳରେ ପ୍ରସ୍ତାବିତ ରଣନୈତିକ ସଂରକ୍ଷଣ ସୁବିଧା ଅନ୍ତର୍ଭୁକ୍ତ । ପ୍ରଧାନମନ୍ତ୍ରୀଙ୍କ ନିକଟରେ UAE ଗସ୍ତ ବେଳେ, ୟୁଏଇ ସରକାର ଏବଂ ଭାରତ ମଧ୍ୟରେ ଏହି ମର୍ମରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି ।

ବିଶ୍ୱର ସର୍ବବୃହତ ପେଟ୍ରୋଲିୟମ୍ ସଂରକ୍ଷଣ ବ୍ୟବସ୍ଥା ସ୍ଥାପିତ କରିବାରେ ଚୀନ୍ ଅନ୍ୟ କୌଣସି ଦେଶ ମଧ୍ୟରେ ଅନ୍ୟତମ । ଚୀନ ତୁଳନାରେ ଭାରତର ରଣନୈତିକ ତୈଳ ସଂରକ୍ଷଣର ପରିମାଣ କମ ଅଛି । ପଶ୍ଚିମ ଏସିଆ ସଙ୍କଟ ଗୁରୁତର ହେବା ସହିତ, ଆମଦାନୀ ବିଲ୍ ବୃଦ୍ଧି ଏବଂ ଉଚ୍ଚ ଅଶୋଧିତ ତେଲ ମୂଲ୍ୟ ନିରନ୍ତର ଥିବାରୁ ଭାରତର ଜି ଡି ପି ଅଭିବୃଦ୍ଧି ୨୦୨୬-୨୭ ଆର୍ଥିକ ବର୍ଷରେ ପ୍ରାୟ ୬.୪ ପ୍ରତିଶତ-୬.୭ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇପାରେ ।

ବର୍ଦ୍ଧିତ ଆର୍ଥିକ ଚାପ ମୁଦ୍ରାସ୍ଫୀତିକୁ ପ୍ରଭାବିତ କରିବା ସହ, ଗ୍ରାହକଙ୍କ ଖର୍ଚ୍ଚକୁ ସଙ୍କୁଚିତ କରିବ । ସାମଗ୍ରିକ ଆର୍ଥିକ ସ୍ଥିରତାକୁ ଦୁର୍ବଳ କରିବାର ଆଶଙ୍କା ମଧ୍ୟ ରହିଛି । ଭାରତ ଏହି ବର୍ଦ୍ଧିତ ସମସ୍ୟାର ସମ୍ମୁଖୀନ ହେଉଥିବାରୁ, ଦେଶର ନୀତି ନିର୍ଦ୍ଧାରକମାନଙ୍କୁ ଶକ୍ତି ସୁରକ୍ଷା ଏବଂ ଆମର ବର୍ଦ୍ଧିତ ଅର୍ଥନୀତି ଉଭୟକୁ ସୁରକ୍ଷା ଦେବା ପାଇଁ ରଣନୈତିକ ଏବଂ ଉପଯୁକ୍ତ ନିଷ୍ପତ୍ତି ନେବାକୁ ପଡିବ । ତେବେ ଆଶା କରିବା ଖୁବ୍ ଶୀଘ୍ର ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ସମାପ୍ତ ହେଉ ଓ ପଶ୍ଚିମ ଏସିଆରେ ଶାନ୍ତି ଫେରିଆସୁ ।

**ଲେଖକ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଉପ ମହାପ୍ରବନ୍ଧକ ଏବଂ ସ୍ତମ୍ଭକାର**
**କେ-୫,ଏଚ ଆଇ ଜି-୨୫୬,**
**କଳିଙ୍ଗ ବିହାର,ଭୁବନେଶ୍ୱର**

# ସ୍ୱାଧୀନତା ସଂଗ୍ରାମରେ ଗଞ୍ଜାମର ନାରୀଶକ୍ତି-୩



**ଡକ୍ଟର ବାସନ୍ତୀ ମହାନ୍ତି**

କୁନ୍ଦଲତା ଦେବୀ ସ୍ୱାଧୀନତା ସଂଗ୍ରାମୀ ବାଞ୍ଛାନିଧି ପଟ୍ଟନାୟକଙ୍କର ପତ୍ନୀ ଥିଲେ । ଗୋବରା ଠାରେ ସରଳା ଦେବୀଙ୍କ ସାଧାରଣ ସଭାରେ ସେ ନିଜର ସମସ୍ତ ଗହଣା ଦେହରୁ ବାହାର କରି ସ୍ୱରାଜ ପାଣ୍ଠିକୁ ଦାନ କରିଥିଲେ । ଉଦ୍ୟୋଗ ମନ୍ଦିରରେ ତାଲିମ୍ ନେଇଥିଲେ । ପୁରୀଠାରେ ଯେଉଁ ମହିଳା ସ୍ୱେଚ୍ଛାସେବୀ ତାଲିମ୍ କେନ୍ଦ୍ର ଚାଲିଥିଲା, ସେଠାରେ ମଧ୍ୟ ତାଲିମ୍ ନେଇଥିଲେ ।

ରମାଦେବୀ, କିଶୋରୀ ମଣି ଦେବୀ, ସରଳା ଦେବୀଙ୍କର ସେ ଅତି ପ୍ରିୟପାତ୍ରୀ ଥିଲେ । ଦିଗପହଣ୍ଡିରେ ଜନ୍ମିତା ଶୋଭାବତୀ ପଣ୍ଡା ସରଳା ଦେବୀଙ୍କ ନେତୃତ୍ୱରେ ପ୍ରଭାବିତ ହୋଇ ଲବଣ ସତ୍ୟାଗ୍ରହରେ ଯୋଗଦେଇ କାରାବରଣ କରିଥିଲେ । ଜଗତ୍‌ସିଂହପୁର ଅଳକାଶ୍ରମରେ ରଚନାତ୍ମକ କାର୍ଯ୍ୟ ପାଇଁ ସେ ତାଲିମ ନେଇଥିଲେ । ପୁରୀରେ ଅନୁଷ୍ଠିତ ମହିଳା ସ୍ୱେଚ୍ଛାସେବୀ ତାଲିମ କେନ୍ଦ୍ରରେ ସେ ତାଲିମ ନେଇଥିଲେ । ମହାତ୍ମା ଗାନ୍ଧିଙ୍କ ସହ ୧୯୩୨ ମସିହାରେ ହରିଜନ ପଦଯାତ୍ରାରେ ମଧ୍ୟ ସାମିଲ ହୋଇଥିଲେ ।

ବିଶିଷ୍ଟ ଲେଖିକା ସୀତାଦେବୀ ଖାଡ଼ଙ୍ଗା ପ୍ରତ୍ୟକ୍ଷ ଭାବରେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ନଥିଲେ ସତ କିନ୍ତୁ ତାଙ୍କ ନାଟକମାନଙ୍କରେ ନାରୀ ଜାଗରଣ, ସ୍ୱାଧୀନତାର ବାର୍ତ୍ତା ଓ ସମାଜ ପରିବର୍ତ୍ତନର ଯେଉଁ ସ୍ୱର ଥିଲା ତାହା ଖୁବ୍ ଶକ୍ତିଶାଳୀ । ତାହା ବ୍ରହ୍ମପୁର ଗଞ୍ଜାମର ମହିଳାମାନଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ଅପୂର୍ବା ଦେବୀ ଓ ମାଳତୀ ପଣ୍ଡା ଆଉ ଦୁଇଜଣ ମହିଳା ସଂଗ୍ରାମୀ । କୋଦଳା ଠାରେ ଅପୂର୍ବା ଦେବୀ ଲବଣ ସତ୍ୟାଗ୍ରହରେ ସାମିଲ ହୋଇଥିଲେ । ରଚନାତ୍ମକ କାର୍ଯ୍ୟରେ ସାମିଲ ହୋଇ ଚରଖା ଚଳାଇବା, ବିଦେଶୀ ବସ୍ତ୍ର ବର୍ଜନ କରିବା, ନିଶା ନିବାରଣ, ଛୁଆଁଛୁତି ନିବାରଣ ପାଇଁ ଆନ୍ଦୋଳନ କରିଥିଲେ ।

ମାଳତୀ ପଣ୍ଡା ପୁରୀର ସ୍ୱେଚ୍ଛାସେବୀ ତାଲିମ କେନ୍ଦ୍ରରେ ଛୁରୀ, ଖଣ୍ଡା ଓ ଲାଠି ଆଦି ଚଳାଇବା ପାଇଁ ତାଲିମ୍ ନେଲା ପରେ ବ୍ରହ୍ମପୁରରେ ରଚନାତ୍ମକ କାର୍ଯ୍ୟରେ ସାମିଲ୍ ହୋଇଥିଲେ । ସୁଚାରୁହାସିନୀ ଦେବୀ ମା' ରମାଦେବୀଙ୍କର ମାଉସୀ ଝିଅ ଭଉଣୀ । ୧୯୧୬ ମସିହାରେ ମୟୂରଭଞ୍ଜର ପାଞ୍ଚପୋଛିଆ ଠାରେ ଜନ୍ମ ହୋଇଥିଲେ । ମାତ୍ର ବିବାହ କରିଥିଲେ ଭଞ୍ଜନଗର (ରସୁଲକୋଣ୍ଡା)ର ବୀର ଲକ୍ଷ୍ମଣ ଦାସଙ୍କୁ ।

ସରଳା ଦେବୀଙ୍କ ପ୍ରଭାବରେ ସେ ସ୍ୱାଧୀନତା ସଂଗ୍ରାମ ଆଡ଼କୁ ଆକୃଷ୍ଟ ହୋଇଥିଲେ । ପୁରୀ ମହିଳା ସ୍ୱେଚ୍ଛାସେବୀ ତାଲିମ୍ କେନ୍ଦ୍ରରେ ତାଲିମ୍ ନେଇଥିଲେ । ଭଞ୍ଜନଗରର ତାଙ୍କ ବାସଗୃହ ସଂଲଗ୍ନ ଗୃହଟିକୁ ରଚନାତ୍ମକ କାର୍ଯ୍ୟ ପାଇଁ ଉତ୍ସର୍ଗ କରିଥିଲେ । ଲବଣ ସତ୍ୟାଗ୍ରହରେ ସୁଚାରୁ ହାସିନୀ ଓ ତାଙ୍କର ଅନ୍ୟ ଦୁଇଭଉଣୀ ମାଳତୀ ଓ ତିଲୋତ୍ତମା ମଧ୍ୟ ସାମିଲ୍ ଥିଲେ ।

ଚମ୍ପାଦେବୀ ଗଞ୍ଜାମର ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଅନ୍ୟତମା । ୧୯୦୪ରେ ସେ ଜନ୍ମ ହୋଇଥିଲେ । ଆମ୍ବପୁଆର ଯୁଧିଷ୍ଠିର ପାଢ଼ୀ ତାଙ୍କର ପିତା ଥିଲେ । ତତ୍କାଳୀନ ରୀତିନୀତି ଅନୁସାରେ ସେ ବାଲ୍ୟ ବିବାହ କରିଥିଲେ । ମାତ୍ର ୧୮ ବର୍ଷ ବୟସରେ ସେ ବିଧବା ହୋଇ ଯାଇଥିଲେ । ସ୍ୱାଧୀନତା ସଂଗ୍ରାମୀ ଜୟମଙ୍ଗଳ ରଥ ଓ ଶ୍ରୀବତ୍ସ ପଣ୍ଡାଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ବାଲେଶ୍ୱରର ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ । ସେଠାରୁ ଫେରି ଆସି ହୁମାଠାରେ ଲବଣ ସତ୍ୟାଗ୍ରହରେ ଅଂଶଗ୍ରହଣ କରି ଗିରଫ ହୋଇଥିଲେ । ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରି ସେ ଦ୍ୱିତୀୟବାର ଗିରଫ ହୋଇଥିଲେ । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନିରଞ୍ଜନ ପଟ୍ଟନାୟକଙ୍କ ଅନୁରୋଧ କ୍ରମେ ବ୍ରହ୍ମପୁର ସ୍ୱରାଜ ଆଶ୍ରମରେ ଯୋଗଦେଇ ଚମ୍ପାଦେବୀ ଗୁପ୍ତ ଚିଠିମାନ ସଂଗ୍ରାମୀମାନଙ୍କ ପାଖକୁ ପହଞ୍ଚାଉ ଥିଲେ । ସ୍ୱାଧୀନତା ସଂଗ୍ରାମ ସହ ରଚନାତ୍ମକ ସଂସ୍କାରମୂଳକ ଓ ନାରୀ ଜାଗରଣ କାର୍ଯ୍ୟରେ ନିଜକୁ ବହୁ ମାତ୍ରାରେ ନିୟୋଗ କରିଥିଲେ ।

ବାଲ୍ୟ ବିବାହ ଉଚ୍ଛେଦ, ବିଧବା ବିବାହ ପ୍ରଚଳନ, ନିଶାନିବାରଣ, ଅସ୍ପୃଶ୍ୟତା ଦୂରୀକରଣ, ନାରୀଶିକ୍ଷା, ଅସହାୟ ନାରୀମାନଙ୍କର ଉନ୍ନତି ପାଇଁ ତାଙ୍କର ଅବଦାନ ଉଲ୍ଲେଖନୀୟ । କଟକ 'ନାରୀମଙ୍ଗଳ ସମିତି'ର ଏକ ଶାଖା ସେ ଇଚ୍ଛାପୁର ଠାରେ ୧୯୩୪ ମସିହାରେ ପ୍ରତିଷ୍ଠା କରିଥିଲେ । ୧୯୪୭ ମସିହାରେ ଏହି ଅନୁଷ୍ଠାନଟି ବ୍ରହ୍ମପୁରକୁ ଉଠି ଆସିଥିଲା । ଏହି ଅନୁଷ୍ଠାନ ବହୁ ଅନାଥ ବାଳିକା ଓ ଅସହାୟା ମହିଳାଙ୍କୁ ତାଲିମ୍ ଦେଇ ଆତ୍ମନିର୍ଭରଶୀଳ କରିଥିଲା ।

ହେମଲତା ସାମନ୍ତ ୧୯୧୧ରେ ଖଲିକୋଟର ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମ ହୋଇଥିଲେ । ମାତ୍ର ୧୫ ବର୍ଷ ବୟସରୁ ସେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ପୁରୀ ମହିଳା ସେଚ୍ଛାସେବୀ ଆଶ୍ରମରେ ତାଲିମ୍ ନେଇଥିଲେ । ଖଲିକୋଟର ସ୍ୱାଧୀନତା ସଂଗ୍ରାମୀ ଗୌରଶଙ୍କର ସାମନ୍ତଙ୍କ ସହ ତାଙ୍କର ବିବାହ ହୋଇଥିଲା ।

ସରଳା ଦେବୀଙ୍କ ସହ କବିସୂର୍ଯ୍ୟନଗରରେ ସ୍ୱାଧୀନତା ସଂଗ୍ରାମ ସଭାରେ ଓଜସ୍ୱିନୀ ଭାଷଣ ଦେଇ ସେ ଆଠ ମାସ ଜେଲ୍ ଯାଇଥିଲେ । ପ୍ରଥମେ ବ୍ରହ୍ମପୁର ଓ ତାପରେ ଭେଲୋର୍ ଜେଲ୍‌କୁ ସ୍ଥାନାନ୍ତରିତ ହୋଇଥିଲେ । ୨୧-୧୦-୧୯୯୮ରେ ସେ ପ୍ରାଣ ତ୍ୟାଗ କରିଥିଲେ ।

**ସେହି ପ୍ରତିଶୋଧ ନେବାପାଇଁ ଲକ୍ଷ୍ମୀ ସୁଭାଷ ବୋଷଙ୍କ ଆଜାଦ୍ ହିନ୍ଦ୍ ସୈନ୍ୟ ବାହିନୀରେ ଯୋଗ ଦେଇଥିଲେ । ମହିଳା ବାହିନୀ ଝାନ୍‌ସୀ ରାଣୀ ରେଜିମେଣ୍ଟରେ ସେ ଥିଲେ ସର୍ବକନିଷ୍ଠ ଯୋଦ୍ଧା ଓ ଏକମାତ୍ର ଓଡ଼ିଆ । ଝାନ୍‌ସୀ ରେଜିମେଣ୍ଟର ସେନାମୁଖ୍ୟଙ୍କ ନାମ ଲକ୍ଷ୍ମୀ (ସେହେଗାଲ) ଥିବାରୁ ସୁଭାଷ ବୋଷ୍ ତାଙ୍କୁ ଲକ୍ଷ୍ମୀ ଇନ୍ଦିରା ବୋଲି ନାମ ଦେଇଥିଲେ । ବୟସ କମ୍ ଥିବାରୁ ପ୍ରଥମରୁ ସେ ଘୋଡ଼ା ପାଇଁ ଘାସ ଓ ଇଂରେଜ ଅଫିସରଙ୍କ ପ୍ରିୟ ଖାଦ୍ୟ ବେଙ୍ଗ ନେଇ ଶତ୍ରୁଶିବିରକୁ ଛଦ୍ମ ବେଶରେ ଯାଉଥିଲେ ଓ ସେଠିକାର ଗୁପ୍ତ ଖବର ସବୁ ଆଣି ସୁଭାଷ ବୋଷ୍‌ଙ୍କୁ ଦେଉଥିଲେ । ପରେ ସେ ବନ୍ଧୁକ ଚାଳନା ଶିଖି ଯୁଦ୍ଧ କରିଥିଲେ । ଜର୍ମାନ୍‌ର ପତନ ପରେ ଆଜାଦ୍ ହିନ୍ଦ୍ ଫୌଜ୍ ଭାଙ୍ଗିଗଲା । ସୁଭାଷ ବୋଷ୍ ଆତ୍ମଗୋପନ କଲେ । ଲକ୍ଷ୍ମୀ ପଣ୍ଡା ଉଡ଼ାଜାହାଜରେ ମୂକ ଅଭିନୟ କରି ଫେରି ଆସିଲେ ଓଡ଼ିଶା । ଖଗେଶ୍ୱର ପଣ୍ଡାଙ୍କୁ ବିବାହ କରି ଜୟପୁର ସହରରେ ଅବସ୍ଥାନ କରିଥିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ଦୁଃଖ ଦାରିଦ୍ର୍ୟ ଭିତରେ ଅତ୍ୟନ୍ତ ଦୟନୀୟ ଜୀବନ ବଞ୍ଚିଥିଲେ ।**

କିଶୋରୀମଣି ଦେବୀ ଗଞ୍ଜାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନିରଞ୍ଜନ ପଟ୍ଟନାୟକଙ୍କ ଧର୍ମପତ୍ନୀ । ହୁମା ଓ ଗଞ୍ଜାମର ଲବଣ ସତ୍ୟାଗ୍ରହରେ ସେ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କରିଥିଲେ । ନିରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ପ୍ରଗତି ଆଶ୍ରମକୁ ସେ ପରିଚାଳନା କରୁଥିଲେ । ମଦ ଦୋକାନ ଆଗରେ ପିକେଟିଂ କରି ଓ ବିଦେଶୀ ବସ୍ତ୍ର ବର୍ଜନ ପାଇଁ ବିଦେଶୀ ବସ୍ତ୍ର ପୋଡ଼ିରେ ଲାଠିମାଡ଼ ଖାଇଥିଲେ ।

ସୁଭାଷ ବୋଷଙ୍କ 'ଆଜାଦ୍ ହିନ୍ଦ୍ ଫୌଜ'ର ସର୍ବକନିଷ୍ଠ ଯୋଦ୍ଧା ଥିଲେ ଲକ୍ଷ୍ମୀ ପଣ୍ଡା । ୧୯୨୮ରେ ଗଞ୍ଜାମର ପିତଳ ଠାରେ ସେ ଜନ୍ମ ହୋଇଥିଲେ । ତାଙ୍କର ପିତା ତ୍ରିନାଥ ପଣ୍ଡା ଓ ମାତା କମଳା ଦେବୀ ବର୍ମାରେ ଚାକିରି କରୁଥିଲେ । ବିଟ୍ରିଶ୍ ସୈନ୍ୟଙ୍କ ବୋମାମାଡ଼ରେ ସେ ଦୁହିଁଙ୍କର ମୃତ୍ୟୁ ହୋଇଥିଲା । ସେହି ପ୍ରତିଶୋଧ ନେବାପାଇଁ ଲକ୍ଷ୍ମୀ ସୁଭାଷ ବୋଷଙ୍କ ଆଜାଦ୍ ହିନ୍ଦ୍ ସୈନ୍ୟ ବାହିନୀରେ ଯୋଗ ଦେଇଥିଲେ । ମହିଳା ବାହିନୀ ଝାନ୍‌ସୀ ରାଣୀ ରେଜିମେଣ୍ଟରେ ସେ ଥିଲେ ସର୍ବକନିଷ୍ଠ ଯୋଦ୍ଧା ଓ ଏକମାତ୍ର ଓଡ଼ିଆ । ଝାନ୍‌ସୀ ରେଜିମେଣ୍ଟର ସେନାମୁଖ୍ୟଙ୍କ ନାମ ଲକ୍ଷ୍ମୀ (ସେହେଗାଲ) ଥିବାରୁ ସୁଭାଷ ବୋଷ୍ ତାଙ୍କୁ ଲକ୍ଷ୍ମୀ ଇନ୍ଦିରା ବୋଲି ନାମ ଦେଇଥିଲେ ।

ବୟସ କମ୍ ଥିବାରୁ ପ୍ରଥମରୁ ସେ ଘୋଡ଼ା ପାଇଁ ଘାସ ଓ ଇଂରେଜ ଅଫିସରଙ୍କ ପ୍ରିୟ ଖାଦ୍ୟ ବେଙ୍ଗ ନେଇ ଶତ୍ରୁଶିବିରକୁ ଛଦ୍ମ ବେଶରେ ଯାଉଥିଲେ ଓ ସେଠିକାର ଗୁପ୍ତ ଖବର ସବୁ ଆଣି ସୁଭାଷ ବୋଷ୍‌ଙ୍କୁ ଦେଉଥିଲେ । ପରେ ସେ ବନ୍ଧୁକ ଚାଳନା ଶିଖି ଯୁଦ୍ଧ କରିଥିଲେ । ଜର୍ମାନ୍‌ର ପତନ ପରେ ଆଜାଦ୍ ହିନ୍ଦ୍ ଫୌଜ୍ ଭାଙ୍ଗିଗଲା। ସୁଭାଷ ବୋଷ୍ ଆତ୍ମଗୋପନ କଲେ । ଲକ୍ଷ୍ମୀ ପଣ୍ଡା ଉଡ଼ାଜାହାଜରେ ମୂକ ଅଭିନୟ କରି ଫେରି ଆସିଲେ ଓଡ଼ିଶା । ଖଗେଶ୍ୱର ପଣ୍ଡାଙ୍କୁ ବିବାହ କରି ଜୟପୁର ସହରରେ ଅବସ୍ଥାନ କରିଥିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ଦୁଃଖ ଦାରିଦ୍ର୍ୟ ଭିତରେ ଅତ୍ୟନ୍ତ ଦୟନୀୟ ଜୀବନ ବଞ୍ଚିଥିଲେ । ଅବଶ୍ୟ ଶେଷ ଜୀବନରେ ତାଙ୍କୁ ସ୍ୱୀକୃତି ମିଳିଥିଲା । ଓଡ଼ିଶା ସରକାର ମଧ୍ୟ ତାଙ୍କର ଚିକିତ୍ସା ଖର୍ଚ୍ଚ କଟକରୁ ଦିଲ୍ଲୀ ଯାଏଁ ବହନ କରିଥିଲେ । ରାଷ୍ଟ୍ରପତି ପ୍ରତିଭା ପାଟିଲ୍ ତାଙ୍କୁ ସମ୍ମାନିତ କରିଥିଲେ ।

ଭାରତରେ ଯେପର୍ଯ୍ୟନ୍ତ ନାରୀଶକ୍ତି ଜାଗ୍ରତ ହୋଇ ଜାତୀୟ ଆନ୍ଦୋଳନରେ ସାମିଲ୍ ହୋଇ ନାହାଁନ୍ତି, ବିଟ୍ରିଶ୍ ସାମ୍ରାଜ୍ୟର ଅନ୍ତ ଘଟାଇବା ସହଜ ନୁହେଁ ବୋଲି ମହାତ୍ମା ଗାନ୍ଧି ମର୍ମେ ମର୍ମେ ଅନୁଭବ କରିଥିଲେ । ସେଥିପାଇଁ ସେ ଅକ୍ଳାନ୍ତ ପରିଶ୍ରମ ମଧ୍ୟ କରିଥିଲେ । ତାଙ୍କର ଆହ୍ୱାନ ଓ ପ୍ରୟାସ ବ୍ୟର୍ଥ ହୋଇ ନ ଥିଲା । ବିସ୍ମୟ ଜନକ ଭାବରେ ନାରୀଶକ୍ତି ବର୍ଷ ବର୍ଷର ରକ୍ଷଣଶୀଳ ଶୃଙ୍ଖଳକୁ ଭାଙ୍ଗି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଲେ ।

ଅଜ୍ଞାନତା, ଅନ୍ଧବିଶ୍ୱାସ, ଜଡ଼ତା, ଅସ୍ପୃଶ୍ୟତା, ନିଶାନିବାରଣ ଆଦି ବିଭିନ୍ନ ରଚନାତ୍ମକ କାର୍ଯ୍ୟରେ ମହିଳାମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ମହିଳାମାନଙ୍କ ଭୂମିକା ସଂପର୍କରେ ମହାତ୍ମା ଗାନ୍ଧି କହିଥିଲେ, ଆଗାମୀ ସମୟରେ ଯେତେବେଳେ ଭାରତର ସ୍ୱାଧୀନତାର ଇତିହାସ ଲେଖା ହେବ, ମହିଳାମାନଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯିବ । ସେମାନେ ହିଁ ସ୍ୱାଧୀନତା ସଂଗ୍ରାମକୁ ତ୍ୱରାନ୍ୱିତ କରିଥିଲେ । ନିଜର ଓ ଦେଶର ଗୌରବକୁ ବହୁଗୁଣିତ କରିଥିଲେ ।

ଗଞ୍ଜାମ ଜିଲ୍ଲାରେ ମଧ୍ୟ ଅନୁରୂପ ପ୍ରକ୍ରିୟା ସୃଷ୍ଟି ହୋଇଥିଲା। ମହିଳାମାନେ ମହାତ୍ମା ଗାନ୍ଧିଙ୍କ ଆହ୍ୱାନରେ ଜାତୀୟ ସ୍ରୋତରେ ସାମିଲ ହୋଇ ସ୍ୱାଧୀନତା ସଂଗ୍ରାମକୁ ଏକ ନିର୍ଣ୍ଣାୟକ ମୋଡ଼ ଦେଇଥିଲା ।

**୨୧୩ ସି-ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬, ମୋ- ୯୪୩୭୦୩୩୦୭୪**

# ଭାରତରେ ଏଆଇକୁ ଉପରକୁ ଉଠାଇବାକୁ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ) : ଜୋହୋ କର୍ପୋରେସନ୍‌ର ସହ-ପ୍ରତିଷ୍ଠାତା ତଥା ମୁଖ୍ୟ ବୈଜ୍ଞାନିକ ଡ.ଶ୍ରୀଧର ଭେମ୍ବୁ ପୂର୍ବରୁ ଭାରତର ଖାଦ୍ୟ ସ୍ୱାବଲମ୍ବନଶୀଳତା ଏବଂ ଶକ୍ତି କ୍ଷେତ୍ରରେ କରାଯାଇଥିବା ପ୍ରୟାସ ସହିତ ତୁଳନା କରି ଆରମ୍ଭରୁ-ଶେଷ ପର୍ଯ୍ୟନ୍ତ ନିଜସ୍ୱ ପ୍ରଯୁକ୍ତି ଭିତ୍ତିଭୂମି, ସେମିକଣ୍ଡକ୍ଟର ଏବଂ ଡାଟା ସେଣ୍ଟର ଠାରୁ କୃତ୍ରିମ ବୁଦ୍ଧିମତା (ଏଆଇ) ମଡେଲ ନିର୍ମାଣ କରିବାକୁ ଆହ୍ୱାନ ଦେଇଛନ୍ତି। ଏନପିସିଆଇର ଏମ୍‌ଡି ଓ ସିଇଓ ଦିଲୀପ ଆସ୍‌ବେଙ୍କ ସହିତ ଇନ୍ନୋଭେଟରସ୍ ପ୍ଲେଗ୍ରାଉଣ୍ଡ ପଡକାଷ୍ଟରେ ପ୍ରକାଶ କରି ଡ.ଭେମ୍ବୁ କହିଥିଲେ, ଖାଦ୍ୟ ନିରାପତ୍ତା ଭଳି ପ୍ରଯୁକ୍ତି ଜାତୀୟ କଲ୍ୟାଣ ନିମନ୍ତେ ମୂଳଦୁଆ ପାଲଟିଛି। "ଆମର ସମସ୍ତ ଜୀବନ ଏବେ ପ୍ରଯୁକ୍ତି ଉପରେ ନିର୍ଭରଶୀଳ,' ବୋଲି ସେ ଉଲ୍ଲେଖ କରିଥିଲେ। ଏଥିସହିତ ସେ କହିଥିଲେ, 'ଜୋହୋ'ର ୩୦ ବର୍ଷର ଲକ୍ଷ୍ୟ ଭାରତ ଭିତରେ ସେହି ସାମର୍ଥ୍ୟ ନିର୍ମାଣରେ ମୂଳ ରଖିଆସିଛି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପରେ ଡ.ଭେମ୍ବୁ ଯୁକ୍ତି ଦର୍ଶାଇ କହିଥିଲେ ଯେ, ଭାରତର ଆଗକୁ ପଥ କେବଳ ପାଶ୍ଚାତ୍ୟର ଜିପିୟୁ ଖର୍ଚ୍ଚ ସହିତ ସମକକ୍ଷ ହେବାରେ ରହିନାହିଁ ବରଂ କ୍ଷୁଦ୍ର, କାର୍ଯ୍ୟକାରୀ ହେଉଥିବା ଉଦ୍ଦେଶ୍ୟ-ଆଧାରିତ ମଡେଲ ଭଳି ଅଧିକ ଦକ୍ଷ ଆଭିମୁଖ୍ୟ ଏବଂ ତାହାସହିତ ସଂଗଠିତ ଦାୟିତ୍ୱଗୁଡ଼ିକୁ ଭରସାଯୋଗ୍ୟ ଭାବରେ ପରିଚାଳନା କରିପାରୁଥିବା ସମର୍ଥ ସଫ୍ଟୱେର କାରକଗୁଡ଼ିକ ବିକାଶ କରିବାରେ ନିହିତ ରହିଛି। 'ଇଞ୍ଜିନିୟରିଂରେ ଏହାକୁ ଅଧିକ ଚତୁର ହେବାକୁ ପଡିବ," ବୋଲି ସେ ଉଲ୍ଲେଖ କରିଥିଲେ।

## ବୃଦ୍ଧବୃଦ୍ଧା ଓ ବିକଳାଙ୍ଗ ବ୍ୟକ୍ତି ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ନୟାନ୍ତ

# ଯାଜପୁର ଜିଲ୍ଲାରେ ୮୩ ହଜାର ୪୩୩ ହିତାଧିକାରୀଙ୍କୁ ତିନିମାସ ହେବ ମିଳିନାହିଁ ଭତ୍ତା ଟଙ୍କା

ଚଣ୍ଡିଖୋଲ, (ବେଣୁଧର ପଣ୍ଡା) : ରାଜ୍ୟରେ ସମସ୍ତ ବିଧବା, ବୃଦ୍ଧବୃଦ୍ଧା ଓ ବିକଳାଙ୍ଗ ମାନଙ୍କୁ ପ୍ରଦାନ କରାଯାଉଥିବା ଭତ୍ତା ଟଙ୍କାକୁ ସରକାର ବୃଦ୍ଧି ପାଇଁ ଘୋଷଣା କରି ସେମାନଙ୍କୁ ଆଶ୍ୱସ୍ତି ଦେଇଛନ୍ତି ସତ ହେଲେ ସଠିକ ସମୟ ମଧ୍ୟରେ ଏହି ସହାୟତା ରାଶି ମିଳିବାର କୌଣସି ବ୍ୟବସ୍ଥା କରିନାହାନ୍ତି। ପୂର୍ବରୁ ଘୋଷିତ ତାରିଖ ମଧ୍ୟରେ ଏବେଆଉ ଏହି ହିତାଧିକାରୀ ମାନଙ୍କୁ ଭତ୍ତା ଟଙ୍କା ମିଳୁନାହିଁ। ଫଳରେ ସେମାନେ ନାହିଁ ନଥିବା ହିନସ୍ତା ଭୋଗୁଛନ୍ତି। ଏବେ କ୍ରମାଗତ ତିନିମାସ ହେବ ଯାଜପୁର ଜିଲ୍ଲାର କୌଣସି ହିତାଧିକାରୀଙ୍କୁ ଭତ୍ତା ମିଳୁନଥିବା ଜଣାପଡିଛି। ଫଳରେ ଜିଲ୍ଲାର ବଡଚଣା ବ୍ଲକରେ ରହିଥିବା ୧୦୬୩୨ ଓ ଧର୍ମଶାଳା ବ୍ଲକରେ ଥିବା ୧୦୧୨୨ ଜଣ ହିତାଧିକାରୀଙ୍କ ସମେତ ଯାଜପୁର ଜିଲ୍ଲାରେ ଥିବା ମୋଟ ୮୩ ହଜାର ୪୩୩ ହିତାଧିକାରୀ ଦୈନିକ ବ୍ୟାଙ୍କ, ଜନସେବା କେନ୍ଦ୍ର, ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟ ଦୌଡି ଦୌଡି ନୟାନ୍ତ ହେଉଥିବା ଦେଖାଯାଉଛି। ଦୈନିକ ଶହଶହ ବିକଳାଙ୍ଗ, ବୃଦ୍ଧବୃଦ୍ଧା ଓ ବିଧବାଙ୍କ ସହ ସବୁ ବର୍ଗର ହିତାଧିକାରୀ ବ୍ୟାଙ୍କ ସାମନାରେ ଲମ୍ବା ଲାଇନ ଲଗାଇ ନିଜ ଜମାଖାତାକୁ ଭତ୍ତାଟଙ୍କା ଆସିଛିକି ନାହିଁ ବୁଝି ଖାଲି ହାତରେ ନିରାଶ ହୋଇ ଫେରୁଥିବା ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରୁଛି। ପୂର୍ବରୁ ପ୍ରତିମାସର ୨୦ ରୁ ୨୫ ତାରିଖ ମଧ୍ୟରେ ନିୟମିତ ହିତାଧିକାରୀ ମାନଙ୍କୁ ଭତ୍ତା ଟଙ୍କା ପ୍ରଦାନ କରାଯାଉଥିଲା। ଏହି ସମୟ ମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଭତ୍ତା ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଜମା ଖାତାକୁ ଆସୁଥିଲା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିଲା ଭତ୍ତା ଟଙ୍କା ହିତାଧିକାରୀ ମାନଙ୍କୁ ନଗଦ ଆକାରରେ ପ୍ରଦାନ କରାଯାଉଥିଲା। ଫଳରେ ହିତାଧିକାରୀ ମାନେ ନିୟମିତ ଓ ନିର୍ଦ୍ଦିଷ୍ଟ ତାରିଖରେ ଭତ୍ତାଟଙ୍କା ପାଇ ବେଶ ଖୁସି ହେଉଥିଲେ। ଏବେ ସେମାନଙ୍କୁ ନିୟମିତ ଓ ନିର୍ଦ୍ଦିଷ୍ଟ ତାରାଖରେ ଏହି ଅର୍ଥ ମିଳୁ ନଥିଲା ବେଳେ ଗତ ତିନିମାସ ହେବ ଆଉ ସେମାନଙ୍କୁ ଭତ୍ତାଟଙ୍କା ମିଳୁ ନଥିବାରୁ ସେମାନେ ବହୁ ଅସୁବିଧାକୁ ସାମନା କରୁଥିବା ଅଭିଯୋଗ ହୋଇଛି। ଯେଉଁ ହିତାଧିକାରୀ ମାନେ ଭତ୍ତା ଅର୍ଥରେ ମାସିକ ଔଷଧ ପତ୍ର କିଣୁଥିଲେ ସେମାନେ ନାହିଁ ନଥିବା କଷ୍ଟ ଭୋଗୁଛନ୍ତି। ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକରେ ଥିବା ୧୦୬୩୨ ଓ ଧର୍ମଶାଳାରେ ୧୦୧୨୨ ହିତାଧିକାରୀଙ୍କ ସହ ଜିଲ୍ଲାର ଯାଜପୁରରେ ୭୯୪୦, ବିଂଝାପୁରରେ ୮୦୦୫, କୋରେଇରେ ୬୫୫୩, ଦଶରଥପୁରରେ ୯୬୫୪, ଦାନଗଦୀ ୫୩୮୬, ସୁକିନ୍ଦାରେ ୬୧୯୪, ରସୁଲପୁରରେ ୮୦୯୭, ବରୀରେ ୭୫୩୦, , ବ୍ୟାସନଗର ପୌରାଞ୍ଚଳରେ ୧୬୫୮ ଓ ଯାଜପୁର ପୌରାଞ୍ଚଳରେ ୧୬୭୪ ଜଣ ହିତାଧିକାରୀଙ୍କୁ ତିନିମାସ ହେଲା ଭତ୍ତା ଟଙ୍କା ମିଳିନଥିବା ଜଣାପଡିଛି। ହିତାଧିକାରୀଙ୍କୁ କାହିଁକି ଭତ୍ତାଟଙ୍କା ମିଳିପାରିନି ତାହାର ଉତ୍ତର ଜିଲ୍ଲାପାଳଙ୍କ ଠାରୁ ଆରମ୍ଭକରି ଜିଲ୍ଲା ଓ ବ୍ଲକର ମଙ୍ଗଳ ଓ ସାମାଜିକ ସୁରକ୍ଷା ଅଧିକାରୀ ମାନେ କେହିବି ସଠିକ ଉତ୍ତର ଦେଇପାରୁ ନାହାନ୍ତି। କେବଳ ସରବର ଠିକ କାମ କରୁନଥିବାରୁ ଟଙ୍କା ହିତାଧିକାରୀଙ୍କ ଜମା ଖାତାକୁ ଆସିପାରୁ ନାହିଁ ବୋଲି ସଫେଇ ଦେଇଛନ୍ତି। ଏହି ସମସ୍ୟା ସମାଧାନ ପାଇଁ ଆଉ ୧୫ରୁ ୨୦ ଦିନ ଲାଗିଯାଇ ପାରେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ରବି ଋତୁ ଧାନମଣ୍ଡି ଉଦ୍‌ଘାଟିତ

ଆଠଗଡ ,(ସବ୍ୟୁ) : ଆଠଗଡ ବ୍ଲକ ଅନ୍ତର୍ଗତ ସମସରପୁର ସୋ ସମାୟ ସମିତି ଠାରେ ରବିଋତୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଆଠଗଡ ସହକାରୀ ଯୋଗାଣ ଅଧିକାରୀ ବିଷ୍ଣୁ ଚରଣ ପରିଡା ଉଦ ଘାଟନ କରିଥିଲେ, । ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଆଠଗଡ଼ ବ୍ଲକ ରେ ସମସରପୁର ସମବାୟ ସମିତି ଠାରେ ଏକମାତ୍ର ରବିଋତୁ ଧାନ ମଣ୍ଡି ଉଦଘାଟିତ ହୋଇଛି। କାର୍ଯ୍ୟକ୍ରମରେ ସେବାସମିତି ର ସଭାପତି ନୀଳମଣି ସାହୁ, ସଂମ୍ପାଦିକା ପ୍ରିୟଙ୍କା ସାଇଁ, ବରିଷ୍ଠ ସମବାୟି ଶୈଳେନ୍ଦ୍ର ନାରାୟଣ ସାଇଁ, ପୂର୍ବତନ ୍ଲକ ସମବାୟ ସଂପ୍ରସାରଣ ଅଧିକାରୀ ହାଡିବନ୍ଧୁ ରଣା ପ୍ରମୁଖ ଯୋଗଦେଇ ଥିଲେ। ଆଜିର ଦିନରେ ୧୨ଜଣ ଚାଷୀ ଙ୍କ ଠାରୁ ୨୬୦କ୍ୱିଣ୍ଟାଲ ଧାନ ସଂଗୃହିତ ହୋଇଥିଲା ।

## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଶିକ୍ଷକ ପଦୋନ୍ନତି ଦୁର୍ନୀତି ମାମଲା

# ପଦୋନ୍ନତି ତାଲିକା ବାତିଲ ଓ ନିର୍ଦ୍ଦେଶକଙ୍କ ନିଲମ୍ବନ ଦାବି କଲା ବିଜେଡି

ଭୁବନେଶ୍ୱର, (ସବ୍ୟୁ) : ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମ୍ପ୍ରତି କରାଯାଇଥିବା ଶିକ୍ଷକ ପଦୋନ୍ନତି ଓ ବଦଳି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଛି । ଶିକ୍ଷକମାନଙ୍କ ପ୍ରତି ହୋଇଥିବା ଅନ୍ୟାୟ ଓ ନିର୍ଯାତନାକୁ ବିଜୁ ଜନତା ଦଳ କଡ଼ା ଭାଷାରେ ନିନ୍ଦା କରିଛି । ଆଜି ଏକ ପ୍ରେସ ବିବୃତ୍ତିରେ ଦଳର ମୁଖପାତ୍ର ଓ ମିଡିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି ଯେ, ଜୁନିଅର ସେକେଣ୍ଡାରୀ ଏଜୁକେସନ୍ ସର୍ଭିସରୁ ସିନିଅର ସେକେଣ୍ଡାରୀ ଏଜୁକେସନ୍ ସର୍ଭିସକୁ ପଦୋନ୍ନତି ହୋଇଥିଲା । ଯାହା ୨୫ ଡିସେମ୍ବର ୨୦୨୫ରେ ପ୍ରକାଶିତ ମେରିଟ୍ ଓ ଗ୍ରେଡେସନ୍ ତାଲିକାକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଇଛି । ବହୁ ବରିଷ୍ଠ ଓ ଯୋଗ୍ୟ ଶିକ୍ଷକଙ୍କୁ ଅଣଦେଖା କରାଯାଇ, କନିଷ୍ଠ ଶିକ୍ଷକମାନେ ଅର୍ଥବଳ ଓ ଦୁର୍ନୀତିର ଆଶ୍ରୟ ନେଇ ପଦୋନ୍ନତି ହୋଇଛନ୍ତି । ଡ଼. ମହାନ୍ତି ଆହୁରି କହିଛନ୍ତି ଯେ, ଅନେକ ମହିଳା ଶିକ୍ଷୟିତ୍ରୀଙ୍କୁ ସେମାନଙ୍କର ବରିଷ୍ଠତା, ପାରିବାରିକ ଦାୟିତ୍ୱ ଓ ଲିଙ୍ଗଗତ ସମ୍ବେଦନଶୀଳତାକୁ ଅବହେଳା କରି ଦୂରବର୍ତ୍ତୀ ଅଞ୍ଚଳକୁ ବଦଳି କରାଯାଇଛି । ଅପରପକ୍ଷରେ ଶାସକ ବିଜେପି ସହ ସମ୍ପୃକ୍ତ କିଛି ପୁରୁଷ ଶିକ୍ଷକଙ୍କୁ ସେମାନଙ୍କ ଘର ନିକଟସ୍ଥ ଓ ସୁବିଧାଜନକ ସ୍ଥାନରେ ବଦଳି କରାଯାଇଥିବାର ଅଭିଯୋଗ ରହିଛି । ଏହା ସରକାରଙ୍କ ପ୍ରଚଳିତ ବଦଳି ନୀତି ଏବଂ ସ୍ୱଚ୍ଛତା ଓ ନ୍ୟାୟସଙ୍ଗତାର ମୌଳିକ ନୀତିକୁ ସ୍ପଷ୍ଟ ଉଲ୍ଲଂଘନ କରୁଛି ବୋଲି ଅଭିଯୋଗ କରିଛି ବିଜେଡି । ସମଗ୍ର ପଦୋନ୍ନତି ଓ ବଦଳି ପ୍ରକ୍ରିୟାରେ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହେଉଛି । ଏହା ଫଳରେ ରାଜ୍ୟବ୍ୟାପୀ ଶିକ୍ଷକ ସମାଜ ମଧ୍ୟରେ ଗଭୀର ଅସନ୍ତୋଷ ଓ କ୍ଷୋଭ ସୃଷ୍ଟି ହୋଇଛି । ପରୀକ୍ଷା ଓ ପ୍ରଶ୍ନପତ୍ର ଲିକ୍ ଭଳି ଘଟଣା ପରେ ବର୍ତ୍ତମାନ ବିଜେପି ସରକାର ଏକପାଖିଆ ଓ ମନମୁଖୀ ପଦୋନ୍ନତି ଏବଂ ବଦଳି ପ୍ରକ୍ରିୟା ମାଧ୍ୟମରେ ଶିକ୍ଷକମାନଙ୍କ ପ୍ରତି ଅନ୍ୟାୟ ଓ ବୈଷମ୍ୟ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ପଦୋନ୍ନତି ତାଲିକାକୁ ବାତିଲ କରିବା, ପ୍ରକାଶିତ ଗ୍ରେଡେସନ୍ ତାଲିକା ଓ ବରିଷ୍ଠତା ଆଧାରରେ ସ୍ୱଚ୍ଛ ଏବଂ ମେରିଟ୍ ଭିତ୍ତିକ ପଦୋନ୍ନତି ପ୍ରକ୍ରିୟା ଆରମ୍ଭ କରିବା, ନିର୍ଯାତିତ ଶିକ୍ଷକମାନଙ୍କ ଅଭିଯୋଗର ଶୁଣାଣି କରିବା, ଦୁର୍ନୀତି ଓ ପକ୍ଷପାତିତାର ଅଭିଯୋଗ ଉପରେ ଉଚ୍ଚସ୍ତରୀୟ ତଦନ୍ତ କରିବା ଏବଂ ନିରପେକ୍ଷ ତଦନ୍ତ ନହେବା ପର୍ଯ୍ୟନ୍ତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ବିଜେଡି ଦାବି କରିଛି । ବିଜେଡି ଶିକ୍ଷକ ସମାଜ ସହ ସଦା ଦୃଢ଼ତାର ସହିତ ଛିଡ଼ା ହୋଇ ରହିବ ଏବଂ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା, ନ୍ୟାୟ, ସମତା ଓ ଦାୟିତ୍ୱବୋଧ ପୁନଃ ପ୍ରତିଷ୍ଠିତ ନହେବା ପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ନିଜ ସ୍ୱର ଉତ୍ତୋଳନ ଜାରି ରଖିବ ବୋଲି ବିଜେଡି କହିଛି ।

# ଆଲିଆନ୍ସ ଗ୍ରୁପ୍‌ର ବିଶାଳ ରକ୍ତଦାନ ଶିବିର

ଭୁବନେଶ୍ୱର, (ସବ୍ୟୁ) : ଆଲିଆନ୍ସ ଗ୍ରୁପ୍ ତରଫରୁ ବୁଧବାର ରସୁଲଗଡ଼ ଜିଜିପି କଲୋନୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ମୋଟ ୧୨୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କ୍ୟାପିଟାଲ ହସ୍ପିଟାଲ ବ୍ଲଡ଼ ବ୍ୟାଙ୍କ ଏବଂ ରେଡ଼କ୍ରସ ଆଞ୍ଚଳିକ ସୋସାଇଟି ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ




ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ରୋଟାରୀ କ୍ଲବର ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର, ସମାଜସେବୀ ରୁଦ୍ର ସାମନ୍ତରାୟ, ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର, ଏସଏନଏମ୍ ଗ୍ରୁପ୍‌ର ସାଧାରଣ ପରିଚାଳକ ଜ୍ଞାନ ନାରାୟଣ ରଥ, ରାଣା ପ୍ରତାପ, ୧୯ ନମ୍ବର ୱାର୍ଡ଼ର କର୍ପୋରେଟର ସ୍ମୃତିଶିଖା ବରିସଲ, ପ୍ରଦୀପ ବରିସଲ, ପ୍ରତାପ ରାଉତରାୟ, ଜ୍ୟୋସ୍ନାରାଣୀ ରାଉତରାୟ, ପୁଲିସ୍ କମିଶନର ତରଫରୁ ଏହି ରକ୍ତଦାନ ଶିବିରର ଦାୟିତ୍ୱରେ ଥିବା ଶିବାନୀ ନନ୍ଦ, ମଞ୍ଚେଶ୍ୱର ଥାନାର ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ। ଆଲିଆନ୍ସ ଗ୍ରୁପର ସଭାପତି ବିକାଶ କୁମାର ପଲାଇ, ସମ୍ପାଦକ ବୁଲନ କୁମାର ମଲ୍ଲ, ଉପସଭାପତି ରାଜେଶ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ଜେନା, କାହ୍ନୁଚରଣ ପଟ୍ଟନାୟକ, କୋଷାଧ୍ୟକ୍ଷ ଆସଫ୍ ହୁସେନ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

## ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଏବଂ ରାୟଗଡ଼ାରେ

# ଜଳ ଏବଂ ଜଳସେଚନ ସୁବିଧାକୁ ସୁଦୃଢ଼ କରିଛି

ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱ ପରିବେଶ ଦିବସ ପୂର୍ବରୁ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଓଡ଼ିଶାର କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାରେ ଏହାର ଲାଞ୍ଜିଗଡ଼ ରିଫାଇନାରୀ ଚାରିପାଖରେ ଏହାର ବିସ୍ତାରିତ ଜଳ ପରିଚାଳନା ଏବଂ ଜଳଛାୟା ବିକାଶ ପ୍ରୟାସକୁ ଦୃଢ କରିଛି। କମ୍ପାନୀ ୧୮ ଲକ୍ଷ ଘନ ମିଟରରୁ ଅଧିକ ଜଳ ସଂରକ୍ଷଣ ଏବଂ ଭୂତଳ ଜଳ ପୁନଃଚାର୍ଜ କ୍ଷମତା ସୃଷ୍ଟି କରିବା ସହିତ ଜଳସେଚନ ସୁବିଧାକୁ ସୁଦୃଢ଼ କରି, ଗ୍ରାମୀଣ ପରିବାର ପାଇଁ ଜଳ ସୁରକ୍ଷାକୁ ଉନ୍ନତ କରିଛି। ଏହାର ସମନ୍ୱିତ ଜଳଛାୟା ଏବଂ ସାମୁଦାୟିକ ଜଳ ପରିଚାଳନା ପଦକ୍ଷେପ ମାଧ୍ୟମରେ, କମ୍ପାନୀ ୨୬ଟି ଗ୍ରାମରେ ୭୩ଟି ଜଳାଶୟକୁ ପୁନରୁଦ୍ଧାର କରିବା ସହିତ୧୬୦୦ ଏକରରୁ ଅଧିକ ଚାଷ ଜମିରେ ଜଳସେଚନ ସୁବିଧାକୁ ସକ୍ଷମ କରିଛି, ଯାହାକି ୪,୦୦୦ରୁ ଅଧିକ ଲୋକଙ୍କୁ ଲାଭାନ୍ୱିତ କରିଛି। ଏହି ପ୍ରୟାସଗୁଡ଼ିକ ଓଡ଼ିଶାର ସବୁଠାରୁ ଜଳବାୟୁ-ପ୍ରତିକୂଳ ଅଂଚଳରେ ଦୀର୍ଘକାଳୀନ ଜଳ ଅଭାବ ଚ୍ୟାଲେଞ୍ଜର ମୁକାବିଲା କରିବାରେ ସାହାଯ୍ୟ କରୁଛି। ମୌସୁମୀ ବର୍ଷା ଏବଂ ଜଳସେଚନ ଉପରେ ଏହି ଅଂଚଳର ଅତ୍ୟଧିକ ନିର୍ଭରଶୀଳତା କୃଷି ଅଭିବୃଦ୍ଧି ଏବଂ ଜୀବିକା ନିର୍ବାହ ପାଇଁ ଏପରି ହସ୍ତକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ କରିଥାଏ। ବେଦାନ୍ତ ଆଲୁମିନିୟମର ଜଳଛାୟା ପଦକ୍ଷେପଗୁଡ଼ିକ ବୈଜ୍ଞାନିକ



ବର୍ଷା ଅମଳ, ଭୂତଳ ଜଳ ପୁନଃଚାର୍ଜ ଏବଂ ପାରମ୍ପରିକ ଜଳ ପ୍ରଣାଳୀର ପୁନରୁଦ୍ଧାର ଉପରେ ଧ୍ୟାନ କେନ୍ଦ୍ରିତ କରେ, ଯାହା ଜଳସେଚନ ଏବଂ ପରିବାରର ଆବଶ୍ୟକତା ପାଇଁ ବର୍ଷସାରା ପାଣି ଉପଲବ୍ଧତାକୁ ସକ୍ଷମ କରିଥାଏ।

## କ୍ରୀଷ୍ଣା ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ

# ଜନ୍ମରୁ ମୁହଁ ଖୋଲି ପାରୁନଥିବା ୬ ବର୍ଷ ଶିଶୁର ସଫଳ ଅସ୍ତ୍ରୋପଚାର

ଭୁବନେଶ୍ୱର, (ସବ୍ୟୁ) : ଜନ୍ମରୁ ମୁହଁ ଖୋଲି ପାରୁନଥିବା ଜଣେ ୬ ବର୍ଷର ଶିଶୁର ଜଟିଳ ଅସ୍ତ୍ରୋପଚାର କ୍ରୀଷ୍ଣା ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ସଫଳତାର ସହ ସମ୍ପନ୍ନ ହୋଇଛି। ଦୀର୍ଘ ଦିନ ଧରି କେବଳ ତରଳ ଖାଦ୍ୟ ଉପରେ ନିର୍ଭର ରହୁଥିବା ଏହି ଶିଶୁ ଗୁରୁତର ପୌଷ୍ଟିକ ଅଭାବ, ଶାରୀରିକ ବିକାଶରେ ବିଳମ୍ବ, କମ୍ ଓଜନ ଓ ମୁହଁର ଅସମାନତା ଭଳି ସମସ୍ୟାରେ ପୀଡ଼ିତ ଥିଲେ। ବିସ୍ତୃତ ଚିକିତ୍ସାଗତ ଏବଂ ରେଡ଼ିଓଲୋଜିକାଲ ପରୀକ୍ଷା ପରେ ଶିଶୁର ଡାହାଣ ପାର୍ଶ୍ୱର ହନୁସନ୍ଧି ଖୋଲୁନଥିବା ସହ ମୁହଁର ଅସମାନତା ଏବଂ ମୁହଁର ମଧ୍ୟରେଖା ସ୍ଥାନଚ୍ୟୁତି ହୋଇଥିବାର ଚିହ୍ନଟ କରାଗଲା। ହସ୍ପିଟାଲ୍‌ର ପ୍ରସିଦ୍ଧ ମୁଖଶଲ୍ୟ ବିଶେଷଜ୍ଞ ଡା. ସୌଭିକ ଦାସୁକିଲଙ୍କ ନେତୃତ୍ୱରେ ଦୁଇଟି ପର୍ଯ୍ୟାୟ ବିଶିଷ୍ଟ ଚିକିତ୍ସାର ପ୍ରଥମ ପର୍ଯ୍ୟାୟ ସଫଳତାର ସହ ସମ୍ପନ୍ନ ହୋଇଛି। ଡା. ସୌଭିକଙ୍କ ମତାନୁସାରେ, ଏହି ଚିକିତ୍ସା କେବଳ ଏକ ଅସ୍ତ୍ରୋପଚାର ନୁହେଁ ବରଂ ଶିଶୁଟିକୁ ସାଧାରଣ



ଭାବରେ ଖାଦ୍ୟଗ୍ରହଣ, ସ୍ପଷ୍ଟ ଭାବରେ କଥା କହିବା ଓ ସୁସ୍ଥ ଜୀବନ ବଂଚିବାର ଏକ ନୂଆ ସୁଯୋଗ ପ୍ରଦାନ କରିଛି। ଏହି ଡାକ୍ତରୀ ସଫଳତା ମୁଖଶଲ୍ୟ ଚିକିତ୍ସା କ୍ଷେତ୍ରରେ ପଶ୍ଚିମ ଓଡ଼ିଶା ପାଇଁ ଉଲ୍ଲେଖନୀୟ ବୋଲି ମନେ କରାଯାଉଛି।

## ଅଂଶଧନ ମୂଳକ ପେନସନ ପାଇଁ

# ବଜେଟରେ ୧୦ କୋଟି ଟଙ୍କା ଫଣ୍ଡର ବ୍ୟବସ୍ଥା କରାଯାଉ : ପ୍ରଫୁଲ୍ଲ ଘଡାଇ

ଭୁବନେଶ୍ୱର, (ସବ୍ୟୁ) : କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମାସିକ ୧୦ ହଜାର ଟଙ୍କାର ଅଂଶଧନ ମୂଳକ ପେନସନ ପାଇଁ ପ୍ରାୟ ୧୦ କୋଟି ଟଙ୍କାର ମୂଳପାଣ୍ଠି ସୃଷ୍ଟି ପାଇଁ ଆଗାମୀ ଅତିରିକ୍ତ ବଜେଟରେ ବ୍ୟବସ୍ଥା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଷ୍ଟି ଦେବାକୁ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ପ୍ରସ୍ତାବ ଦେଇଛନ୍ତି। ଓଡିଶା ପ୍ରେସ ଏକାଡେମୀର ୩୨ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ଘଡାଇ ଏହା କହିଛନ୍ତି। ଉତ୍ସବରେ ମୁଖ୍ୟବକ୍ତା ଭାବେ ରାଜ୍ୟ ବିଧାନସଭାର ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା କହିଲେ ଯେ ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା କର୍ମଜିବୀ ସାମ୍ବାଦିକ ମାନଙ୍କର ଗଣନା ଓ ଅଂଶଧନମୂଳକ ପେନସନ କରିପାରିନାହାନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଏହି କାର୍ଯ୍ୟ ଆଗେଇ ଦେବାପାଇଁ ସରକାର ପଦକ୍ଷେପ ଗ୍ରହଣ ଜରୁରୀ ହୋଇ ପଡ଼ିଛି




। ସରକାର ଖୁବଶୀଘ୍ର ଓଡିଶା ପ୍ରେସ ଏକାଡେମୀକୁ ଏହାର ନୋଡାଲ ଏଜେନ୍ସି ଭାବେ ନିଯୁକ୍ତି ଦେବାର ଆବଶ୍ୟକତା ରହିଛି । ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମାଜର ପୂର୍ବତନ ମୁଖ୍ୟ ପରିଚାଳକ ସୁରେଶ ଚନ୍ଦ୍ର ମନ୍ତ୍ରୀ ଯୋଗ ଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଟୁଡେର ସମ୍ପାଦକ ଅବିନାଶ ମିଶ୍ର , ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ଜେନା, ବରିଷ୍ଠ ସାମ୍ବାଦିକ ରବିରାୟ ସାମ୍ବାଦିକ ମାନଙ୍କର ବିଭିନ୍ନ ଅସୁବିଧା ଓ ବାଧାବିଘ୍ନ ଦିଗରେ ରେଖାପାତ କରିଥିଲେ । ଏହି ଅବସରରେ ଓଡିଶା ଟୁଡେର ସମ୍ପାଦକ ଅବିନାଶ ମିଶ୍ରଙ୍କ ୫୫ତମ ଜନ୍ମଦିବସ ପାଳନ କରାଯାଇଥିଲା ଓ ଶୁଭେଚ୍ଛା ଜ୍ଞାପନ ସହ ଦୀର୍ଘ ଜୀବନକାମନା କରାଯାଇଥିଲା । ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ କିଛି ଯୁବ ସାମ୍ବାଦିକଙ୍କୁ ଡିପ୍ଲୋମା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଓଡିଶା ପ୍ରେସ ଏକାଡେମୀର ଅଧ୍ୟକ୍ଷ ସଂଜୟ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ ପରେ ଓଡିଶା ପ୍ରେସ ଏକାଡେମୀର ଉପାଧ୍ୟକ୍ଷ ସୁଜ୍ଞାନ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା । ଶେଷରେ ଓଡିଶା ପ୍ରେସ ଏକାଡେମୀର ସମ୍ପାଦିକା ଗୀତାଞ୍ଜଳି ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏସ୍‌ଆଇଆର୍‌ରେ ଉପଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ

ଆଠଗଡ, (ସବ୍ୟୁ): -ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ଏସଆଇଆର କାର୍ଯ୍ୟକ୍ରମରେ ଆଜି କ୍ଷେତ୍ର ପରିଦର୍ଶନ ଓ ଯାଞ୍ଚ କରିଛନ୍ତି ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରହଲାଦ ନାରାୟଣ ଶର୍ମା । ଏସଆଇଆର ସଓ୍ୱଚ୍ଛତା ବଜାୟ ରଖିବା ଏବଂ ଏହାର ସଫଳ ରୂପାୟନ ନିମନ୍ତେ ବୁଥ ସ୍ତରିୟ ଅଧିକାରୀ ମାନେ ଘରକୁ ଘର ବୁଲି ପରିଗଣନା ଫର୍ମ ପ୍ରଦାନ କରିବା ସହିତ ଫୁର୍ମ ଗୁଡିକ ପୁରଣ କରିବା ନିମନ୍ତେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରୁଛନ୍ତି । ଏହି କାର୍ଯ୍ୟର ତଦାରଖ ନିମନ୍ତେ ୮୯-ଆଠଗଡ ଅନ୍ତର୍ଗତ ବିଜ୍ଞାପିତ ପରିଷଦର ବିଏଲଓ ସୁଦର୍ଶନ ସିଂ, ଝୁନି ପତ୍ରୀ ଏବଂ ଅର୍ଣ୍ଣପୁର୍ଣ୍ଣା ସିଂଙ୍କର କ୍ଷେତ୍ର ମାନ ବୁଲି ବୁଥ ଅଧିକାରୀ ମାନ କାର୍ଯ୍ୟକୁ ଯାଞ୍ଚ କରିଥିଲେ । ଏହାସହିତ ଭୋଟର ମାନଙ୍କ ସହିତ ଆଲୋଚନା କରି ଏସଆଇଆର ଉପରେ ମତାମତ ଲୋଡୁଥିବାର ଦେଖାଯାଇ ଥିଲା । ୮୯ ଆଠଗଡ ନିର୍ବାଚନ ମଣ୍ଡଳିରେ ମୋଟ ୨୧୨୩୬୯ ଜଣ ଭୋଟର ଥିବାବେଳେ ମୋଟ ୨୫୫ ଗୋଟି ବୁଥରେ ବିଏଲଓ ମାନେ କାର୍ଯ୍ୟ କରୁଛନ୍ତି । ଖବର ଅନୁଯାୟୀ ବିଏଲଓ ମାନେ ଆଜି ସୁଦ୍ଧା ୩୦ ହଜାରରୁ ଉର୍ଦ୍ଧ ଫର୍ମ ମାନ ବଣ୍ଟନ କରିଛନ୍ତି । ଆଜି କ୍ଷେତ୍ର ପରିଦର୍ଶନ ସମୟରେ ସହାକାରୀ ଜିଲ୍ଲାପାଳ ତଥା ସହପଞ୍ଜିକରଣ ଅଧିକାରୀ ମାନସ କୁମାର ବେହେରା ଓ ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳୟ କୁମାର ଦେହୁରି ଏବଂ ପର୍ଯ୍ୟବେକ୍ଷକ ଆଶିଷ ରାଉତରାୟ ଏବଂ ଜୟନ୍ତ କୁମାର ଶତପଥି ପ୍ରମୁଖ ସହଯେଗ କରିଥିଲେ ।

# ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ସବ୍ୟୁ) : ଚୌଦ୍ୱାର କଲେଜ ଅଧ୍ୟକ୍ଷା ରଶ୍ମୀ ରାଉତରାୟ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ କଲେଜ ଅଡିଟୋରିୟମରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପକ ଡ. ପ୍ରଫୁଲ୍ଲ କୁମାର ସାହୁ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସମ୍ବର୍ଦ୍ଧନା ସଭାରେ ଡାକ୍ତର ସତ୍ୟବ୍ରତ ମହାପାତ୍ର, ଶିକ୍ଷାବିତ୍ ରବୀନ୍ଦ୍ର କୁମାର ସାହୁ, ଅଧ୍ୟାପକ ଗଣେଶ୍ୱର ସ୍ୱାଇଁ, କର୍ମଚାରୀ ସଂଘର ସଭାପତି ସସ୍ମିତା ଭୂୟାଁ, ଅଧ୍ୟାପିକା ହରପ୍ରିୟା ମହାପାତ୍ର, ପୁରାତନ ଛାତ୍ର ସଂସଦ ସଭାପତି ବିବେକାନନ୍ଦ ଜେନା, ରବିନ୍ଦ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ କଲେଜର ସର୍ବାଙ୍ଗୀନ ବିକାଶରେ ଶ୍ରୀମତୀ ରାଉତରାୟଙ୍କ ମହତ୍ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ଅବସରକାଳୀନ ଜୀବନ ସୁସ୍ଥ, ନିରାମୟ, ସୁଖ ଓ ଶାନ୍ତିରେ ଅତିବାହିତ ହେଉ ବୋଲି କାମନା କରିଥିଲେ। ଏହି ଅବସରରେ କଲେଜର ବହୁ ଅଧ୍ୟାପକ ଓ ଅଧ୍ୟାପିକା ଶ୍ରୀମତୀ ରାଉତରାୟଙ୍କ ସହିତ କାର୍ଯ୍ୟ କରିଥିବା ବେଳର ଅନେକ ଅଭୁଲା ସ୍ମୃତି ବଖାଣି ଥିଲେ ଏବଂ ତାଙ୍କୁ ଉପଢ଼ୌକନ, ସ୍ମାରକୀ ଉପହାର ଏବଂ ପୁଷ୍ପଗୁଚ୍ଛ



ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଚୌଦ୍ୱାରରେ କାର୍ଯ୍ୟରତ ସାମ୍ବାଦିକ, ରକ୍ତଦାତା ସଂଗଠନର କର୍ମକର୍ତ୍ତା, କଲେଜ ପୁରାତନ ଛାତ୍ର ସଂସଦ, କଲେଜର ପୁରାତନ ଓ କାର୍ଯ୍ୟରତ କର୍ମଚାରୀମାନଙ୍କ ତରଫରୁ ମଧ୍ୟ ଶ୍ରୀମତୀ ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସଂସଦର ସମ୍ପାଦକ କେଶବ ଚନ୍ଦ୍ର ସାହୁ, ବରିଷ୍ଠ କର୍ମକର୍ତ୍ତା ବିଚିତ୍ରା ନନ୍ଦ ସାହୁ, ଶ୍ରୀନିବାସ ସାହୁ, ମୀନାକ୍ଷୀ ପ୍ରଧାନ, ମୁରଲୀଧର ବେହୁରା, ଆଶୁତୋଷ ଦାସ, ପ୍ରଦୀପ ନାୟକ, ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ଓଡିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ଼ର ଉତ୍କୃଷ୍ଟ ପ୍ରଦର୍ଶନ

ଭୁବନେଶ୍ୱର, (ସବ୍ୟୁ) : ଓଡିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ଼ ନିଜର କ୍ରମାଗତ ଉନ୍ନତ ପ୍ରଦର୍ଶନର ଧାରା ଜାରି ରଖି ମଇ ୨୦୨୬ ମଧ୍ୟରେ ଦେଶରେ ଥିବା ରାଜ୍ୟ ସରକାରଙ୍କ ଅଧିନସ୍ଥ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରମାନଙ୍କ ମଧ୍ୟରେ ୧ମ ସ୍ଥାନ ଅଧିକାର କରିଛି । ଓଡିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ଼ର ବିଶେଷ ସଫଳତା ଦେଶରେ ଥିବା ରାଜ୍ୟ ସରକାରଙ୍କର ଅଧିନସ୍ଥ ବିଦ୍ୟୁତ କେନ୍ଦ୍ରମାନଙ୍କ ମଧ୍ୟରେ ୧ମ ସ୍ଥାନ ଅଧିକାର କରିଛି। ଜାତୀୟ ସ୍ତରରେ ସମସ୍ତ ସରକାରୀ ଓ ବେସରକାରୀ କର୍ମଚାରୀ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରମାନଙ୍କ ମଧ୍ୟରେ ୧୦ମ ସ୍ଥାନ ଅଧିକାର କରିଛି। ୧୦୦୦ ମେଗାୱାଟରୁ ଅଧିକ କ୍ଷମତା ସମ୍ପନ୍ନ ବିଦ୍ୟୁତ ଉତ୍ପାଦନ କ୍ଷେତ୍ର ମଧ୍ୟରେ ଦେଶରେ ୬ଷ୍ଠ ସ୍ଥାନ ଅଧିକାର କରିଛି। ଏହି ସଫଳତା ଓଡିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ଼ର ରାଜ୍ୟ ତଥା ଦେଶ ପାଇଁ ସମର୍ପିତ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଦିଗରେ ଦାୟିତ୍ୱବୋଧତାକୁ ପ୍ରତିଫଳନ କରୁଛି। ଏହି ସର୍ବାଧିକ ପ୍ଲାଣ୍ଟ ଲୋଡ ଫ୍ୟାକ୍ଟର (ପି ଏଲ ଏଫ ) ସୁଚାରୁ ପରିଚାଳନା, ଶ୍ରେଷ୍ଠ ରକ୍ଷଣାବେକ୍ଷଣ ନିୟମାବଳୀର ପ୍ରୟୋଗ ଓ କର୍ମଚାରୀମାନଙ୍କର ଅକ୍ଳାନ୍ତ ପରିଶ୍ରମର ପ୍ରତିଫଳନ।

# ବିଶ୍ୱ ତମାଖୁ ବର୍ଜନ ଦିବସ, ଆଇଡିଏସ୍ ପକ୍ଷରୁ ୱାକାଥନ୍

ଭୁବନେଶ୍ୱର, (ସବ୍ୟୁ) : ତମାଖୁ ସେବନର ଭୟାବହତା ଓ ଅପକାରିତା ଏବଂ ତମାଖୁ ମୁକ୍ତ ଜୀବନ ସଂପର୍କରେ ସଚେତନତା ବାଣ୍ଟିବା ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନସେସ୍ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ବୁଧବାର ଏକ ୱାକାଥନ୍ ଆୟୋଜିତ ହୋଇଯାଇଛି। ଆଇଡିଏସ୍‌ରୁ ଏହି ରାଲି ଆରମ୍ଭ ହୋଇ ସମ୍ ହସ୍ପିଟାଲ ଛକ ଓ ଏପିଜେ ଅବଦୁଲ କଲାମ୍ ପାର୍କ ଅତିକ୍ରମ କରି ପୁଣି କଲେଜକୁ ପ୍ରତ୍ୟାବର୍ତନ କରିଥିଲା। ଏହି ରାଲିରେ ଫ୍ୟାକଲ୍ଟି ସଭ୍ୟ, ଇନ୍‌ଟର୍ଣ୍ଣ ଓ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ସାମିଲ ହୋଇଥିଲେ। ସେହିପରି ରାଲିରେ ସାମିଲ ହୋଇଥିବା ଆଇଡିଏସ୍‌ର ଇନ୍‌ଟର୍ଣ୍ଣମାନେ କାର୍ଯ୍ୟକ୍ରମକୁ ସଫଳ କରିବା ସହ ସଚେତନତାମୂଳକ ପ୍ରଚାର ଜନସାଧାରଣଙ୍କୁ ବାଣ୍ଟିଥିଲେ। ରାଲିକୁ ଆଇଡିଏସ୍‌ର ଟୋବାକୋ ସିସେସନ୍ ସେଣ୍ଟରର ନୋଡାଲ୍ ଅଫିସର ପ୍ରଫେସର ସନତ୍ କୁମାର ଭୂୟାଁ ଶୁଭାରମ୍ଭ କରିଥିବା ବେଳେ ତାଙ୍କ ସହିତ ଡାକ୍ତର ବସନ୍ତ ଚୌଧୁରୀ ସାମିଲ ହୋଇଥିଲେ।

# ନବ ନିଯୁକ୍ତ ଖୋର୍ଦ୍ଧାରୋଡ ଷ୍ଟେସନ ଇନଚାର୍ଜଙ୍କୁ ସମ୍ବର୍ଦ୍ଧନା



ଜଟଣୀ, (ସବ୍ୟୁ) : ଖୋର୍ଦ୍ଧାରୋଡ ରେଳମଣ୍ଡଳ ଅନ୍ତର୍ଗତ ଖୋର୍ଦ୍ଧାରୋଡ଼ ଷ୍ଟେସନ ଇନଚାର୍ଜ ଭାବେ ଯୋଗ ଦେଇଛନ୍ତି ଏଲ ଡ଼ି ମହାନ୍ତି । ଏହି ଅବସରରେ ଶ୍ରମିକ କଂଗ୍ରେସ ମଣ୍ଡଳ ସହ ସଂଯୋଜକ ନିରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଖୋର୍ଦ୍ଧାରୋଡ ଷ୍ଟେସନରେ ପହଞ୍ଚି ଶ୍ରୀ ମହାନ୍ତିଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ ଜଣାଇଥିଲେ। କର୍ମଚାରୀଙ୍କ ପ୍ରତି ବିନା ଭେଦବାଦରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବର୍ତମାନର ଷ୍ଟେସନ ଇନଚାର୍ଜ ଚିତ୍ତରଞ୍ଜନ ମହାପାତ୍ର ଓ ଅନ୍ୟ ସହକର୍ମୀ ମାନେ ଶ୍ରୀ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଶ୍ରୀ ମହାନ୍ତି ଜଣେ ବରିଷ୍ଠ ଟାଣୁଆ ଶ୍ରମିକକଂଗ୍ରେସ ନେତା ଭାବେ ଆଖପାଖ ଅଞ୍ଚଳରେ ବେଶ ପରିଚିତ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ପଦାଧିକାରୀ ପ୍ରମୋଦ ସାହାଣୀ, ଏମ ଜି କେ ରାଓ , ସଭାପତି ମୁସ୍ତାକ ଅଲ୍ଲୀ , ତ୍ରିଲୋଚନ ମହାନ୍ତି, ସୁନୀଲ ପରିଡାଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।

# ଏବିଡି ମାଏଷ୍ଟ୍ରୋ ଓଡ଼ିଶା ବଜାରରେ

ଭୁବନେଶ୍ୱର : ଏବିଡ଼ି ମାଏଷ୍ଟ୍ରୋ ପ୍ରାଇଭେଟ ଲିମିଟେଡ଼, ଆଲାଇଡ଼ ବ୍ଲେଣ୍ଡର୍ସ ଆଣ୍ଡ ଡ଼ିଷ୍ଟିଲର୍ସ ଲିମିଟେଡ଼ (ଏବିଡ଼ି)ର ଯାହାକି ସୁପର ପ୍ରିମିୟମ ଏବଂ ଲକ୍ସୁରି ସ୍ପିରିଟ୍ସର ସହଯୋଗୀ କମ୍ପାନୀ, ଭୁବନେଶ୍ୱର ଠାରେ ଏଓଡ଼ିଏଚ ଆଇରିସ୍ ହ୍ୱିସ୍କି, ଉଡ଼ବର୍ଣ୍ଣସ ଇଣ୍ଡିଆନ ମାଲ୍ଟ, ୟେଲୋ ଡ଼ିଜାଇନର ହ୍ୱିସ୍କି ଏବଂ ରଙ୍ଗିଲା କଣ୍ଟେମ୍ପୋରାରୀ ଇଣ୍ଡିଆନ୍ ଭୋଡ଼କାର ଶୁଭାରମ୍ଭ ସହିତ ଓଡ଼ିଶା ବଜାରରେ ନିଜର ପ୍ରବେଶ ସମ୍ପର୍କରେ ଘୋଷଣା କରିଛି। ସୁପରଷ୍ଟାର ଅଭିନେତା ତଥା ଉଦ୍ୟୋଗୀ ରଣବୀର ସିଂହ ଏହାର ସହ-ପ୍ରତିଷ୍ଠାତା ଏବଂ କ୍ରିଏଟିଭ ପାର୍ଟନର (ସୃଜନଶୀଳ ସହଯୋଗୀ) ଭାବରେ ରହିଥିବାରୁ, ଏବିଡ଼ି ମାଏଷ୍ଟ୍ରୋ ଆଧୁନିକ ବିଳାସିତା କ୍ଷେତ୍ରକୁ ଏକ ନୂତନ ଦୃଷ୍ଟିକୋଣ ପ୍ରଦାନ କରୁଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାହକମାନଙ୍କୁ ଏଭଳି ବ୍ରାଣ୍ଡ ପ୍ରଦାନ କରିବା, ଯାହା ଉତ୍କୃଷ୍ଟ କାରୁକାର୍ଯ୍ୟରେ ସମୃଦ୍ଧ ହେବା ସହ ଏକ ସ୍ୱଷ୍ଟ ଏବଂ ପ୍ରାମାଣିକ କାହାଣୀ ବହନ କରୁଥିବ। ଓଡ଼ିଶାରେ ଉପଲବ୍ଧ ହେଉଥିବା ଏବିଡ଼ି ମାଏଷ୍ଟ୍ରୋ ପୋର୍ଟଫୋଲିଓ ·ରୋଟି ଭିନ୍ନ ବ୍ରାଣ୍ଡକୁ ଏକତ୍ରିତ କରିଛି, ଯାହାର ପ୍ରତ୍ୟେକର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଭୁବନେଶ୍ୱରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏବିଡ଼ି ମାଏଷ୍ଟ୍ରୋର ଓଡ଼ିଶା ପଦାର୍ପଣ ବିଷୟରେ ଘୋଷଣା କରି ବିକ୍ରମ ବାସୁ, ମ୍ୟାନେଜିଙ୍ଗ ଡ଼ାଇରେକ୍ଟର, ଏବିଡ଼ି ମାଏଷ୍ଟ୍ରୋ କହିଛନ୍ତି, ଓଡ଼ିଶାର ଗ୍ରାହକମାନଙ୍କ ପାଖରେ ଅନନ୍ୟ ଅନୁଭୂତିକୁ ବୁଝିବାର ସୂକ୍ଷ୍ମ ଜ୍ଞାନ ବା ରୁଚି ରହିଛି। ଆମର ସ୍ପିରିଟସ ଏବଂ ଅନୁଭୂତି ଦୁନିଆରେ ଓଡ଼ିଶା ଆମ ପାଇଁ ଏକ ପ୍ରାଥମିକତା। ଆମେ ବିଶ୍ୱସ୍ତରୀୟ କାରୁକାର୍ଯ୍ୟ ସହିତ ଆଧୁନିକ ବିଳାସିତାର ମିଶ୍ରଣ କରି ଆମର ପୋର୍ଟଫୋଲିଓକୁ ଡ଼ିଜାଇନ କରିଛୁ।

# ନେକ୍ସସ ଏସ୍‌ପ୍ଲାନେଡ଼ ସହିତ "ୱଣ୍ଡର ଲ୍ୟାବ୍ସ" ବିଜ୍ଞାନ ଓ କଳା ମହୋତ୍ସବ

ଭୁବନେଶ୍ୱର, (ସବ୍ୟୁ) : ନେକ୍ସସ ଏସପ୍ଲାନେଡରେ ୦୩ ତାରିଖରୁ ପିଲାମାନଙ୍କ ମଧ୍ୟରେ କୌତୁହଳ, ସୃଜନଶୀଳତା ଏବଂ ଶିଖିବାର ଆଗ୍ରହ ଜାଗ୍ରତ କରିବା ପାଇଁ ଏକ ଆକର୍ଷଣୀୟ ବିଜ୍ଞାନ କାର୍ଯ୍ୟକଳାପ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି । କିଙ୍ଗଡ଼ମ ଅଫ ଜୟର ସହଯୋଗରେ ଆୟୋଜିତ ଏହି ଅଭିନବ ପ୍ରୟାସ ମାଧ୍ୟମରେ ୨୧ରୁ ଅଧିକ ରୋମାଞ୍ଚକର ଓ ପ୍ରତ୍ୟକ୍ଷ ବିଜ୍ଞାନ ପରୀକ୍ଷଣ ଏଠାକୁ ଅଣାଯାଉଛି, ଯାହା ଶିଶୁମାନଙ୍କୁ ଆନନ୍ଦ ଏବଂ ଆବିଷ୍କାରର ଏକ ଅବିସ୍ମରଣୀୟ ଅନୁଭୂତି ପ୍ରଦାନ କରିବ। ବିଭିନ୍ନ ବୟସର ପିଲାମାନଙ୍କୁ ଆକୃଷ୍ଟ କରିବା ଏବଂ ବିଜ୍ଞାନର ବିଭିନ୍ନ ବିଷୟବସ୍ତୁକୁ ସହଜରେ ବୁଝାଇବା ପାଇଁ ଏହି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତକରାଯାଇଛି। ଏଠାରେ ଯୁବ ବୈଜ୍ଞାନିକମାନେ ପେଣ୍ଟ ଇନଷ୍ଟୁ ବବ୍‌ଲ୍ସ ମାଧ୍ୟମରେ ରଙ୍ଗୀନ କଳା ସୃଷ୍ଟି କରିପାରିବେ, ବେକିଙ୍ଗ ସୋଡ଼ା ଆଗ୍ନେୟଗିରିର ନାଟକୀୟ ବିସ୍ଫୋରଣ ଦେଖିପାରିବେ ଏବଂ ଚମକୁଥିବା ବୋରାକ୍ସ କ୍ରିଷ୍ଟାଲ ତିଆରି କରିପାରିବେ।

# କର୍ଣ୍ଣାଟକାରେ ଡିକେ ସରକାର: ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଶିବ କୁମାର

ମୁମ୍ବାଇ: ବୁଧବାର ଠାରୁ ବିଧିବଦ୍ଧ ଭାବେ କର୍ଣ୍ଣାଟକାରେ ଆରମ୍ଭ ହୋଇଛି ଡିକେ ସରକାର। କଂଗ୍ରେସର ବରିଷ୍ଠ ନେତା ଡିକେ ଶିବ କୁମାର ଦିନ ଠିକ ୪.୧୫ରେ କର୍ଣ୍ଣାଟକାର ୨୫ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରିଛନ୍ତି। କଂଗ୍ରେସ ୨୦୨୩ କର୍ଣ୍ଣାଟକା ବିଧାନସଭା ନିର୍ବାଚନ ଜିତିଥିଲେ ହେଁ ଶିବ କୁମାର ମୁଖ୍ୟମନ୍ତ୍ରୀ ହୋଇ ପାରି ନଥିଲେ। ତାଙ୍କ ବଦଳରେ କଂଗ୍ରେସ ଅନ୍ୟତମ ବରିଷ୍ଠ ନେତା ସିଦ୍ଦରମୈୟାଙ୍କୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦେଇଥିଲା। ସେ ୨୦୨୩ ମେ' ୨୦ରେ କର୍ଣ୍ଣାଟକାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ମୁଖ୍ୟମନ୍ତ୍ରୀ ଭାବେ ୩ ବର୍ଷ ୮ଟି ଦିନ କାମ କରିବା ପରେ ସିଦ୍ଦରମୈୟା ମେ' ୨୮ରେ ଇସ୍ତଫା ଦେଇଥିଲେ। ଏହାପରେ ଶିବ କୁମାର ମୁଖ୍ୟମନ୍ତ୍ରୀ ହେବାକୁ ବାଟ ଫିଟିଥିଲା। ତାଙ୍କୁ ପ୍ରଥମେ ବିଧାୟକ ଦଳ ନେତା ଭାବେ ଚୟନ କରାଯାଇଥିଲା। ଆଜି ସେ ନିଜର ବ୍ୟକ୍ତିଗତ ଶୁଭ ମୁହୂର୍ତ୍ତ ଦେଖି ଦିନ ୪.୧୫ରେ କର୍ଣ୍ଣାଟକାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ହାତରେ ସମ୍ବିଧାନ ଧରି ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଶିବ କୁମାରଙ୍କ ବ୍ୟତୀତ ଆଉ ୧୩ ଜଣ ବିଧାୟକ ମଧ୍ୟ କ୍ୟାବିନେଟ ସଦସ୍ୟ ଭାବେ ଶପଥ ନେଇଛନ୍ତି। ଲୋକ ଭବନର ଗ୍ଲାସ ହାଉସରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଗେହଲଟ କଂଗ୍ରେସର ଅନ୍ୟତମ ବରିଷ୍ଠ ନେତା ଜି ପରମେଶ୍ୱରଙ୍କୁ ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ପାଠ କରାଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କ ପୁଅ ଯତୀନ୍ଦର ସିଦ୍ଦରମୈୟା କ୍ୟାବିନେଟରେ ଡେବ୍ୟୁ କରିଛନ୍ତି। ସେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଥିବା ଅନ୍ୟ ସଦସ୍ୟମାନେ ହେଲେ ୟୁଟି ଖାଦେର, ଏମବି ପାଟିଲ, କେଜେ ଜର୍ଜ, କେଏଚ ମୁନିୟାପ୍ପା, ସତୀଶ ଜାରକିହୋଲି, ରାମଲିଙ୍ଗା ରେଡ୍ଡୀ, କ୍ରିଷ୍ଣା ବୟରେ ଗୌଡା, ପ୍ରିୟଙ୍କ ଖଡଗେ, ଈଶ୍ୱର ଖାଣ୍ଡରେ, ବି ସୁରେଶ ଓ ଶରନ ପ୍ରକାଶ ପାଟିଲ। ୟୁଟି ଖାଦେର ଏବେ କର୍ଣ୍ଣାଟକା ବିଧାନସଭାରେ ବାଚସ୍ପତି ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ସେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଥିବାରୁ ବାଚସ୍ପତି ପଦରୁ ଇସ୍ତଫା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପୂର୍ବରୁ ଶିବ କୁମାର ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଏସ୍ ୟେଦ୍ୟୁରାପ୍ପା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କୁ ସେମାନଙ୍କ ବାସଭବନକୁ ଯାଇ ଭେଟିଥିଲେ। ସେହିପରି ନିଜ ମା'ଙ୍କୁ ଭେଟି ଆଶୀର୍ବାଦ ନେଇଥିଲେ। ଶିବ କୁମାରଙ୍କ ଶପଥ ପାଠ ଉତ୍ସବରେ ସବୁ ଧର୍ମର ଧର୍ମଗୁରୁଙ୍କୁ ଦେଖିବାକୁ ମିଳିଛି। ହିନ୍ଦୁ, ମୁସଲିମ ଓ ଖ୍ରୀଷ୍ଟିୟାନ ଧର୍ମର ଧର୍ମ ଗୁରୁମାନେ ବିଭିନ୍ନ ମନ୍ତ୍ର ପାଠ କରି ଶପଥ ପାଠ ଉତ୍ସବକୁ ଆହୁରି ସ୍ୱତନ୍ତ୍ର କରିଛନ୍ତି। ବିଭିନ୍ନ ମଠର ମହନ୍ତଙ୍କୁ ନିଜ ଶପଥ ପାଠ



ଉତ୍ସବକୁ ଶିବ କୁମାର ନିମନ୍ତ୍ରଣ କରିଥିଲେ। ଶପଥ ନେବା ପୂର୍ବରୁ ସେ ମହନ୍ତମାନଙ୍କ ଆଶୀର୍ବାଦ ନେଇଥିଲେ। ଶିବ କୁମାରଙ୍କ ଶପଥ ପାଠ ଉତ୍ସବରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡଗେ, ସାଂସଦ ରାହୁଲ ଗାନ୍ଧି, ବରିଷ୍ଠ ନେତା କେସି ଭେନୁଗୋପାଲ, ରଣଦୀପ ସୁର୍ଯ୍ୟେୱାଲା, କଂଗ୍ରେସ ଶାସିତ ରାଜ୍ୟମାନଙ୍କର ମୁଖ୍ୟମନ୍ତ୍ରୀମାନଙ୍କ ଠାରୁ ଆରମ୍ଭ କରି ଅନେକ ବରିଷ୍ଠ ନେତା ଓ ସମର୍ଥକ ଉପସ୍ଥିତ ରହିଥିଲେ। ଶପଥ ନେବା ପୂର୍ବରୁ ସେ ସମସ୍ତଙ୍କୁ ମଞ୍ଚ ଉପରେ ସମ୍ବର୍ଦ୍ଧନା କରିଥିଲେ।

# ମୃତ୍ୟୁର ୪ ମାସ ପରେ ଖେମିନିଙ୍କ ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତି

**ନୂଆଦିଲ୍ଲୀ:** ଇରାନର ପୂର୍ବତନ ସର୍ବୋଚ୍ଚ ଧାର୍ମିକ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ଶେଷକୃତ୍ୟ ଆସନ୍ତା ଜୁନ୍ ୨୧ ତାରିଖରେ ମସହାଦ ସହରରେ ଅନୁଷ୍ଠିତ ହେବାକୁ ଯାଉଛି। ତାଙ୍କର ପାର୍ଥିବ ଶରୀରକୁ ଇରାନର ଅତ୍ୟନ୍ତ ପବିତ୍ର ଧାର୍ମିକ ସ୍ଥଳ 'ଇମାମ ରେଜା ପୀଠ' ନିକଟରେ କବର ଦିଆଯିବ। ଖେମିନିଙ୍କୁ ହତ୍ୟାର ପ୍ରାୟ ଚାରି ମାସ ପରେ ଏହି ଶେଷକୃତ୍ୟ ସମ୍ପନ୍ନ ହେବାକୁ ଯାଉଛି, ଯାହାକୁ ନେଇ ସାରା ଦେଶରେ ଚର୍ଚ୍ଚା ଜୋର ଧରିଛି। ଇରାନର ପ୍ରଭାବଶାଳୀ ସାମରିକ ସଂଗଠନ 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ' (ଆଇଆର୍‌ଜିସି) ଏହି ବିଶାଳ ସମାରୋହର ସମ୍ପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଛି। ଏହି ପ୍ରସ୍ତୁତି ଇରାନରେ ଧର୍ମ ଏବଂ ସାମରିକ ଶକ୍ତିର ମିଶ୍ରଣକୁ ସ୍ପଷ୍ଟ ଭାବେ ପ୍ରଦର୍ଶିତ କରୁଛି। ଇରାନ ପ୍ରଶାସନର ଆକଳନ ଅନୁଯାୟୀ, ଏହା ଦେଶର ଇତିହାସରେ ସବୁଠାରୁ ବଡ଼ ଅନ୍ତ୍ୟେଷ୍ଟି କ୍ରିୟା ମଧ୍ୟରୁ ଏକ ହେବ, ଯେଉଁଥିରେ ସାମିଲ ହେବା ପାଇଁ ପ୍ରାୟ ୨ କୋଟି ଶୋକାକୁଳ ଜନତା ମସହାଦରେ



ପହଞ୍ଚିବେ। ରାଜନୈତିକ ଏବଂ ସୁରକ୍ଷା କାରଣରୁ ଏହି ଶେଷକୃତ୍ୟ ପ୍ରକ୍ରିୟାରେ ବିଳମ୍ବ ହୋଇଥିବା ବେଳେ ବର୍ତ୍ତମାନ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଇଛି। ଧାର୍ମିକ ନେତାମାନେ ଆଧୁନିକ ଇରାନ ଗଠନରେ ଖେମିନିଙ୍କ ଅବଦାନକୁ ସ୍ମରଣ କରୁଥିବା ବେଳେ ଏହି କାର୍ଯ୍ୟକ୍ରମକୁ ଜାତୀୟ ଏକତାର ଏକ ମାଧ୍ୟମ ଭାବେ ଦେଖାଯାଉଛି। ଅନ୍ତର୍ଜାତୀୟ ପର୍ଯ୍ୟବେକ୍ଷକମାନେ ଏହି ବିଶାଳ ଆୟୋଜନ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

# ବହିଷ୍କୃତ ଟିଏମସି ବିଧାୟକ ହେଲେ ବିରୋଧୀ ଦଳ ନେତା

**କୋଲକାତା:** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ଟିଏମସିରେ ଦେଖା ଯାଇଥିବା କନ୍ଦଳ ଶେଷରେ ବିସ୍ଫୋରକ ରୂପ ନେଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ବହିଷ୍କୃତ ଟିଏମସି ବିଧାୟକ ରୁତବ୍ରତ ବାନାର୍ଜୀ ହୋଇଛନ୍ତି ବେଙ୍ଗଲ ବିଧାନସଭାର ବିରୋଧୀ ଦଳ ନେତା। ବାଚସ୍ପତି ଆଜି ରିତବ୍ରତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ମାନ୍ୟତା ଦେଇଛନ୍ତି। ତାଙ୍କୁ ବିଧାନସଭା ପକ୍ଷରୁ ବିରୋଧୀ ଦଳ ନେତାଙ୍କ ପାଇଁ ଉପଲବ୍ଧ ଚ୍ୟାମ୍ବରର ଚାବି ମଧ୍ୟ ହସ୍ତାନ୍ତର କରାଯାଇଛି। ଏହା ଟିଏମସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଶକ୍ତ ଝଟକା। କାରଣ ମମତା ଓ ତାଙ୍କ ପୁତୁରା ଅଭିଷେକ ବାନାର୍ଜୀ ମିଳିତ ଭାବେ ବରିଷ୍ଠ ନେତା ଶୋଭନଦେବ ଚଟ୍ଟୋପାଧ୍ୟାୟ ବିରୋଧୀ ଦଳ ନେତା ଭାବେ ନିଯୁକ୍ତ କରିଥିଲେ। ଏନେଇ ବିଧାୟକଙ୍କ ଦସ୍ତଖତ ଥିବା ଗୋଟିଏ ଦାବିପତ୍ର ବିଧାନସଭା ସଚିବଙ୍କ ପାଖରେ ଦାଖଲ କରାଯାଇଥିଲା। କିନ୍ତୁ ବିଧାୟକଙ୍କ ଦସ୍ତଖତରେ ଜାଲିଆତି ଅଭିଯୋଗ ହୋଇଛି। ଏଥିପାଇଁ ଟିଏମସି ପକ୍ଷରୁ ରିତବ୍ରତ ବାନାର୍ଜୀ ଓ ସନ୍ଦିପନ ସାହାଙ୍କୁ ଟିଏମସି ବହିଷ୍କାର କରାଯାଇଥିଲା। ବାସ୍ ଏହାପରେ ରିତବ୍ରତଙ୍କ ନେତୃତ୍ୱରେ ଏକାଠି ହୋଇଥିଲେ ପ୍ରାୟ ୫୮ ଜଣ ବିଧାୟକ। ଆଜି ସେମାନେ ପ୍ରଥମେ ବାଚସ୍ପତିଙ୍କୁ ଭେଟି ଗୋଟିଏ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଶୋଭଦେବ ଚଟ୍ଟୋପାଧ୍ୟାୟଙ୍କ ବଦଳରେ ସେମାନେ ରିତାବ୍ରତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ଭାବେ ସମର୍ଥନ କରିଥିଲେ। ରିତବ୍ରତ କହିଥିଲେ ଯେ "ଆମେ ଗୋଟିଏ ଟିମ ଭାବେ ଲଢ଼ିଥିଲୁ। ଆମେ ଏବେ ୫୮ ଜଣ ବିଧାୟକ ରହିଛୁ। ଆମେ ପ୍ରମୁଖ ବିରୋଧୀ। ଆଉ ୨ ଜଣ ଆମ ପାଖକୁ ଆସିବେ। କିନ୍ତୁ ସେମାନେ ରାଜ୍ୟ ବାହାରେ ରହିଛି। ବାଚସ୍ପତି ଏହାକୁ ବିଚାରକୁ ନିଅନ୍ତୁ। ଆମ ସହ ଆଉ ଦୁଇ ଜଣ ବିଧାୟକ ସାମିଲ ହେଲେ ସଂଖ୍ୟା ୬୦ ଛୁଇଁବ।" ଏହି ଦାବି ପରେ ରିତବ୍ରତଙ୍କ ପାଖରେ ଦୁଇ ତୃତୀୟାଂଶ ବିଧାୟକଙ୍କ ସମର୍ଥନ ରହିଥିବା ଜଣାପଡ଼ିଥିଲା। ଏଥିପାଇଁ ରିତବ୍ରତଙ୍କୁ ଟିଏମସିର ବିଦ୍ରୋହୀ ନେତାଙ୍କ କଥାରେ ବାଚସ୍ପତି ବିରୋଧୀ ଦଳ ନେତା ଭାବେ ମାନ୍ୟତା ଦେଇଛନ୍ତି। ଟିଏମସି ବେଙ୍ଗଲ ବିଧାନସଭାରେ ୮୦ଟି ଆସନ ଜିତିଥିବାରୁ ଏହାର ଦୁଇ ତୃତୀୟାଂଶ ହେଉଛି ୫୪। ଏପରି ସ୍ଥିତିରେ ବିଦ୍ରୋହୀ ଗୋଷ୍ଠୀ ବେଶ ସହଜରେ ନିଜର ଦାବି ହାସଲ କରିପାରିଛନ୍ତି। ବିରୋଧୀ ଦଳ ନେତା ମାନ୍ୟତା ପାଇବା ପରେ ରିତବ୍ରତ କୌଣସି ନୂଆ ଗୋଷ୍ଠୀ ସପକ୍ଷରେ ନଥିବା ସ୍ପଷ୍ଟ କରିଛନ୍ତି। ସେ ଏବେ ବି ମମତା ବାନାର୍ଜୀଙ୍କୁ ନିଜର ସୁପ୍ରିମୋ ଭାବେ ବିବେଚନା କରୁଥିବା କହିଛନ୍ତି। ରିତବ୍ରତ



କହିଛନ୍ତି, "ଆମ ନେତା ହେଉଛନ୍ତି ମମତା ବାନାର୍ଜୀ ଓ ଆମେ ଟିଏମସିର ସଦସ୍ୟ। ଟିଏମସି ବିରୋଧୀ ଦଳ ନେତା ବାଛି ନ ପାରିବା ଅତ୍ୟନ୍ତ ପରିତାପର ବିଷୟ। ଆମେ ଆଗକୁ ଆସି ଦଳକୁ ରକ୍ଷା କରିଛୁ। ଆମେ ଆମ ନେତା ମମତା ବାନାର୍ଜୀଙ୍କୁ ଏହି ପ୍ରସଙ୍ଗରେ ସହମତି ଦେବାକୁ ଅନୁରୋଧ କରୁଛୁ। ଆମେ ତାଙ୍କୁ ମାର୍ଗଦର୍ଶକ ଭାବେ ବିବେଚନା କରୁଛୁ।" ରିତବ୍ରତ ଘୋଷଣା କରିଛନ୍ତି ଯେ ବିଧାନସଭାରେ ଟିଏମସିର ମୁଖ୍ୟ ସଚେତକ ଭାବେ ରଘୁନାଥଗଞ୍ଜ ବିଧାୟକ ଅଖ୍ରୁଜମାଣ କାର୍ଯ୍ୟ କରିବେ। ସେହିପରି ଟିଏମସି ବିଧାୟକ ଦଳ ଉପ ନେତା ଭାବେ ଜାଭେଦ ଖାନ, ସନ୍ଦିପନ ସାହା, ସାବିନା ୟାସିମ ଓ ଶିଉଳି ସାହାଙ୍କୁ ଦାୟିତ୍ୱ ମିଳିଲି। ରିତବ୍ରତ ବାନାର୍ଜୀଙ୍କ କହିବା କଥା ଯେ ଟିଏମସି ବେଙ୍ଗଲ ସରକାରଙ୍କ ଜନ ବିରୋଧୀ ନୀତିକୁ ବିରୋଧ କରିବ। କିନ୍ତୁ କେବଳ ବିରୋଧୀ ଭାବେ ସବୁ ପ୍ରସଙ୍ଗକୁ ବିରୋଧ କରିବ ନାହିଁ। ଦଳର ନେତୃବୃନ୍ଦ ବିରୋଧୀ ଦଳ ନେତା ଚୟନ ବେଳେ ପ୍ରଦତ୍ତ ନିୟମକୁ ମାନି ନଥିଲେ।

# ଖାଦ୍ୟ ସୁରକ୍ଷା ନିଶ୍ଚିତ କରୁଛି ଏଫସିଆଇର ସାଇଲୋ ବ୍ୟବସ୍ଥା

**ନୂଆଦିଲ୍ଲୀ:** ଫସଲ ଅମଳ ପରେ ଏହାର ଠିକଣା ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦିଓ ପାରମ୍ପରିକ ଭାବେ ଭାରତରେ ଖାଦ୍ୟ ସଂରକ୍ଷଣ ପ୍ରକ୍ରିୟା ଜାରି ରହିଛି କିନ୍ତୁ ଉପଯୁକ୍ତ ସଂରକ୍ଷଣ ଅଭାବରୁ ପ୍ରତିବର୍ଷ ଆମ ଦେଶରେ ଆନୁମାନିକ ପ୍ରାୟ ୧୨ ରୁ ୧୬ ନିୟୁତ (୧.୨ରୁ ୧.୬ କୋଟି) ଟନ୍ ଖାଦ୍ୟଶସ୍ୟ ନଷ୍ଟ ହେଉଛି। ଯେଉଁ ଦେଶରେ ଚାଷୀଙ୍କଠାରୁ ବହୁ ପରିମାଣରେ ଖାଦ୍ୟଶସ୍ୟ ସଂଗ୍ରହ କରାଯାଏ ଏବଂ ୮୦ କୋଟିରୁ ଅଧିକ ଲୋକଙ୍କୁ ଖାଦ୍ୟ ସହାୟତା ଯୋଗାଇ ଦିଆଯାଏ, ସେଠାରେ ଏହିଭଳି କ୍ଷତିକୁ ରୋକିବା ଉଭୟ ଅର୍ଥନୈତିକ ଆବଶ୍ୟକତା ଏବଂ ଖାଦ୍ୟ ସୁରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଜରୁରୀ ବିଷୟ। ଏହି ଆହ୍ୱାନକୁ ଗ୍ରହଣ କରି, ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ସାରା ଦେଶରେ ଆଧୁନିକ ଷ୍ଟିଲ୍ ସାଇଲୋ (କଣ୍ଟେନର ଭଳି ବଡ଼ ସଂରକ୍ଷଣ ପାତ୍ର) ର ଏକ ନେଟୱର୍କ ପ୍ରତିଷ୍ଠା କରିଛି। ଏହା ବିଶ୍ୱର ସବୁଠାରୁ ବଡ଼ ଖାଦ୍ୟଶସ୍ୟ ସଂରକ୍ଷଣ ଆଧୁନିକୀକରଣ କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ ବୋଲି ଗ୍ରହଣ କରାଯାଉଛି। କାରଣ ଏହାଦ୍ୱାରା ପାରମ୍ପରିକ ସଂରକ୍ଷଣ ପଦ୍ଧତି ବଦଳରେ ବୈଜ୍ଞାନିକ ତଥା ପ୍ରଯୁକ୍ତିବିଦ୍ୟା-ଆଧାରିତ ବ୍ୟବସ୍ଥା ଆପଣାଯାଉଛି। ଫଳରେ ଖାଦ୍ୟଶସ୍ୟର ଗୁଣବତ୍ତା ବଜାୟ ରହିବା ସହ ଶସ୍ୟ ନଷ୍ଟ ହେବାର ଆଶଙ୍କା ହ୍ରାସ ପାଉଛି। ସାଧାରଣ ଗୋଦାମ ଗୃହ ତୁଳନାରେ ଏହି ସାଇଲୋଗୁଡ଼ିକରେ ଆର୍ଦ୍ରତା-ନିୟନ୍ତ୍ରଣ ବ୍ୟବସ୍ଥା, ବାୟୁ ଚଳାଚଳ ସୁବିଧା, ସ୍ୱୟଂଚାଳିତ ମହଜୁଦ ପରିଚାଳନା ଏବଂ ଯାନ୍ତ୍ରିକ ଖାଦ୍ୟଶସ୍ୟ ପରିଚାଳନା ବ୍ୟବସ୍ଥା ରହିଛି। ଏହି ସବୁ ବୈଶିଷ୍ଟ୍ୟ ଦୀର୍ଘ ସମୟ ଧରି ଖାଦ୍ୟଶସ୍ୟର ଗୁଣବତ୍ତା ବଜାୟ ରଖିବାରେ ସାହାଯ୍ୟ କରେ, ପାରମ୍ପରିକ ସ୍ଥାନାନ୍ତରଣ ପ୍ରକ୍ରିୟାରେ ହେଉଥିବା କ୍ଷତିକୁ ହ୍ରାସ କରେ ଏବଂ ସମଗ୍ର ଯୋଗାଣ ଶୃଙ୍ଖଳାରେ କାର୍ଯ୍ୟଦକ୍ଷତା ବୃଦ୍ଧି କରିଥାଏ।

ଏଫ୍‌ସିଆଇର 'ହବ୍-ଆଣ୍ଡ-ସ୍ପୋକ୍' ମଡେଲ୍ ଅଧୀନରେ ଦେଶର ୨୪୯ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ବିକଶିତ କରାଯାଉଛି, ଯାହାର ପରିକଳ୍ପିତ ସଂରକ୍ଷଣ କ୍ଷମତା ୧୦୮ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ। କେବଳ ଅତିରିକ୍ତ ସଂରକ୍ଷଣ ସ୍ଥାନ ସୃଷ୍ଟି କରିବା ଏହି ଯୋଜନାର ଲକ୍ଷ୍ୟ ନୁହେଁ, ବରଂ ସାରା ଦେଶରେ ଖାଦ୍ୟଶସ୍ୟର ପରିଚାଳନା, ପରିବହନ ଏବଂ ସଂରକ୍ଷଣ ଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବା ଏହାର ମୂଳ ଉଦ୍ଦେଶ୍ୟ। ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ ଦ୍ୱାରା ସାମଗ୍ରୀର ଉତ୍ତମ ସୁରକ୍ଷା ସୁନିଶ୍ଚିତ ହେବା ସହ ଖାଦ୍ୟଶସ୍ୟର ଦ୍ରୁତ ପରିବହନ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ର କାର୍ଯ୍ୟଦକ୍ଷତାରେ ସୁଧାର ଆସିପାରିବ। ବୃହତ୍ ପରିମାଣର ପୁଞ୍ଜିନିବେଶ ଏବଂ ସ୍ୱତନ୍ତ୍ର ଭିତ୍ତିଭୂମିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମକୁ ସରକାରୀ-ବେସରକାରୀ ସହଭାଗିତା (ପିପିପି) ମଡେଲ୍ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି। ୨୦୨୧ ମସିହାଠାରୁ, ମୁକ୍ତ ଏବଂ ପ୍ରତିଯୋଗିତାମୂଳକ ନିଲାମ ପ୍ରକ୍ରିୟା ମାଧ୍ୟମରେ ପ୍ରାୟ ୬୦ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ପ୍ରକଳ୍ପ ପ୍ରଦାନ କରାଯାଇଛି।

'ହବ୍-ଆଣ୍ଡ-ସ୍ପୋକ୍' କାର୍ଯ୍ୟକ୍ରମର ଦୁଇଟିଯାକ ପର୍ଯ୍ୟାୟରେ ବେସରକାରୀ କ୍ଷେତ୍ରର ଅନେକ ପ୍ରତିଷ୍ଠିତ ସଂସ୍ଥା ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରେ 'ଅଦାନୀ ଏଗ୍ରି ଲଜିଷ୍ଟିକ୍ସ ଲିମିଟେଡ୍' ଏବଂ 'ଲିପ୍ ଇଣ୍ଡିଆ ଫୁଡ୍ ଆଣ୍ଡ ଲଜିଷ୍ଟିକ୍ସ ପ୍ରାଇଭେଟ୍ ଲିମିଟେଡ୍' ଦୁଇଟି ସବୁଠାରୁ ବଡ଼ ଅଂଶଗ୍ରହଣକାରୀ ଭାବେ ସାବ୍ୟସ୍ତ ହୋଇଛନ୍ତି। ଏହି ଦୁଇ ସଂସ୍ଥା ମିଳିତ ଭାବେ ଏପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବା ୬୦ ଲକ୍ଷ ମେଟ୍ରିକ୍ ଟନ୍ ମଧ୍ୟରୁ ପ୍ରାୟ ୪୬.୫ ଲକ୍ଷ ମେଟ୍ରିକ୍ ଟନ୍ ଶସ୍ୟ କ୍ଷମତାର ଚୁକ୍ତି ହାସଲ କରିଛନ୍ତି। ଏହା ସହିତ ଅନ୍ୟ କେତେକ କମ୍ପାନୀ ମଧ୍ୟ ଏହି ଟେଣ୍ଡର ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଏସ୍‌ଆର୍ ଟ୍ରାନ୍ସପୋର୍ଟ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍, ସବିନା ଆରୋରାଙ୍କ ନେତୃତ୍ୱାଧୀନ କନସୋର୍ଟିୟମ୍, ଶ୍ରୀ କର୍ଣ୍ଣୀ ଟ୍ରେଡର୍ସ, ସନ୍ଦୀପ ଟ୍ରେଡର୍ସ, ମାପସ୍କୋ ବିଲ୍ଡର୍ସ ପ୍ରାଇଭେଟ୍ ଲିମିଟେଡ୍, ଇଣ୍ଡିଆ ପୋଟାସ୍ ଲିମିଟେଡ୍, ବେଦୁ ଇନଫ୍ରା ପ୍ରାଇଭେଟ୍ ଲିମିଟେଡ୍, ଓପିଜି ପାୱାର ଜେନେରେସନ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଅନ୍ୟାନ୍ୟ ସଂସ୍ଥା ସାମିଲ ରହିଛନ୍ତି।

ଭାରତ ନିଜର ଖାଦ୍ୟ ପରିଚାଳନା ଭିତ୍ତିଭୂମିର ଆଧୁନିକୀକରଣ ଜାରି ରଖିଥିବାବେଳେ, ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବା, ଯୋଗାଣ ଶୃଙ୍ଖଳାର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଏବଂ ଚାଷୀଙ୍କ ଠାରୁ ସଂଗୃହୀତ ଶସ୍ୟ ଯେପରି ଅତି କମ୍ କ୍ଷତିରେ ହିତାଧିକାରୀଙ୍କ ପାଖରେ ପହଞ୍ଚିବ, ସେଥିରେ ଏହି ସାଇଲୋ କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଏଭଳି ସମୟରେ ଯେତେବେଳେ ପ୍ରତ୍ୟେକ ଟନ୍ ଖାଦ୍ୟଶସ୍ୟର ମୂଲ୍ୟ ଅତି ଗୁରୁତ୍ୱପୂର୍ଣ୍ଣ, ଆଧୁନିକ ସାଇଲୋ ଭିତ୍ତିଭୂମିର ସମ୍ପ୍ରସାରଣ ଏକ ଅଧିକ ଦକ୍ଷ, ସୁଦୃଢ଼ ଏବଂ ଭବିଷ୍ୟତ-ଉପଯୋଗୀ ଖାଦ୍ୟ ସଂରକ୍ଷଣ ବ୍ୟବସ୍ଥା ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ, ଏହା ନିଃସନ୍ଦେହ।

# ଗଲ୍ଫରେ ଯୁଦ୍ଧ ପରିସ୍ଥିତି ତେଜିଲା, କୁଏତ ଉପରେ ଭୀଷଣ ଆକ୍ରମଣ

**କୁଏତ:** ଉପସାଗରୀୟ ଅଞ୍ଚଳରେ ଚାଲିଥିବା ସାମରିକ ସଂଘର୍ଷ ଆଜି ପୁଣି ଭୀଷଣ ରୂପ ନେଇଛି। ଇରାନପକ୍ଷରୁ କୁଏତ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଟାର୍ଗେଟ କରି କରାଯାଇଥିବା କ୍ଷେପଣାସ୍ତ୍ର ଏବଂ ଆତ୍ମଘାତୀ ଡ୍ରୋନ ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିଛି। ଏହି ଅତର୍କିତ ତଥା ଭୀଷଣ ଆକ୍ରମଣରେ ବିମାନବନ୍ଦରର କର୍ମଚାରୀ, ସୁରକ୍ଷାକର୍ମୀ ଏବଂ ସାଧାରଣ ଯାତ୍ରୀଙ୍କୁ ମିଶାଇ ଅତିକମରେ ୬୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। କୁଏତରେ ଥିବା ଭାରତୀୟ ଦୂତାବାସ ଭାରତୀୟ ନାଗରିକଙ୍କ ମୃତ୍ୟୁକୁ ଆଧିକାରିକ ଭାବେ ସ୍ପଷ୍ଟ କରିଥିବା ବେଳେ ଭାରତର ବିଦେଶ ମନ୍ତ୍ରାଳୟ ଆକ୍ରମଣକୁ କଡ଼ା ନିନ୍ଦା କରିଛି। ଆକ୍ରମଣ ପରେ ସୁରକ୍ଷା ଦୃଷ୍ଟିରୁବିମାନବନ୍ଦରରେ ସମସ୍ତ ଉଡ଼ାଣ ସେବାକୁ ସାମୟିକ ଭାବେ ବନ୍ଦ କରାଯାଇଥିଲା ଏବଂ ପରିସ୍ଥିତି ନିୟନ୍ତ୍ରଣକୁ ଆସିବା ପରେ 'କୁଏତ ଏୟାରୱେଜ୍' ବିମାନ ଚଳାଚଳ ପୁଣି ଆରମ୍ଭ କରିଛି। ଆଜି ଇରାନ ନିଜର ଆକ୍ରମଣ ପରିସରକୁ ବୃଦ୍ଧି କରି ବାହାରିନକୁ ମଧ୍ୟ ଟାର୍ଗେଟ କରିଛି। ବାହାରିନରେ ଅବସ୍ଥିତ ଆମେରିକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଞ୍ଚମ ନୌସେନା ବାହିନୀ ମୁଖ୍ୟାଳୟ ଉପରେ ସଫଳ ଆକ୍ରମଣ କରାଯାଇଥିବା ନେଇ ଇରାନ ଦାବି କରିଛି। ତେବେ ବାହାରିନ ଓ ଆମେରିକା ସେନା ମିଳିତ ଭାବେ ଇରାନର ଡ୍ରୋନ ଓ ମିସାଇଲକୁ ଆକାଶମାର୍ଗରେ ହିଁ ଧ୍ୱଂସ କରିଦେଇଥିବା ପେଣ୍ଟାଗନ୍ ସ୍ପଷ୍ଟ କରିଛି। ଏହି ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଆମେରିକା ସେନା ଇରାନର କେଶମ ଦ୍ୱୀପ ଉପରେ ଜୋରଦାର ବିମାନ ଆକ୍ରମଣ କରିଛି। ଇରାନର ବରିଷ୍ଠ ସାମରିକ ପରାମର୍ଶଦାତା ମୋହସେନ ରେଜାଇ ଆମେରିକାକୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ ୱାସିଂଟନ ନିଜର ସୀମା ପାର କଲେ ଭୟାବହ ସ୍ଥିତିର ସମ୍ମୁଖୀନ ହେବ। ଆଜି ଆମେରିକା ଓ ଇରାନ ପରସ୍ପରର ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ୍ କରିବା ଏବଂ ଇରାନ କୁଏତ ବିମାନ ବନ୍ଦରରେ ଧ୍ୱଂସଲୀଳା ସୃଷ୍ଟି କରିବା ପରେ ଯୁଦ୍ଧବିରତି ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଛି।

# ୪ ହାଇକୋର୍ଟରେ ହେବ ୧୨ ଜଜଙ୍କ ନିଯୁକ୍ତି

**ନୂଆଦିଲ୍ଲୀ:** ସୁପ୍ରିମକୋର୍ଟ କଲେଜିୟମ ବୈଠକରେ ୪ ରାଜ୍ୟଙ୍କ ହାଇକୋର୍ଟରେ ଖାଲିଥିବା ୧୨ ଜଜ୍ ପଦବୀରେ ନିଯୁକ୍ତି ଲାଗି ମଞ୍ଜୁରୀ ମିଳିଛି।ଏଥିରେ ବିଚାରବିଭାଗୀୟ ଅଧିକାରୀ ଏବଂ ଓକିଲଙ୍କୁ ପଦୋନ୍ନତୀ ଦେଇ ଜଜ୍ ନିଯୁକ୍ତି କରିବା ସହିତ ଅତିରିକ୍ତ ଜଜ୍ ମାନଙ୍କୁ ସ୍ଥାୟୀ କରିବାକୁ ମଧ୍ୟ ମଞ୍ଜୁରୀ ମିଳିଛି। କଲେଜିୟମଙ୍କ ଏହି ମଞ୍ଜୁରୀର ସମ୍ବନ୍ଧ କର୍ଣ୍ଣାଟକ, ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ ଓ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟ ସମ୍ପର୍କିତ। ପ୍ରଧାନବିଚାରପତି (ସିଜେଆଇ)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କଲେଜିୟମ ବୈଠକରେ ଚିରାଗ ଭାନୁ ସିଂହ, ଭୂପେଶ ଶର୍ମା ଓ ଯୋଗେଶ ଜୟସ୍ୱାଲଙ୍କ ନାମକୁ ହିମାଚଳ ପ୍ରଦେଶ ହାଇକୋର୍ଟ ବିଚାରପତି ଭାବେ ଅନୁମୋଦନ କରାଯାଇଛି। ହେିପରି କଲେଜିୟମ ଅତିରିକ୍ତ ବିଚାରପତି ଜଷ୍ଟିସ୍ ହରମୀତ ସିଂହ ଗ୍ରୋୱାଲ ଓ ଜଷ୍ଟିସ୍ ଦୀପେନ୍ଦ୍ର ସିଂହ ନଲୱାଙ୍କୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତି ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି। ଏହା ଛଡା ୬ ଜଣ ଓକିଲ ରାଘବେନ୍ଦ୍ର ସୀତାରାମ ଶ୍ରୀବସ୍ତ, ହେମା କୁଲକର୍ଣ୍ଣି, ସୁବ୍ରମଣ୍ୟ ରଙ୍ଗାରାଓ, ଟି.ପି.ବିବେକାନନ୍ଦ, ବଙ୍କେଶ୍ୱର ପ୍ରମୋଦ ଓ ଏଚ.ଜି.ଶାନ୍ତିଭୂଷଣଙ୍କୁ କର୍ଣ୍ଣାଟକ ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ଲାଗି ପ୍ରସ୍ତାବକୁ ସ୍ୱୀକୃତି ଦେଇଛନ୍ତି। ସେହିପରି ଓକିଲ ଅମିତ ଲାହୋଟୀଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟରେ ବିଚାରପତି ନିଯୁକ୍ତି ଲାଗି ପ୍ରସ୍ତାବକୁ ଅନୁମତି ମିଳିଛି। ଦେଶର ହାଇକୋର୍ଟମାନଙ୍କରେ ବିଚାରପତିଙ୍କ ଅଭାବ ବିଚାର ପ୍ରକ୍ରିୟାକୁ ପ୍ରଭାବିତ କରୁଛି।

# ବଙ୍ଗୋପସାଗରରେ ଭାରତର ବଡ଼ ସୈନ୍ୟ ପ୍ରସ୍ତୁତି

**ନୂଆଦିଲ୍ଲୀ:** ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଲଗାତାର ନିଜ ଶକ୍ତି ବୃଦ୍ଧି କରୁଛି । ଓଡ଼ିଶା ଉପକୂଳରୁ ଲଗାତାର ସଫଳ ମିସାଇଲ୍ ପରୀକ୍ଷଣ କରି ଶତ୍ରୁଙ୍କୁ ମଧ୍ୟରେ ଆତଙ୍କ ସୃଷ୍ଟି କରୁଛି । ଏହାରି ଭିତରେ ଭାରତ ବଙ୍ଗୋପସାଗରରେ ଜୁନ୍ ୪ରୁ ୯ ମଧ୍ୟରେ ସମ୍ଭାବିତ ମିସାଇଲ୍ ପରୀକ୍ଷଣକୁ ନେଇ ନୋଟମ୍ ଏବଂ ନୌବାହାନ ଚେତାବନୀ ଜାରି କରିଛି । ଏହା ସଂକେତ ଦେଉଛି ଯେ ଭାରତୀୟ ବାୟୁ ସେନା ଏବଂ ନୌସେନା ବ୍ୟାପକ ସ୍ତରରେ ମିସାଇଲ୍ ପରୀକ୍ଷଣ କରିପାରେ । ପ୍ରଥମ ନୋଟିସ୍ ଓଡ଼ିଶା ସ୍ଥିତ ଅବଦୁଲ କଲାମ ଦ୍ୱୀପ ମିସାଇଲ୍ ପରୀକ୍ଷଣ କେନ୍ଦ୍ର ସହ ଜଡ଼ିତ । ଏହା ଅନୁସାରେ ଜୁନ୍ ୪ରୁ ୯ ଯାଏ ନୋ-ଫ୍ଲାଏ ଜୋନ୍ ଘୋଷଣା କରାଯାଇଛି ।

ସୂତ୍ର ଅନୁଯାୟୀ ଜୁନ ୪ରୁ ଜୁନ ୯ ମଧ୍ୟରେ ଏକ ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷଣ ହୋଇପାରେ । ବିଶାଖାପାଟଣାରେ ଥିବା ଭାରତୀୟ ନୌସେନାର ପୂର୍ବ କମାଣ୍ଡ କ୍ଷେତ୍ରରୁ ଦ୍ୱିତୀୟ ନୋଟିସ୍ ଜାରି କରାଯାଇଛି । ଜୁନ ୭ରୁ ଜୁନ୍ ୯ ତାରିଖ ମଧ୍ୟରେ ବଙ୍ଗୋପସାଗରରେ ନୌସେନା ଜାହାଜ ଦ୍ୱାରା ଏକ ସମ୍ଭାବ୍ୟ ଅସ୍ତ୍ର କିମ୍ବା କ୍ଷେପଣାସ୍ତ୍ର ପରୀକ୍ଷଣ ଘୋଷଣା କରାଯାଇପାରେ । ଏଥିପାଇଁ ପ୍ରାୟ ୪୭୦ କିଲୋମିଟର ଲମ୍ବା ଏକ ସମୁଦ୍ର ଅଞ୍ଚଳ ଚିହ୍ନଟ କରାଯାଇଛି ।

ଭାରତ ଦ୍ରୁତ ଗତିରେ ତାର ସାମରିକ ଶକ୍ତି ବୃଦ୍ଧି କରୁଛି । ଭାରତୀୟ ସାମରିକ ବାହିନୀ ନିୟମିତ ଭାବରେ ଆଧୁନିକ ଅସ୍ତ୍ରଶସ୍ତ୍ର ପରୀକ୍ଷଣ କରୁଛି । ପୂର୍ବରୁ ଏପ୍ରିଲ ୨୫ରୁ ମେ ୬ ପର୍ଯ୍ୟନ୍ତ "ଏୟାରମ୍ୟାନଙ୍କୁ ନୋଟିସ୍" (NOTAM) ଜାରି କରିଥିଲା । ଗତ କିଛି ମାସ ମଧ୍ୟରେ, ଭାରତ ଏହାର ରଣନୈତିକ କ୍ଷେପଣାସ୍ତ୍ର ଅସ୍ତ୍ରାଗାରର ପରୀକ୍ଷଣକୁ ତ୍ୱରାନ୍ୱିତ କରିଛି । ଅଗ୍ନି ସିରିଜ୍, ବୁଡ଼ାଜାହାଜରୁ ଉତକ୍ଷେପଣ କରାଯାଇଥିବା କେ-୪ ଏବଂ ହାଇପରସୋନିକ୍ LRAShM ସହିତ ନିଜ ଅସ୍ତ୍ରର ସଠିକ୍ କ୍ଷମତା ଯାଞ୍ଚ କରୁଛି । ୮୦୦ କିଲୋମିଟର ଦୂରଗାମୀ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ୨୦୨୭ ଶେଷ ସୁଦ୍ଧା ସେବାରେ ସାମିଲ ହେବା ନେଇ ଆଶା କରାଯାଉଛି ।

# ମମତାଙ୍କ ବିରୋଧରେ ଏକାଠି ହେଲେ ୬୦ ବିଧାୟକ

**କୋଲକାତା:** ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ(ଟିଏମସି)ର ଅନ୍ତଃକନ୍ଦଳ ଏବେ ପଦାରେ ପଡ଼ିଛି। ଦଳ ବିରୋଧୀ କାମ ପାଇଁ ମମତା ବାନାର୍ଜୀଙ୍କ ଦ୍ୱାରା ବହିଷ୍କୃତ ହୋଇଥିବା ଟିଏମସି ବିଧାୟକ ରିତାବ୍ରତ ବାନାର୍ଜୀ ଓ ସନ୍ଦିପନ ସାହାଙ୍କ ସପକ୍ଷରେ ଉଠିଛି ସ୍ୱର। ମମତା ବାନାର୍ଜୀଙ୍କ ନିଷ୍ପତ୍ତି ବିରୋଧରେ ଏକାଠି ହୋଇଛନ୍ତି ଟିଏମସିର ୬୦ ଜଣ ନବ ନିର୍ବାଚିତ ବିଧାୟକ। ଏହି ପ୍ରସଙ୍ଗ ପଶ୍ଚିମବଙ୍ଗ ବିଧାନସଭାରେ ପହଞ୍ଚିଥିବା ବେଳେ ରିତାବ୍ରତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା କରିବାକୁ ୬୦ ଜଣ ବିଧାୟକ ବାଚସ୍ପତିଙ୍କ ନିକଟରେ ଦାଖଲ କରିଛନ୍ତି ଦାବିପତ୍ର। ଟିଏମସିର ବିଦ୍ରୋହୀ ଗୋଷ୍ଠୀଙ୍କ ପକ୍ଷରୁ ଏପରି ଦାବିପତ୍ର ପ୍ରଦାନ କରାଯାଇଛି। ନିକଟରେ ଶେଷ ହୋଇଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଟିଏମସି ୮୦ଟି ଆସନ ପାଇଥିଲା। ଏବେ ମମତାଙ୍କ ବିରୋଧରେ ୬୦ ଜଣ ବିଧାୟକ ରହିଛନ୍ତି। ତେଣୁ ସେମାନଙ୍କ ବିରୋଧରେ ଦଳ ବଦଳ ନିରୋଧ ଆଇନ ମଧ୍ୟ ଲାଗୁ ହେବ ନାହିଁ। ସେହିପରି ସେମାନେ ଟିଏମସିର ନାଁ ଓ ଦଳୀୟ ଚିହ୍ନକୁ ମଧ୍ୟ ନିଜ ପାଖରେ ରଖିପାରିବେ। ସୂତ୍ର ଅନୁସାରେ, ଟିଏମସିର ବିଦ୍ରୋହୀ ଗୋଷ୍ଠୀ ବିଧାନସଭା ବାଚସ୍ପତିଙ୍କ ନିକଟରେ ଗୋଟିଏ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଶୋଭଦେବ ଚଟ୍ଟୋପାଧ୍ୟାୟଙ୍କ ବଦଳରେ ସେମାନେ ରିତାବ୍ରତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ଭାବେ ସମର୍ଥନ କରିଛନ୍ତି। ସେମାନଙ୍କ ପାଖରେ ଦୁଇ ତୃତୀୟାଂଶ ବିଧାୟକଙ୍କ ସମର୍ଥନ ରହିଛି। ତେଣୁ ରିତାବ୍ରତଙ୍କୁ ବିରୋଧୀ ଦଳର ମାନ୍ୟତା ଦେବାକୁ ସେମାନେ କହିଛନ୍ତି। ଟିଏମସି ମୋଟ ୮୦ଟି ଆସନ ଜିତିଥିବାରୁ ଏହାର ଦୁଇ ତୃତୀୟାଂଶ ହେଉଛି ୫୪। ଏପରି ସ୍ଥିତିରେ ବିଦ୍ରୋହୀ ଗୋଷ୍ଠୀ ବେଶ



ସହଜରେ ନିଜର ଦାବି ହାସଲ କରିପାରିବେ। ଅନ୍ୟପକ୍ଷରେ ବିଦ୍ରୋହୀ ଗୋଷ୍ଠୀ କୌଣସି ନୂଆ ଦଳ ଗଠନ କରିବା ମୁଡରେ ନାହାନ୍ତି। ଆଜି ବିଧାନସଭା ଭିତରେ ଟିଏମସିର ବିଦ୍ରୋହୀ ବିଧାୟକମାନେ ବୈଠକ କରିଥିଲେ। ଏହାପରେ ସେମାନେ ଦାଖଲ କରିଥିବା ଦାବିପତ୍ରରେ ମମତା ବାନାର୍ଜୀ ହିଁ ଟିଏମସିର ସୁପ୍ରିମୋ ବୋଲି ଲେଖା ରହିଛି। କିନ୍ତୁ ସେମାନେ ଶୋଭଦେବଙ୍କ ବଦଳରେ ରିତାବ୍ରତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ଭାବେ ଦେଖିବାକୁ ଚାହୁଁଥିବା କହିଛନ୍ତି। ପୂରା ବିବାଦ ବିରୋଧୀ ଦଳ ନେତା ନିଯୁକ୍ତିକୁ ନେଇ ଆରମ୍ଭ ହୋଇଛି। ଟିଏମସି ଶୋଭନଦେବ ଚଟ୍ଟୋପାଧ୍ୟାୟ ବିରୋଧୀ ଦଳ ନେତା ଭାବେ ନିଯୁକ୍ତ କରିଛି। ଏନେଇ ବିଧାୟକଙ୍କ ଦସ୍ତଖତ ଥିବା ଗୋଟିଏ ଦାବିପତ୍ର ବିଧାନସଭା ସଚିବଙ୍କ ପାଖରେ ଦାଖଲ କରାଯାଇଥିଲା। କିନ୍ତୁ ବିଧାୟକଙ୍କ ଦସ୍ତଖତରେ ଜାଲିଆତି ଅଭିଯୋଗ ହୋଇଛି। ଏଥିପାଇଁ ଟିଏମସି ପକ୍ଷରୁ ରିତାବ୍ରତ ବାନାର୍ଜୀ ଓ ସନ୍ଦିପନ ସାହାଙ୍କୁ ଟିଏମସି ବହିଷ୍କାର କରିଛି। ନବ ନିର୍ବାଚିତ ବିଧାୟକମାନେ ରିତାବ୍ରତ ବାନାର୍ଜୀଙ୍କୁ ବିରୋଧ ଦଳ ନେତା ଭାବେ ଦେଖିବାକୁ ଚାହୁଁଥିଲେ। କିନ୍ତୁ ମମତା ବାନାର୍ଜୀ ଓ ତାଙ୍କ ପୁତୁରା ମିଳିତ ଭାବେ ଶୋଭନଦେବଙ୍କୁ ବିରୋଧୀ ଦଳ କରିଛନ୍ତି। ଏହାକୁ ନେଇ ଦଳ ଭିତରେ ବିଦ୍ରୋହ ସୃଷ୍ଟି ହୋଇଛି। ସେହିପରି ଦଳ ଭିତରେ ସବୁ କିଛି ଠିକ ନଥିବା ମଧ୍ୟ ମମତା ବାନାର୍ଜୀ ଓ କୁନାଲ ଘୋଷ ସ୍ୱୀକାର କରିଛନ୍ତି। ମମତା କହିଛନ୍ତି, "ଟିଏମସି ବିଧାୟକମାନଙ୍କୁ ପୁଲିସ୍ର ଜରିଆରେ ଚାପ ପକାଇ ଭୟଭୀତ କରାଯାଉଛି। ସେମାନଙ୍କୁ ନିର୍ଦ୍ଦିଷ୍ଟ ଲୋକଙ୍କ ସହ ଯୋଗାଯୋଗ କରିବାକୁ ମଧ୍ୟ କୁହାଯାଉଛି।" କୁନାଲ ଘୋଷ ହାତ ଯୋଡ଼ି ବିଦ୍ରୋହୀ ବିଧାୟକଙ୍କୁ ବିଭ୍ରାନ୍ତ ନ ହେବାକୁ ଅନୁରୋଧ କରିଛନ୍ତି।

# ଶିବସେନା ପୁଣି ହେବ ଏକାଠି, ହାତ ମିଳାଇବେ ଠାକରେ-ସିନ୍ଦେ!

**ମୁମ୍ବାଇ :** ପ୍ରାୟ ୪ ବର୍ଷ ପୂର୍ବେ ଅନ୍ତର୍ଜାତୀୟ ଯୋଗ ଦିବସ ଦିନ ଏକନାଥ ସିନ୍ଦେଙ୍କ କାଣ୍ଡ ସାରା ଦେଶରେ ଚର୍ଚ୍ଚା ସାଉଣ୍ଟି ଥିଲା ଓ ମହାରାଷ୍ଟ୍ରରେ ଶିବସେନା ନେତୃତ୍ୱାଧୀନ ମହାବିକାଶ ଅଘାଡ଼ି (ଏମଭିଏ)ର ରାଜନୈତିକ ଭବିଷ୍ୟତକୁ ନେଇ ସନ୍ଦେହ ସୃଷ୍ଟି କରିଥିଲା। ସିନ୍ଦେ ଓ ଅନ୍ୟ ୪୦ ବିଧାୟକଙ୍କ ବିଦ୍ରୋହ କାରଣରୁ ଉଦ୍ଧବ ଠାକରେଙ୍କୁ ମୁଖ୍ୟମନ୍ତ୍ରୀ ପଦ ହରାଇବାକୁ ପଡିଥିଲା ଓ ପାର୍ଟି ଦୁଇଫାଳ ହୋଇଯାଇଥିଲା। ଏବେ ଉଦ୍ଧବ ଠାକରେ ଓ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ମେଣ୍ଟ ମଧ୍ୟରେ ବୁଝାମଣା ସମ୍ଭାବନାକୁ ନେଇ ରାଜନୈତିକ ଅଙ୍କକଷା ଆରମ୍ଭ ହୋଇଗଲାଣି। ଏପରି ଆକଳନ ସେତେବେଳେ ଆରମ୍ଭ ହୋଇଛି ଯେତେବେଳେ ଉଭୟ ପକ୍ଷରୁ ପ୍ରମୁଖ ନେତାମାନେ ଏକତାର ଓକିଲାତି କରିବା ଆରମ୍ଭ କରିଛନ୍ତି। ତେବେ ସବୁଠୁ ମଜାଦାର କଥା ହେଉଛି ବିଜେପି ଯାହା କେବେ ଶିବସେନା ଲାଗି ବିବାଦର ଏକ ପ୍ରସଙ୍ଗ ଥିଲା ଏବେ ଉଭୟ ଗୋଷ୍ଠୀର ନେତାଙ୍କ ଲାଗି ବଡ ବିପଦ ଭାବେ ଉଭା ହୋଇଛି। ଏକ ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ରିପୋର୍ଟ ଅନୁସାରେ ଉଦ୍ଧବ ଠାକରେ ଓ ଏକନାଥ ସିନ୍ଦେଙ୍କ ଗୋଷ୍ଠୀର ବରିଷ୍ଠ ନେତାମାନେ ପାର୍ଟିର ପୁନର୍ମିଳନ ଲାଗି ଚର୍ଚ୍ଚାର ଆବଶ୍ୟକତା ନେଇ ସଂକେତ ଦେଉଛନ୍ତି। ଏହି ବାର୍ତ୍ତା ଏପରି ସମୟରେ ହେଉଛି ଯେତେବେଳେ ମହାରାଷ୍ଟ୍ର ରାଜନୀତିରେ ବିଜେପିର ପ୍ରଭାବ ବଢୁଥିବା ଭଳି ଦେଖା ଯାଉଛି।

## ନ୍ୟୁଜିଲାଣ୍ଡ ଗସ୍ତରେ ଯିବ ଭାରତ

# ଅକ୍ଟୋବର ୨୨ରୁ ଦ୍ୱିପାକ୍ଷିକ ଶୃଙ୍ଖଳା, ଖେଳାଯିବ ୧୨ ମ୍ୟାଚ

ନୂଆଦିଲ୍ଲୀ,୩।୬(ଏଜେନ୍ସି): ଭାରତୀୟ ସିନିୟର ପୁରୁଷ ଦଳ ପାଇଁ ଚଳିତ ବର୍ଷ ଖେଳସୂଚୀ ବେଶ ବ୍ୟସ୍ତବହୁଳ ରହିଛି। କାରଣ ଏକାଧିକ ଘରୋଇ ଟେଷ୍ଟ ଶୃଙ୍ଖଳା ସହ ଟିମ୍ ଇଣ୍ଡିଆ ବିଦେଶଗସ୍ତରେ ଯିବ। ଏହି କ୍ରମରେ ଭାରତୀୟ ଦଳ ଏକପୂର୍ଣ୍ଣକାଳୀନ ଶୃଙ୍ଖଳା ଖେଳିବା ପାଇଁ ଅକ୍ଟୋବରରୁ ଡିସେମ୍ବର ଯାଏଁ ନ୍ୟୁଜିଲାଣ୍ଡଗସ୍ତ କରିବ ବୋଲି ବିସିସିଆଇ ପକ୍ଷରୁ ଘୋଷଣା ହୋଇଛି। ଏହି ଗସ୍ତରେ ଭାରତୀୟ ଦଳ ୫ଟି ଟି-୨୦, ୫ଟି ଦିନିକିଆ ଓ ଦୁଇଟି ଟେଷ୍ଟ ମ୍ୟାଚ ଖେଳିବ । ନ୍ୟୁଜିଲାଣ୍ଡ ଇତିହାସରେ ପ୍ରଥମଥର ପାଇଁ କୌଣସି ଭ୍ରମଣକାରୀ ଦଳ ଏକାଥରକେ ୧୨ଟି ମ୍ୟାଚ ଖେଳିବାକୁ ଯାଉଛି। ଦୁଇଟି ଟେଷ୍ଟ ମ୍ୟାଚ ଯଥାକ୍ରମେ ୱେଲିଂଟନ ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯିବ। ଭାରତୀୟ ଦଳ ଟି-୨୦ ଓ ଦିନିକିଆ ଶୃଙ୍ଖଳା



ଖେଳିବା ପରେ ଟେଷ୍ଟ ମ୍ୟାଚ ଖେଳିବ। ସୀମିତ ଓଭର ଶୃଙ୍ଖଳା ଅକ୍ଟୋବର ୨୨ରୁ ଆରମ୍ଭ ହେବ । ଭାରତ ୨୦୧୯-୨୦ ପରଠାରୁ ନ୍ୟୁଜିଲାଣ୍ଡଗସ୍ତରେ ଯାଇ ନାହିଁ । ହେଲେ ଏହି ସମୟସୀମା ଭିତରେ ନ୍ୟୁଜିଲାଣ୍ଡ ଦୁଇଥର ଭାରତଗସ୍ତରେ ଆସିଛି। ୨୦୨୪-୨୫ ଭାରତଗସ୍ତରେ ଆସି ନ୍ୟୁଜିଲାଣ୍ଡ ୩-୦ରେ ଟେଷ୍ଟ ଶୃଙ୍ଖଳା ଜିତିଥିଲା ।

ନ୍ୟୁଜିଲାଣ୍ଡଗସ୍ତରେ ଭାରତୀୟ ଦଳ ୫ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଖେଳିବାକୁ ଥିବାରୁ ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ମଧ୍ୟ ପୁଣି ମୈଦାନରେ ଦେଖିବାକୁ ମିଳିପାରେ । ୨୦୨୭ରେ ଦିନିକିଆ ବିଶ୍ୱକପ ଥିବାରୁ ପ୍ରସ୍ତୁତିରେ ବେଶ ସହାୟକ ହେବ। ସେହିଭଳି ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ୫ଟି ଟି-୨୦ ମ୍ୟାଚ ଖେଳାଯିବ । ଅକ୍ଟୋବର ୨୨ରେ ପ୍ରଥମ ଟି-୨୦ ମ୍ୟାଚ ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯିବ। ଅକ୍ଟୋବର ୨୨ରୁ ନଭେମ୍ବର ୧ ପର୍ଯ୍ୟନ୍ତ ଟି-୨୦ ଶୃଙ୍ଖଳା, ନଭେମ୍ବର ୪ରୁ ୧୫ ତାରିଖ ପର୍ଯ୍ୟନ୍ତ ଦିନିକିଆ ଶୃଙ୍ଖଳା ଏବଂ ନଭେମ୍ବର ୧୯ରୁ ୨୩ ପ୍ରଥମ ଟେଷ୍ଟ ଏବଂ ନଭେମ୍ବର ୨୭ରୁ ଡିସେମ୍ବର ୧ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଖେଳାଯିବ ।

## ନିଲାମ ହେବ ୧୯୫୮ ଫିଫା ବିଶ୍ୱକପ୍ ପେଲେଙ୍କ ଜର୍ସି

ନୂଆଦିଲ୍ଲୀ,୩।୬(ଏଜେନ୍ସି): ଫୁଟବଲ କିମ୍ବଦନ୍ତୀ ପେଲେଙ୍କ ଜର୍ସି ବିକ୍ରି ହେବ । ୧୯୫୮ ଫିଫା ବିଶ୍ୱକପ ଫାଇନାଲରେ ପିନ୍ଧି ଥିବା ପେଲେଙ୍କ ଜର୍ସି ନିଲାମ ହେବା ପାଇଁ ସ୍ଥିର ହୋଇଛି। ଏହି ଜର୍ସି ୬ ମିଲିୟନ ଡଲାରରୁ ଅଧିକ ଟଙ୍କାରେ ବିକ୍ରି ହେବ ବୋଲି ଆଶା କରାଯାଉଛି। ଏହି ଜର୍ସି ପାଇଁ ଜୁନ୍ ୨୯ରୁ ଜୁଲାଇ ୧୬ ଯାଏଁ ନିଲାମ ଚାଲିବ। ସବୁଠାରୁ ଦାମୀ ଜର୍ସି ଭାବେ ରେକର୍ଡ କରିବ ବୋଲି ଆଶା କରାଯାଉଛି। ୨୦୨୨ରେ ଡିଏଗୋ ମାରାଡୋନାଙ୍କ ଜର୍ସି ୯.୨୮ ମିଲିୟନ ଡଲାରରେ ବିକ୍ରି ହୋଇଥିଲା। ଯାହା ଏବେ ସୁଦ୍ଧା ସବୁଠୁ ଦାମୀ ଜର୍ସିର ମାନ୍ୟତା ପାଇଛି। ୧୯୫୮ରେ



ବିଶ୍ୱକପ୍ ଖେଳିବା ସମୟରେ ପେଲେ ମାତ୍ର ୧୭ ବର୍ଷର ହୋଇଥିଲେ। ସେ ଦୁଇଟି ଗୋଲ କରିଥିଲେ। ଫଳରେ ବ୍ରାଜିଲ ୫-୨ ଗୋଲରେ ସ୍ୱିଡେନକୁ ପରାସ୍ତ କରିଥିଲା। ସବୁଠୁ ଯୁବ ଖେଳାଳି ଭାବେ ସେ ବିଶ୍ୱକପ ଫାଇନାଲରେ ଗୋଲ କରିଥିଲେ। ଏହା ବ୍ରାଜିଲର ପ୍ରଥମ ବିଶ୍ୱକପ ବିଜୟୀ ଥିଲା। ସେହି ସମୟରେ ପେଲେ ଯେଉଁ ଜର୍ସି ପିନ୍ଧି ଥିଲେ। ତାକୁ ସେ ନିଜର ସାଥୀ ଖେଳାଳି ଡିଡାଙ୍କୁ ପ୍ରଦାନ କରିଥିଲେ। ୧୯୯୩ ମସିହାରେ ଯାଏ ଡିଡାଙ୍କ ପରିବାର ପାଖରେ ଥିଲା। ପରେ ସେ ଏହାକୁ ଏକ ମ୍ୟୁଜିୟମକୁ ଦେଇଥିଲେ। ଯାହାପରେ ମ୍ୟୁଜିୟମ କର୍ତ୍ତୃପକ୍ଷ ଜର୍ସିକୁ ୨୦୦୪ରେ ୧୦୫୦୦୦ ଡଲାରରେ ନିଲାମ କରିଥିଲେ। ଏହି ନିଲାମରେ ଜର୍ସି ହାସଲ କରିଥିବା ବ୍ୟକ୍ତି ପୁଣିଥରେ ନିଲାମ କରିବାକୁ ଘୋଷଣା କରିଛନ୍ତି। ଏହା ପ୍ରଥମଥର ନୁହେଁ ପୂର୍ବରୁ ୨୦୧୬ରେ ପେଲେଙ୍କ ୨୦୦୦ରୁ ଅଧିକ ସାମଗ୍ରୀ ନିଲାମ ହୋଇଥିଲା। ଏହିଥରେ ବିଶ୍ୱକପ ମେଡାଲ, ଟ୍ରଫି ଆଦି ରହିଥିଲା। ନିଲାମର ମୂଲ୍ୟ ୪.୨ ମିଲିୟନ୍ ଡଲାର ହୋଇଥିଲା।

## ▶▶ଓଡ଼ିଶା ମହିଳା ଲିଗ୍ ଆଉଲ୍ ଫୁଟବଲ କ୍ଲବ ବିଜୟୀ



ଭୁବନେଶ୍ୱର,୩।୬(ସବ୍ୟୁ): ଓଡ଼ିଶା ମହିଳା ଲିଗ୍ ଫୁଟବଲ ପ୍ରତିଯୋଗିତା ନବମ ଦିନ ଅନୁଷ୍ଠିତ ମ୍ୟାଚରେ ଆଉଲ ମହିଳା ଫୁଟବଲ କ୍ଲବ ୧-୦ ଗୋଲରେ ମନୋରମା କ୍ଲବକୁ ଧରାଶାୟୀ କରିଛି। ଏହି ଚିତାକର୍ଷକ ମ୍ୟାଚରେ କେବଳ ଗୋଟିଏ ଗୋଲ ଦେଖିବାକୁ ମିଳିଥିଲା । ମ୍ୟାଚର ୭୫ତମ ମିନିଟ ଆଉଲ ମହିଳା ଫୁଟବଲ କ୍ଲବର ଏଲିଜାବେଥ୍ ଏକ୍କା ବିଜୟସୂଚକ ଗୋଲସ୍କୋର କରିଥିଲେ। ଅନ୍ୟ ଏକ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୩-୦ ଗୋଲରେ ଓଜିପି କ୍ଲବକୁ ହରାଇଥିଲା ।

ଓଡ଼ିଶା ମହିଳା ଲିଗର ସମସ୍ତ ଲିଗ ପର୍ଯ୍ୟାୟ ମ୍ୟାଚ ଶେଷ ହୋଇଛି। ୬ଟି ଦଳ ସୁପରଲିଗ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଦଳ ଗୁଡିକ ହେଲେ ଓଡ଼ିଶା ପୋଲିସ, ନୀତା ଫୁଟବଲ ଏକାଡେମୀ, ତାରିଣି ଫୁଟବଲ ଏକାଡେମୀ, କିଟ୍/କିସ, ସ୍ପୋର୍ଟ୍ସ ଓଡ଼ିଶା ଏବଂ ଆଉଲ ମହିଳା ଫୁଟବଲ କ୍ଲବ। ଏତଦ ବ୍ୟତୀତ ସୁପରଲିଗ୍ ପର୍ଯ୍ୟାୟର ଖେଳସୂଚୀ ଫୁଟବଲ ଆସୋସିଏସନ୍ ଅଫ ଓଡ଼ିଶା ଜାରି କରିଛି। ୪ ତାରିଖରୁ ସୁପରଲିଗ୍ ପର୍ଯ୍ୟାୟରେ ଆରମ୍ଭ ହୋଇ ୧୪ ତାରିଖରେ ଶେଷ ହେବ।

# ଆଇପିଏଲ ଟଙ୍କାରେ ଋଣ ସୁଝିଲେ ମୁକୁଲ

ନୂଆଦିଲ୍ଲୀ,୩।୬(ଏଜେନ୍ସି): ୨୦୨୬ ଆଇପିଏଲ ସଂସ୍କରଣରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଚାମ୍ପିଅନ୍ ହୋଇଥିଲା । ଟୁର୍ଣ୍ଣାମେଣ୍ଟରେ ଅନେକ ନୂଆ ତାରକା ଉଭା ହୋଇଥିଲେ। ନିଜ ଦମରେ ମ୍ୟାଚ ଦେଖାଇଥିଲେ। ଏହି ତାରକାଙ୍କ ମଧ୍ୟରୁ ଜଣେ ହେଲେ ମୁକୁଲ ଚୌଧୁରୀ । ସେ ଲକ୍ଷ୍ନୌସୁପରଜ୍ୟାଣ୍ଟସ ପାଇଁ ଖେଳିଛନ୍ତି। ଗୋଟିଏ ମ୍ୟାଚରେ ଦଳକୁ ନିଶ୍ଚିତ ପରାଜୟରୁ ରକ୍ଷା କରି ବିଜୟ କରିଥିଲେ । ମୁକୁଲ ରାତାରାତି ଷ୍ଟାର ପାଲଟି ଥିଲେ। ଏହାସହ ଭାରତକୁ ଜଣେ ଫିନିସର ମିଳିଥିଲା। ଆଇପିଏଲ ପରେ ସେ ତାଙ୍କ ଋଣବୋଝରୁ ମୁକୁଳିଛନ୍ତି। ଏବେ ତାଙ୍କ ଉପରେ ଆର୍ଥିକ ବୋଝ ନାହିଁ। ଦୀର୍ଘ ଦିନ ଧରି ନେଇଥିବା ବ୍ୟାଙ୍କ ଲୋନକୁ ମଧ୍ୟ ସେ ସୁଝି ଦେଇଛନ୍ତି।

ମୁକୁଲଙ୍କୁ ଲକ୍ଷ୍ନୌ ୨ କୋଟି ୬୦ ଲକ୍ଷରେ କିଣିଥିଲା। ଆଇପିଏଲ ପରେ ସେ ଘରକୁ ଫେରିଛନ୍ତି। ଦୁଃଖରେ ନୁହେଁ ବରଂ ହସ ହସ ମନରେ । କାରଣ ସେ ନେଇଥିବା ସବୁଯାକ ବ୍ୟାଙ୍କ ଋଣ ସୁଝି ଦେଇଛନ୍ତି । ତାଙ୍କ ବାପା ଜଣେ ଶିକ୍ଷକ, ଜେଜେ ବାପା ସେନାବାହିନୀରେ ଥିଲେ। ତାଙ୍କ ପାଖରେ କେବଳ ଖଣ୍ଡେ ଜମି ଥିଲା। ଯାହାକୁ ବନ୍ଧା ପକାଇ ପରିବାର ଲୋକେ ବ୍ୟାଙ୍କରୁ ଲୋନ ନେଇଥିଲେ। ଦୀର୍ଘ ଦିନ ଧରି ସେମାନେ ଭଡ଼ା ଘରେ ରହୁଥିଲେ। ଏବେ କିନ୍ତୁ ସବୁ ଲୋନ ସୁଝି ଯାଇଛି । ଟି-୨୦ କ୍ରିକେଟରେ ଅନେକ ଚ୍ୟାଲେଞ୍ଜ



ରହିଛି। ଆଗରୁ ଇମ୍ପାକ୍ଟ ଖେଳାଳି ନିୟମ ନଥିଲା । ଏବେ ଦଳ ପାଖରେ ଅତିରିକ୍ତ ଅଲରାଉଣ୍ଡ ବିକଳ୍ପ ରହିଛି। ତେଣୁ ଦଳର ମାଇଣ୍ଡସେଟରେ ପରିବର୍ତ୍ତନ ହୋଇଛି ।

ପୂର୍ବରୁ କୌଣସି କ୍ରିକେଟ ଏକାଡେମୀରେ ଜଣେ କୋଚ ରହୁଥିଲେ। ତାଙ୍କ ଅଧିନରେ ୨୦ରୁ ୩୦ ଟ୍ରେନିଂ ନେଉଥିଲେ। ଏବେ ସପୋର୍ଟିଂ ଷ୍ଟାଫ ରହୁଛନ୍ତି। ଖୁବ କମ ବୟସରେ କ୍ରିକେଟ କୋଚିଂ ଦିଆଯାଉଛି। ବୈଭବ ହେଉଛନ୍ତି ଏହାର ବଡ଼ ଉଦାହରଣ। ଯୁବ ଖେଳାଳି ଆଇପିଏଲ ଏକ ଭଲ ପ୍ଲାଟଫର୍ମ। ସମସ୍ତ କ୍ରିକେଟର ଭାରତ ପାଇଁ ଖେଳିବାକୁ ଆଶା ରଖିଛନ୍ତି। ଆଇପିଏଲ ଏଥିପାଇଁ ବାଟ ଦେଖାଉଛି।

ମୁକୁଲ କ୍ରିକେଟ ଅଭ୍ୟାସ ପାଇଁ ସବୁଦିନ ଗୁରଗାଉଁରୁ ଭାରତପୁର ଯିବା ଆସିବା କରନ୍ତି। ରାତିରେ ବସରେ ଯିବାକୁ ପଡୁଥିଲେ। ବେଳେ ବେଳେ ସେ ଗୁରଗାଉଁରେ ରହୁଥିଲେ। ତାଙ୍କ ସହ ଭାଇ ମଧ୍ୟ ରହୁଥିଲେ। ସଂଘର୍ଷ ସହ ଏହା ତାଙ୍କ କଠିନ ପରିଶ୍ରମର ଫଳ ବୋଲି ମୁକୁଲ କହିଛନ୍ତି। ବାପା ବିବାହ କରିବା ପୂର୍ବରୁ ପୁଅକୁ କ୍ରିକେଟ କରିବେ ବୋଲି ଇଚ୍ଛା ରଖିଥିଲେ ଯାହାକୁ ସେ ପୂରଣ କରିଛନ୍ତି।

ମୁକୁଲ କହିଛନ୍ତି ରିଷଭ ପନ୍ତ, ମିଚେଲ ମାର୍ସଙ୍କ ଠାରୁ ଅନେକ କିଛି ଶିଖିଛନ୍ତି। କିପରି ମ୍ୟାଚକୁ ଭଲ ଭାବେ ଖେଳା ଯାଇପାରିବ ମିଚେଲ ମାର୍ସ ତାଙ୍କୁ କହୁଥିଲେ। ପନ୍ତ ମଧ୍ୟ ଭଲ ପରାମର୍ଶ ଦେଉଥିଲେ। ଆଗାମୀ ଦିନରେ ସେ ଦଳ ପାଇଁ ଜମାଣିଆ ପ୍ରଦର୍ଶନ କରି ପ୍ରତ୍ୟାବର୍ତ୍ତନ କରିବା ପାଇଁ ଆଶା ରଖିଛନ୍ତି।

## ଅନୁଗୁଳରେ ସିଏମ୍ ଟ୍ରଫି ଖୋ-ଖୋ ପ୍ରତିଯୋଗିତା ଉଦ୍‌ଘାଟିତ

ଅନୁଗୋଳ,୩।୬(ସବ୍ୟୁ): ଅନୁଗୋଳ ଷ୍ଟାଡିୟମ୍ ପରିସରରେ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ଅନ୍ତର୍ଗତ ସିଏମ୍ ଟ୍ରଫି ଜୋନାଲ ସ୍ତରୀୟ ଖୋ-ଖୋ ପ୍ରତିଯୋଗିତା–୨୦୨୬ର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, ନବରଙ୍ଗପୁର, ରାୟଗଡା, ଢେଙ୍କାନାଳ ଏବଂ ଆୟୋଜକ ଅନୁଗୋଳ ଜିଲ୍ଲା ସମେତ ମୋଟ ଆଠଟି ଜିଲ୍ଲାର ଦଳ ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ ଯୋଗଦେଇ କ୍ରୀଡ଼ାର ବିକାଶ ଏବଂ ଯୁବପିଢ଼ୀଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ ସୃଷ୍ଟି ଦିଗରେ ଏପରି ଆୟୋଜନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର, ଡେପୁଟି କଲେକ୍ଟର ମଧୁସ୍ମିତା ବିଶି, ଅନୁଗୋଳ ଜିଲ୍ଲା ଆଥଲେଟିକ୍ ଆସୋସିଏସନର ଉପସଭାପତି ଏମ୍. ମହାକୁଡ, ରାଜ୍ୟ ପର୍ଯ୍ୟବେକ୍ଷକ ଭୁବନ ମୋହନ ଦାସ ଏବଂ ଜିଲ୍ଲା ଆଥଲେଟିକ୍ ଆସୋସିଏସନର କୋଷାଧ୍ୟକ୍ଷ କିଶୋର କର ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିଭିନ୍ନ ଜିଲ୍ଲାର ଖେଳାଳିମାନେ ନିଜ ନିଜ ଜିଲ୍ଲାର ପତାକା ବହନ କରି ଆକର୍ଷଣୀୟ ମାର୍ଚ୍ଚ ପାଷ୍ଟ ପ୍ରଦର୍ଶନ କରିଥିଲେ। ଖେଳାଳିମାନଙ୍କର ଶୃଙ୍ଖଳିତ ପଦକ୍ଷେପ, ଦଳୀୟ ଏକତା ଏବଂ କ୍ରୀଡ଼ା ସ୍ପୃହା ଉପସ୍ଥିତ ଅତିଥି ଓ ଦର୍ଶକମାନଙ୍କ ମନକୁ ଆକୃଷ୍ଟ କରିଥିଲା। ଅନୁଗୋଳ ପୋଲିସ ଟ୍ରେନିଂ କଲେଜର ବ୍ୟାଣ୍ଡ ଦଳର ସୁମଧୁର ବାଦ୍ୟବାଦନ ମାର୍ଚ୍ଚ ପାଷ୍ଟକୁ ଅଧିକ ଗରିମାମୟ କରିଥିଲା। ଏହି ଜୋନାଲ ସ୍ତରୀୟ ପ୍ରତିଯୋଗିତାରେ ପ୍ରାୟ ତିନିଶହରୁ ଅଧିକ ଖେଳାଳି, ପ୍ରଶିକ୍ଷକ, ଅଫିସିଆଲ ଏବଂ କ୍ରୀଡ଼ା ପରିଚାଳନା ସହ ଜଡିତ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଛନ୍ତି। ଖୋ-ଖୋ ଖେଳ ମାଧ୍ୟମରେ ଯୁବ ପ୍ରତିଭାଙ୍କ ବିକାଶ ଓ ଗ୍ରାମାଞ୍ଚଳର କ୍ରୀଡ଼ାବିତମାନଙ୍କୁ ଏକ ବୃହତ୍ ମଞ୍ଚ ପ୍ରଦାନ କରିବା ଏହି ଆୟୋଜନର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପରିଶେଷରେ ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ ସମସ୍ତ ଅତିଥି, ଖେଳାଳି, କ୍ରୀଡ଼ା ଅଧିକାରୀ ଓ ଆୟୋଜକମାନଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ସମାପ୍ତ କରିଥିଲେ।

## ଲୁଣିସାହି ଇନଭିନସବୁଲ ଟିମ୍ ଚାମ୍ପିଅନ

ରଣପୁର,୩।୬(ସବ୍ୟୁ): ରଣପୁର ବ୍ଲକ ଅନ୍ତର୍ଗତ ବଜ୍ରକୋଟ ପଞ୍ଚାୟତ ଅଧୀନ ଭେରୁପଡା ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆଠାରେ ଦୀର୍ଘ ୨୦ଦିନ ଧରି ଚାଲି ଆସୁଥିବା ରଞ୍ଜନ ମିମୋରିଆଲ ପ୍ରିମିୟମ ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ତେବେ ଫାଇନାଲ ମ୍ୟାଚରେ ବାଉଁଶଗଡ଼ ପଞ୍ଚାୟତ ଅଧୀନ ଲୁଣି ସାହି ଇନଭିନସବୁଲ ଓ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଏକ ନମ୍ବର ୱାର୍ଡ଼-ସାନଗଡ଼ ଆଦି ୱାରିଅର୍ସ ପରସ୍ପରକୁ ଭେଟିଥିଲେ। ଏଥିରେ ଉଭୟ ଟିମ ମଧ୍ୟରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଲୁଣିସାହି ଇନଭିନ୍ସବୁଲ ଟିମ ୨-୧ରେ ବିଜୟୀ ଚମ୍ପିଆନ ହୋଇ ଟ୍ରଫି ହାସଲ କରିଥିଲେ । ଅଞ୍ଚଳର ବରିଷ୍ଠ ନେତା ତଥା ଆଇନଜୀବୀ ବନମାଳୀ ମହାପାତ୍ରଙ୍କ ଉଦ୍ୟମରେ ଅନୁଷ୍ଠିତ ପଞ୍ଚମ ବାର୍ଷିକୀ ରଞ୍ଜନ ମିମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଥିବା ବେଳେ ଉଦଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ପୂର୍ବତନ ରଣପୁର ବିଧାୟକ ସତ୍ୟ



ନାରାୟଣ ପ୍ରଧାନ, ନୟାଗଡ଼ ଜିଲା ପରିଷଦ ଚେୟାରମ୍ୟାନ ଦେବାଶିଷ ପଟ୍ଟନାୟକ, ବିଜେଡ଼ି ରାଜ୍ୟ ଯୁବ ସମ୍ପାଦକ ପ୍ରଫୁଲ୍ଲ କୁମାର ନାୟକ, ସମାଜସେବୀ ତ୍ରିନାଥ ବିଶ୍ୱାଳ, ସମିତି ସଭ୍ୟ ସୁଦର୍ଶନ ମାନସିଂହ, ଯୁବ ନେତା ପ୍ରଭାତ ପ୍ରଧାନ ଓ ସାମ୍ବାଦିକ ବ୍ରଜ ରଣସିଂହ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ଉଭୟ ଚମ୍ପିଆନ ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।

# ନେହେରା ହେବେ କୋଚ !

ନୂଆଦିଲ୍ଲୀ,୩।୬(ଏଜେନ୍ସି): ଭାରତୀୟ ଦଳର ସଫଳ କୋଚ ଗୌତମ ଗମ୍ଭୀରଙ୍କ ସ୍ଥାନ ନେଇପାରନ୍ତି ପୂର୍ବତନ ଦ୍ରୁତ ବୋଲର ଆଶିଷ ନେହେରା । ଟେଷ୍ଟ ଫର୍ମାଟରେ ବିଫଳ ହେଲେ ବି ଦିନିକିଆ ଓ ଟି-୨୦ କ୍ରିକେଟରେ ଗମ୍ଭୀର ଭାରତୀୟ ଦଳକୁ ସଫଳତାର ଶିଖରରେ ପହଞ୍ଚାଇଛନ୍ତି। ତାଙ୍କ ପ୍ରଶିକ୍ଷଣରେ ଦଳ ଟି-୨୦ ବିଶ୍ୱକପ ସହ ଚାମ୍ପିଅନ୍ସ ଟ୍ରଫି ଜିତିଛି ଭାରତ। ଏସବୁ ଭିତରେ କୋଚ ପରିବର୍ତ୍ତନ ନେଇ ଚର୍ଚ୍ଚା ହେଉଛି। ଟି-୨୦ରେ ଗମ୍ଭୀରଙ୍କ ସ୍ଥାନ ନିଯୁକ୍ତି କରିବାକୁ କିଛି ପୂର୍ବତନ ଖେଳାଳି ମତ ଦେଇଛନ୍ତି। କ୍ରିକେଟ ଭାଷ୍ୟକାର ସଞ୍ଜୟ ମଞ୍ଜରେକର କହିଛନ୍ତି ଆଶିଷ ନେହେରା ଭାରତୀୟ ଦଳର ଭଲ କୋଚ



ହୋଇପାରିବେ । ସେ ଏବେ ଗୁଜରାଟ ଟାଇଟନ୍ସର ମୁଖ୍ୟ କୋଚ ଅଛନ୍ତି । ଖୁବ କମ ଦିନରେ ଗୁଜରାଟ ଏକ ସଫଳ ଦଳ ଭାବେ ଉଭା ହୋଇଛି। ଦଳ ୩ଟି ସେମିଫାଇନାଲ ଖେଳିଥିବା ବେଳେ ଥରେ ଚାମ୍ପିଅନ ହୋଇଛି। ଆରମ୍ଭ ନେହେରା ଦଳର କୋଚ୍ ଅଛନ୍ତି। ଆଶିଷ ନେହେରା ଜଣେ ସ୍ମାର୍ଟ କ୍ରିକେଟର ଦଳରେ କଣ ତ୍ରୁଟି ରହୁଛି ତାହାକୁ ସେ ଭଲ ଭାବେ ସୁଧାରିବା ଜାଣିଛନ୍ତି। ଏପରି କୋଚଙ୍କୁ ମଞ୍ଜରେକର ବ୍ୟକ୍ତିଗତ ଭାବେ ଭଲ ପାଉଥିବା କହିଛନ୍ତି । ନେହେରା କେବଳ ଖେଳ ଉପରେ ଫୋକସ କରନ୍ତି କେବେ ହେଲେ କ୍ରେଡିଟ ନେବାକୁ ଚାହାନ୍ତି ନାହିଁ। ନେହେରା ଜଣେ ସାଧାରଣ ମଣିଷ। ଭାରତୀୟ ଦଳର ଏହି ପୂର୍ବତନ ଦ୍ରୁତ ବୋଲର କୋଚ୍ ହେବାକୁ ଯୋଗ୍ୟ ବୋଲି ମଞ୍ଜରେକର କହିଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ରୋଡ଼ପତ୍ର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ [illegible] / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ [illegible]ରେ ଯୋଗାଯୋଗ କରନ୍ତୁ।

## ଫିଟ୍‌ନେସ ଟେଷ୍ଟ ଦେବେ ହାର୍ଦ୍ଦିକ, ରୋହିତ



ନୂଆଦିଲ୍ଲୀ,୩।୬(ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ପୂର୍ବରୁ ବିସିସିଆଇ ଦୁଇ ତାରକା ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଓ ରୋହିତ ଶର୍ମାଙ୍କୁ ଫିଟନେସ ଟେଷ୍ଟ ଦେବାକୁ କହିଛନ୍ତି। ଅନ୍ତିମ ଏକାଦଶରେ ସ୍ଥାନ ପାଇବାକୁ ହେଲେ ଅଲରାଉଣ୍ଡର ହାର୍ଦ୍ଦିକ ଓ ରୋହିତ ଫିଟନେସ ଟେଷ୍ଟରେ ନିଜକୁ ପ୍ରମାଣିତ କରିବାକୁ ପଡିବ । ଜୁନ ୨ରୁ ଏକ ସପ୍ତାହ ପର୍ଯ୍ୟନ୍ତ ହାର୍ଦ୍ଦିକ ସିଓଇରେ ଫିଟ ହେବା ପାଇଁ ଆବଶ୍ୟକ ପଦକ୍ଷେପ ନେବେ। ଏହି ସମୟ ମଧ୍ୟରେ ଫିଟନେସ ଡ୍ରିଲ, ଫିଜିକାଲ ଆସେସମେଣ୍ଟ ପର୍ଯ୍ୟାୟ ଦେଇ ଯିବାକୁ ହେବ। ସବୁ କିଛି ସନ୍ତୋଷଜନକ ହେଲେ ଖେଳିବା ପାଇଁ ମଞ୍ଜୁରୀ ମିଳିବ । ଆଇପିଏଲରେ ସମୟରେ ହାର୍ଦ୍ଦିକ ପିଠି ସମସ୍ୟା ଯୋଗୁଁ କିଛି ମ୍ୟାଚ ଖେଳିନଥିଲେ । ସେ ଗତ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଫାଇନାଲ ଖେଳିଥିଲେ । ଏହାପରଠୁ ସେ ଆଉ ଭାରତୀୟ ଦିନିକିଆ ଦଳରେ ସ୍ଥାନ ପାଇନାହାନ୍ତି । ରୋହିତ ମଧ୍ୟ ଆଇପିଏଲ ସମୟରେ ଆହତ ହୋଇଥିବାରୁ ତାଙ୍କୁ ଫିଟନେସ ଟେଷ୍ଟ ପାସ କରିବାକୁ ପଡିବ । ଜୁନ ୧୩ରୁ ଧର୍ମଶାଳାରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବ ।

## ମା’ ମଙ୍ଗଳା କ୍ରିକେଟ କ୍ଲବ ଚାମ୍ପିଅନ

ଫୁଲନଖରା,୩।୬(ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ ମହାଧରପଡା ମେଡିକାଲ ଖେଳ ପଡ଼ିଆରେ ଆୟୋଜିତ ଦୁଇଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଶକ୍ତିଶାଳୀ ଦଳ ଅଂଶଗ୍ରହଣ କରି ପରସ୍ପର ମଧ୍ୟରେ ରୋମାଞ୍ଚକର ମୁକାବିଲା କରିଥିଲେ । ପ୍ରତ୍ୟେକ ମ୍ୟାଚ୍ରେ ଖେଳାଳିମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ, ଚମତ୍କାର ବ୍ୟାଟିଂ, ଶୃଙ୍ଖଳିତ ବୋଲିଂ ଏବଂ ଦର୍ଶନୀୟ ଫିଲ୍ଡିଂ ଉପସ୍ଥିତ ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା । ଯୁବ ସଂଗଠକ ଦିଲ୍ଲୀପ ଦାସଙ୍କ ନେତୃତ୍ୱରେ ଏହି କ୍ରୀଡ଼ା ଆୟୋଜନକୁ ସୁଚାରୁରୂପେ ପରିଚାଳନା କରାଯାଇଥିଲା । ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାରେ ବଟୁ ଭୋଇ, ପବିତ୍ର ଭୋଇ, ରାଜେଶ ଭୋଇ, ବିକ୍ରମ ଭୋଇ, ରାକେଶ ବେହେରା, ବିରଞ୍ଚି ବେହେରା ଓ ଗୁନି ସ୍ୱାଇଁ ପ୍ରମୁଖ ସକ୍ରିୟ ଭାବେ ସହଯୋଗ କରିଥିଲେ । ସେମାନଙ୍କ ନିଷ୍ଠା ଓ ସମନ୍ୱୟ ଯୋଗୁଁ ସମସ୍ତ ମ୍ୟାଚ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା । ଫାଇନାଲ ମ୍ୟାଚ୍ରେ ଦୁଇ ଶକ୍ତିଶାଳୀ ଦଳ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା । ଶେଷରେ ମା’ ମଙ୍ଗଳା କ୍ରିକେଟ କ୍ଲବ ନିଜର ଦମଦାର ପ୍ରଦର୍ଶନ ବଳରେ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଥିଲା । ବିଜେତା ଦଳକୁ



ଆକର୍ଷଣୀୟ ଟ୍ରଫି ସହ ନଗଦ ୪,୫୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ଅନ୍ୟପକ୍ଷରେ ଜଗନ୍ନାଥ ୱାରିଅର୍ସ ଉପବିଜେତା ହୋଇ ଟ୍ରଫି ସହ ନଗଦ ୩,୫୦୦ ଟଙ୍କା ପୁରସ୍କାର ଗ୍ରହଣ କରିଥିଲେ । ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଓ ପୁରସ୍କାର ବିତରଣୀ ଉତ୍ସବରେ ବିଶିଷ୍ଟ ସମାଜସେବୀ ତଥା ଶିଳ୍ପପତି କିଶୋର ଚନ୍ଦ୍ର ଜେନା, ମଣ୍ଡଳ ସଭାପତି ଅଶ୍ୱିନୀ କାଣ୍ଡି ଏବଂ ପଞ୍ଚାୟତ ସଭାପତି ପ୍ରଶାନ୍ତ କୁମାର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିବା ସହ ଖେଳାଳିମାନଙ୍କ ଉତ୍ସାହକୁ ପ୍ରଶଂସା କରିଥିଲେ ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି